# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୭/୨୦୨୦ (୧୨ ପୃଷ୍ଠା) Sambalpur, Friday, March 27 / 2020

୧୬ଶ ଭାଗ ୧୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹ ୪/-



ଅନ୍‌ଲାଇନ୍‌ରେ ପଢନ୍ତୁ ଧରିତ୍ରୀ DHARITRI www.dharitriepaper.in www.dharitri.com




ଇନ୍‌ଷ୍ଟାଗ୍ରାମରୁ ଫଟୋ ଡିଲିଟ୍ କଲେ କନିକା କପୁର

ବଲିଉଡ୍ ଗାୟିକା କନିକା କପୁର କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଫଟୋଟିକୁ ଡିଲିଟ୍ କରିଦେଇଛନ୍ତି।

୧୦

୧୨ ଆଇସୋଲେଶନରେ ଆନ୍ଥୋନୀ ଜୋଶୁଆ



## ପୋଲିସକୁ ଦେଖି ଦୌଡ଼ିବା ବେଳେ ଜୀବନ ଗଲା

**ଗୋପାଳପୁର,୨୬।୩:** କରୋନା ପାଇଁ ସାରା ରାଜ୍ୟକୁ ଲକ୍‌ଡାଉନ୍ କରାଯାଇଛି। ଏହି ସମୟରେ କୌଣସି ଜରୁରୀ କାମ ନ ଥାଇ ବାହାରକୁ ବାହାରିଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉଛି। ସେହିପରି ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋପାଳପୁର ଅଞ୍ଚଳର ଜଣେ ବ୍ୟକ୍ତି ବେଳାଭୂମିରେ ପୋଲିସକୁ ଦେଖି ଦୌଡ଼ି ପଳାଉଥିବା ବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଜି. ପଲେୟା (୫୯)। ଗୁରୁବାର ମଧ୍ୟାହ୍ନରେ ଗୋପାଳପୁର ବେଳାଭୂମି ତଣ୍ଡା ନିକଟରେ କେତେଜଣ ମତ୍ସ୍ୟଜୀବୀ ବସିଥିଲେ। ସେଠାରୁ ପ୍ରାୟ ୨୦୦ ମିଟର ଦୂରକୁ ପଲେୟା ଶୌଚ ହେବାକୁ ଯାଇଥିଲେ। ଲକ୍‌ଡାଉନ୍ ପାଇଁ ଗୋପାଳପୁର ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ପୋଲିସକୁ ଦେଖି ମତ୍ସ୍ୟଜୀବୀମାନେ ଦୌଡ଼ିଥିଲେ । ଏହା ଦେଖି ପଲେୟା ମଧ ଦୌଡ଼ିଥିଲେ। କିଛି ଦୂର ଯିବା ପରେ ସେ ଚେତାଶୂନ୍ୟ ହୋଇ ☞ପୃଷ୍ଠା–୪



ନୂଆଦିଲ୍ଲୀର ନିଗମବୋଧ ଘାଟ ନିକଟ ରାସ୍ତାରେ ଭିଡ଼ ଜମାଇଥିବା ବାସହୀନ ଓ ଦିନ ମଜୁରିଆଙ୍କୁ ପୋଲିସ ଘଉଡ଼ାଉଛି।

## ଖବରକାଗଜ ବିତରଣ ସୁବିଧା ହେଲା


■ ବିତରଣ ପାଇଁ ୪ଘଣ୍ଟା, ବିକ୍ରି ପାଇଁ ଘଣ୍ଟାଏ

■ ଖବରକାଗଜ ନେଉଥିବା ଯାନ କଟକଣା ମୁକ୍ତ

■ ହକରମାନେ ଭୋର ୪ଟାରୁ ୭ଟା ମଧ୍ୟରେ ବାଣ୍ଟିବା କାର୍ଯ୍ୟ ସାରିବେ।

ଭୁବନେଶ୍ୱର,୨୬।୩(ବ୍ୟୁରୋ)

କରୋନା(କୋଭିଡ୍–୧୯)ର ଭୟାବହତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ଖବରକାଗଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକମାନଙ୍କୁ ସଚେତନ କରିବା ସହ ସେମାନଙ୍କ ନିକଟରେ ଖବର ଓ ବାର୍ତ୍ତା ଦେବାରେ ଖବରକାଗଜ ଗୁରୁ ଦାୟିତ୍ୱ ବହନ କରୁଛି। କଟକଣା ଯୋଗୁ ଖବରକାଗଜ ବଣ୍ଟନରେ ବାଧା ସୃଷ୍ଟି ହୋଇଛି। ଖବରକାଗଜ



GOVERNMENT OF ODISHA
Information & Public Relations Department
**********
No. COVID-17(C-1)/IPR, BBSE, Dtd. 26/03/2020

OFFICE ORDER

Keeping in view the role and responsibility of the newspapers and the essential services they provide for dissemination of important messages and news items, Government have been pleased to issue the following guidelines for smooth lifting and distribution of newspaper.

1. The vehicles carrying the News prints and Newspapers, being essential service, is allowed to ply without any obstruction.
2. The sale counter for the Newspapers, also being essential service, will be allowed to operate from 7AM to 8AM.
3. The hawkers will be allowed to move to the lifting point and for distribution of the newspaper between 4AM to 7AM.

All precautions as per advisory relating to COVID-19 issued by the Government such as social distancing, hand washing etc. may be strictly followed.

Commissioner-cum-Secretary

Memo No. COVD-17(C-2) Dtd. 26/03/2020

Copy to all Collectors/SPs for information and necessary action.

Director

Memo No. COVD-17(C-3) Dtd. 26/03/2020


Copy to all DI&PROs for information and necessary action.

Director

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଖବରକାଗଜର ସହଜ ବିତରଣ ନେଇ ପ୍ରକାଶ ପାଇଥିବା ନିୟମାବଳୀ।

ପରିବହନ କରୁଥିବା ଗାଡି ଏବଂ ହକରମାନଙ୍କୁ ଖବରକାଗଜ ବାଣ୍ଟିବା ନେଇ ଅନୁମତିଦିଆଯାଉ ନ ଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖବରକାଗଜ ବଣ୍ଟନ କାର୍ଯ୍ୟରେ ନିୟୋଜିତ ଗାଡି ଓ ହକରମାନଙ୍କୁ କଟକଣା ମୁକ୍ତ କରିଛନ୍ତି। ଏହାକୁ ଜରୁରୀ ସେବାଭୁକ୍ତ କରିବା ସହ ଏ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ଗାଇଡ୍‌ଲାଇନ ଜାରି କରାଯାଇଛି। ଖବରକାଗଜ ନେଇ ଯାଉଥିବା ଗାଡିଗୁଡିକୁ କୌଣସି ସ୍ଥାନରେ ଅଟକାଯିବ ନାହିଁ। ସେହିପରି ଖବରକାଗଜ ବଣ୍ଟନ ଦାୟିତ୍ୱରେ ଥିବା ହକରମାନଙ୍କୁ ବିଭିନ୍ନ ବିତରଣ କେନ୍ଦ୍ରରୁ ଖବରକାଗଜ ଉଠାଇବା ଓ ବାଣ୍ଟିବା ପାଇଁ ୪ ଘଣ୍ଟା ସମୟ ଦିଆଯାଇଛି। ହକରମାନେ ଭୋର ୪ଟାରୁ ୭ଟା ମଧ୍ୟରେ ଏହି ବଣ୍ଟନ କାର୍ଯ୍ୟ ସମ୍ପାଦନ କରିବାକୁ ଗାଇଡଲାଇନରେ ଉଲ୍ଲେଖ କରାଯାଇଛି। ଏହାଛଡା ଖବରକାଗଜ ବିକ୍ରି ପାଇଁ ସକାଳ ୭ଟାରୁ ୮ ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି। ତେବେ ସରକାରଙ୍କ ଦ୍ୱାରା କୋଭିଡ୍–୧୯ ପାଇଁ ଜାରି କରାଯାଇଥିବା ନୀୟମାବଳୀ ଅନୁଯାୟୀ କାର୍ଯ୍ୟରତ ବେଳେ ହକର ଓ ଯାନବାହନ ଚାଳକ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ନିଜ ହାତକୁ ସାନିଟାଇଜ କରିବାକୁ ପରାମର୍ଶ ଦିଆଯାଇଛି।

# ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା



### କୋଭିଡ୍-୧୯ ମୁକାବିଲା

■ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୩ ମାସ ଯାଏ ଅତିରିକ୍ତ ୫ କେଜି ଖାଦ୍ୟଶସ୍ୟ ଓ ୧ କେଜି ଡାଲି ମାଗଣା

■ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ବିଧବାଙ୍କ ଲାଗି ୧୦୦୦ ଟଙ୍କା ଅତିରିକ୍ତ ଭତ୍ତା

■ ପିଏମ୍-କିଷାନ ହିତାଧିକାରୀଙ୍କୁ ଏପ୍ରିଲରେ ୨୦୦୦ ଟଙ୍କା

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରୀ ବୃଦ୍ଧି

■ ୩ ମାସ ଯାଏ ଇପିଏଫ୍ ଅଂଶ ସରକାର ଭରିବେ

ନୂଆଦିଲ୍ଲୀ,୨୬।୩

କରୋନା ଭୂତାଣୁର ମୁକାବିଲା ଲାଗି ସରକାର ଲକ୍‌ଡାଉନ୍ ଘୋଷଣା କରିଥିବାରୁ ଏହାଦ୍ୱାରା ଗରିବ, ଖଟିଖିଆଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା କାମଧନ୍ଦା ହରାଇ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହି ସଙ୍କଟର ମୁକୁଳିବା ଲାଗି କେନ୍ଦ୍ର ସରକାର ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି। ଏଥିସହିତ ଦିନରାତି କରୋନା ବିରୋଧରେ ଲଢ଼ି ଚିକିତ୍ସା ସେବା ଯୋଗାଇ ଦେଉଥିବା ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଅର୍ଥମନ୍ତ୍ରୀ 'କରୋନା ଯୋଦ୍ଧା' ଭାବେ ଅଭିହିତ କରିବା ସହିତ ସେମାନଙ୍କ ଲାଗି ୫୦ ଲକ୍ଷ ଟଙ୍କାର ବୀମା ଘୋଷଣା କରିଛନ୍ତି।

ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଶନ କାର୍ଡଧାରୀମାନଙ୍କୁ ଆଗାମୀ ୩ ମାସ ପାଇଁ ପ୍ରତିମାସର ରାଶନ ସହିତ ଜଣପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ କିମ୍ବା ଗହମ ଏବଂ ପରିବାର ପିଛା ୧ କିଲୋଗ୍ରାମ ଡାଲି ମାଗଣାରେ ଯୋଗାଇ ଦିଆଯିବ। ଏହାଦ୍ୱାରା ଦେଶର ୮୦ କୋଟି ଲୋକ ଉପକୃତ ହେବେ ବୋଲି ପ୍ୟାକେଜ ଘୋଷଣା କରିବା ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ହିତାଧିକାରୀମାନଙ୍କୁ ଏପ୍ରିଲ ପ୍ରଥମ ସପ୍ତାହରେ ଅତିରିକ୍ତ ୨୦୦୦ ଟଙ୍କା ଯୋଗାଇ ଦିଆଯିବ। ଏହି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ମନରେଗା ଯୋଜନାରେ ମଜୁରୀ ବଢ଼ାଇଛନ୍ତି ଅର୍ଥମନ୍ତ୍ରୀ। ବର୍ତ୍ତମାନ ମଜୁରୀ ୧୮୨ ଟଙ୍କା ଥିବାବେଳେ ଏହାକୁ ୨୦୨ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଗରିବ, ବିଧବା, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଲାଗି ୧୦୦୦ ଟଙ୍କାର ଅତିରିକ୍ତ ଭତ୍ତା ଘୋଷଣା କରାଯାଇଛି, ଯାହା ଦୁଇଟି କିସ୍ତିରେ ମିଳିବ। ମହିଳା ଜନଧନ ଯୋଜନାରେ ଆଗାମୀ ତିନିମାସ ଯାଏ ପ୍ରତି ମାସରେ ୫୦୦ ଟଙ୍କା ସହାୟତା ଘୋଷଣା କରାଯାଇଛି। ଏହା ହିତାଧିକାରୀଙ୍କ ଜନଧନ ଆକାଉଣ୍ଟକୁ ଆସିବ। ଏହି ଯୋଜନାରେ ୨୦.୫ କୋଟି ମହିଳା ସହାୟତା ପାଇପାରିବେ। ସେହିପରି ଉଜ୍ଜ୍ୱଳା ଯୋଜନାରେ ଏଲ୍‌ପିଜି ସଂଯୋଗ ପାଇଥିବା ହିତାଧିକାରୀଙ୍କୁ ଆଗାମୀ ୩ ମାସ ମଧ୍ୟରେ ମାଗଣାରେ ସିଲିଣ୍ଡର ଯୋଗାଇ ଦିଆଯିବ। ଏହାଦ୍ୱାରା ୮.୩ କୋଟି ମହିଳା ଉପକୃତ ହେବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଲାଗି ମଧ ସହାୟତା ଘୋଷଣା କରାଯାଇଛି। ସେମାନଙ୍କୁ ବିନା ଗ୍ୟାରେଣ୍ଟିରେ ୨୦ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯିବ। ପୂର୍ବରୁ ଏହି ଋଣ ସୀମା ୧୦ ଲକ୍ଷ ଟଙ୍କା ଥିଲା। ସେହିପରି ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କ ନିଯୁକ୍ତିଦାତାଙ୍କ ପାଇଁ ଆଗାମୀ ୩ ମାସ ଯାଏ ଇପିଏଫ୍ ଅର୍ଥ ☞ପୃଷ୍ଠା–୪

### ଡାକ୍ତର, ନର୍ସଙ୍କ ଲାଗି ୫୦ ଲକ୍ଷ ବୀମା

ନୂଆଦିଲ୍ଲୀ,୨୬।୩(ଆଇଏଏନ୍‌ଏସ୍)

କରୋନା ବିରୋଧରେ ଲଢ଼େଇ କରୁଥିବା ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଲାଗି ଗୁରୁବାର ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍। ସେମାନଙ୍କୁ ଅର୍ଥମନ୍ତ୍ରୀ 'କୋଭିଡ୍ ଯୋଦ୍ଧା' କହିବା ସହ ୫୦ ଲକ୍ଷର ଟଙ୍କାର ବୀମା ଘୋଷଣା କରିଛନ୍ତି। ଏହି ଯୋଜନାରୁ ୨୦ ଲକ୍ଷ ସ୍ୱାସ୍ଥ୍ୟ କର୍ମଚାରୀ ଉପକୃତ ହୋଇପାରିବେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କୁ ଉଚ୍ଚ ପ୍ରଶଂସା କରି ସୀତାରାମନ୍ ସେମାନଙ୍କୁ 'ଧଳା ପୋଷାକରେ ଭଗବାନ' ବୋଲି କହିଥିଲେ। ବିଭିନ୍ନ ଦେଶରେ କରୋନା ରୋଗୀଙ୍କ ଚିକିତ୍ସା କରୁଥିବା ଡାକ୍ତର ଓ ନର୍ସ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବୀମା ସହାୟତା ଘୋଷଣା କରାଯାଇଛି।

**ଆଜିର ସମ୍ପାଦକୀୟ**

**ଶେଷରେ ରୁଟିଚୁକ୍ତା**

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଆର୍ଥିକ ପ୍ୟାକେଜ୍ ସ୍ୱାଗତଯୋଗ୍ୟ। ଏହା ପ୍ରଥମ ସଠିକ୍ ପଦକ୍ଷେପ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


Vencobb FRESH CHICKEN

26.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 62 | 109 | 119 |
| BMP | 64 | 111 | 121 |

*Conditions Apply

Issued in the Interest of Consumers


## ଓଡ଼ିଶାରେ ତୃତୀୟ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଓଡ଼ିଶାରେ ତୃତୀୟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ରାଜ୍ୟରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ଗୁରୁବାର ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟର ଜରିଆରେ ସୂଚନା ଦିଆଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ସନ୍ଧାନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟରେ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଆଉ ଜଣେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଦୁଇଜଣ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରଥମ ଆକ୍ରାନ୍ତ ଜଣକ ଇଟାଲୀରୁ ଆସିଥିଲେ। ସେ ଦିଲ୍ଲୀରୁ ଭୁବନେଶ୍ୱର ଟ୍ରେନ୍ ଯୋଗେ ଆସିଥିଲେ। ଦ୍ୱିତୀୟ ଆକ୍ରାନ୍ତ ଜଣଙ୍କ ବ୍ରିଟେନ୍‌ରୁ ଆସିଥିଲେ। ତୃତୀୟ ଆକ୍ରାନ୍ତ ଜଣଙ୍କ ମଧ ବିଦେଶରୁ ଆସିଥିବା ସନ୍ଦେହ କରାଯାଉଛି। ପ୍ରକାଶ ଯେ, ଇତିମଧ୍ୟରେ ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୪,୨୪୯ଜଣ ୧୦୪ ହେଲ୍‌ପ ଲାଇନ୍ ଏବଂ ପୋର୍ଟାଲ ଜରିଆରେ ପଞ୍ଜୀକରଣ କରିଛନ୍ତି। ଏଭଳିସ୍ଥିତିରେ ରାଜ୍ୟରେ ତୃତୀୟ କରୋନା ପିଜିଟିଭ୍ ଖବର ମିଳିବା ପରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଗଲାଣି। ଅନେକ ଲୋକ ସୋସିଆଲ ମିଡିଆରେ ଲକ୍‌ଡାଉନ୍‌କୁ ମାନି ଘରେ ରହିବା ସହ ନିଜକୁ ଓ ନିଜ ପରିବାରବର୍ଗଙ୍କୁ ସୁରକ୍ଷିତ ରହିବା ପାଇଁ ଅନୁରୋଧ କଲେଣି। ଅନ୍ୟପଟେ ଓଡ଼ିଶାରେ ସଂକ୍ରମଣ ଚିହ୍ନଟ ହୋଇଥିବା ୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଉଭୟ ହସ୍ପିଟାଲ୍‌ରେ ଦିଆଯାଉଥିବା ଖାଦ୍ୟ ଖାଉଛନ୍ତି। ଉଭୟଙ୍କ ସଂସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ୫୫ଜଣ ଆସିଥିବା ତଥ୍ୟ ମିଳିଛି। ସମସ୍ତଙ୍କ ସହ ଯୋଗାଯୋଗ ହୋଇସାରିଛି। ଭୁବନେଶ୍ୱରରେ ୧୦ଟି ମନିଟରିଂ ଟିମ୍ ସମେତ ସାରା ରାଜ୍ୟରେ ୧୦୦ଟି ମନିଟରିଂ ଟିମ୍ ଏଥିପାଇଁ କାର୍ଯ୍ୟ କରୁଛନ୍ତି। କୋଭିଡ୍–୧୯ରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୩୪ ଜଣଙ୍କୁ ଡାକ୍ତରଖାନାରେ ଆଇସୋଲେଶନ୍‌ରେ ରଖାଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


## ୧୫ ଦିନରେ ଭୁବନେଶ୍ୱରରେ ୨ କୋଭିଡ୍-୧୯ ହସ୍ପିଟାଲ

### ଦେଶରେ ପ୍ରଥମ

■ ଘରୋଇ ହସ୍ପିଟାଲ ସହାୟତାରେ ପ୍ରସ୍ତୁତ ହେବ ୧୦୦୦ ବେଡ୍

■ ଆର୍ଥିକ ସହାୟତା କରିବେ ଓଏମ୍‌ସି, ଏମ୍‌ସିଏଲ୍

■ କିମ୍ସ, ସମ୍ ସହ ଏମ୍‌ଓୟୁ ସ୍ୱାକ୍ଷରିତ



ଭୁବନେଶ୍ୱର,୨୬।୩(ବ୍ୟୁରୋ)

କରୋନା ଭୂତାଣୁ(କୋଭିଡ୍–୧୯) ସଂକ୍ରମଣ ସଂଖ୍ୟା ଦେଶରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଘରୋଇ ହସ୍ପିଟାଲ ସହାୟତାରେ କରୋନା ରୋଗୀଙ୍କ ପାଇଁ ମୋଟ ୧ ହଜାର ବେଡ୍ ବିଶିଷ୍ଟ ୨ଟି କୋଭିଡ–୧୯ ହସ୍ପିଟାଲ ସ୍ଥାପନ କରିବେ। ଏନେଇ ୨ଟି ତ୍ରିପାକ୍ଷିକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଓଡ଼ିଶା ଖଣି ନିଗମ (ଓଏମ୍‌ସି), ରାଜ୍ୟ ସରକାର ଓ କିମ୍ସ ହସ୍ପିଟାଲ ମଧ୍ୟରେ ଏବଂ ଅନ୍ୟଟି ଏମ୍‌ସିଏଲ୍, ରାଜ୍ୟ ସରକାର ଓ ସମ୍ ହସ୍ପିଟାଲ ମଧ୍ୟରେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଲୋକସେବା ଭବନଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳ, ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଓ କିମ୍ସ ମ୍ୟାନେଜମେଣ୍ଟ ମଧ୍ୟରେ ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସେହିପରି ସ୍ୱାସ୍ଥ୍ୟ ସଚିବ, ଏମ୍‌ସିଏଲ୍‌ର ଅଧିକାରୀ ଏସ୍.ଏସ୍. ପଣ୍ଡା ଏବଂ ସମ୍ ହସ୍ପିଟାଲ ମ୍ୟାନେଜମେଣ୍ଟ ୫୦୦ ଶଯ୍ୟା ବିଶିଷ୍ଟ ଆଉ ଏକ ହସ୍ପିଟାଲ(ଆଇସିୟୁ ବ୍ୟବସ୍ଥା ସହ) ପାଇଁ ଏମ୍‌ଓୟୁ କରିଛନ୍ତି। ଏହି ୨ କୋଭିଡ୍–୧୯ ହସ୍ପିଟାଲ ପାଇଁ ଓଏମ୍‌ସି ଏବଂ ଏମ୍‌ସିଏଲ୍ ସେମାନଙ୍କ କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ ପାଣ୍ଠି(ସିଏସ୍‌ଆର)ରୁ ସମସ୍ତ ଖର୍ଚ୍ଚ ବହନ କରିବେ। ଆସନ୍ତା ୧୫ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଏହା କାର୍ଯ୍ୟକ୍ଷମ ହେବ। ସମଗ୍ର ଦେଶରେ ୧ ହଜାର କୋଭିଡ୍–୧୯ ରୋଗୀଙ୍କ ପାଇଁ ହସ୍ପିଟାଲ ବ୍ୟବସ୍ଥା କରିବାରେ ଓଡିଶା ହେଉଛି ପ୍ରଥମ ରାଜ୍ୟ। ଏ ନେଇ ମୁଖ୍ୟମନ୍ତ୍ରୀ ଓଏମ୍‌ସି ଓ ଏମ୍‌ସିଏଲ୍‌କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ଆମେରିକା ଓ ଇଟାଲି ଭଳି ବିକଶିତ ଦେଶରେ ଉନ୍ନତ ସ୍ୱାସ୍ଥ୍ୟସେବା ଥିବା ସତ୍ତ୍ୱେ କରୋନା ମୁକାବିଲା କରିବାରେ ସେମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ତ୍ୱରିତ୍ ବେଗରେ ରାଜ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କରୋନା ରୋଗୀ ଓ ସନ୍ଦିଗ୍ଧଙ୍କୁ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଏଭଳି ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଏମ୍‌ଓୟୁ ବେଳେ ଏମ୍‌ପି ଅଚ୍ୟୁତ ସାମନ୍ତ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫–ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୭ ମାର୍ଚ୍ଚ, ୨୦୨୦

## ମିଥ୍ୟା ଖବର ଛାପିବାରୁ ମାମଲା

କୋଭିଡ୍-୧୯କୁ ନେଇ ମିଥ୍ୟା ଖବର ଛାପିବା ଅଭିଯୋଗରେ ଜମ୍ମୁ-କଶ୍ମୀରରୁ ପ୍ରକାଶିତ ଏକ ଉର୍ଦ୍ଦୁ ଖବରକାଗଜର ମାଲିକଙ୍କ ବିରୋଧରେ ମାମଲା ଦାଏର ହୋଇଛି। ପୁଞ୍ଚ୍‌ର ୬ ଜଣଙ୍କଠାରେ କରୋନା ଭାଇରସ୍ ପଜିଟିଭ୍ ବାହାରିଥିବା ତାଙ୍କ ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇଯାଇଥିଲେ। ଏଥିଲାଗି ସମ୍ପୃକ୍ତ ଖବରକାଗଜ ମାଲିକ ଓ ଖବରଦାତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।



### ସଂକ୍ଷେପରେ

## ଆର୍ଥିକ ପ୍ୟାକେଜ୍‌କୁ ରାହୁଲଙ୍କ ପ୍ରଶଂସା

କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ୟାକେଜ ଘୋଷଣାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶଂସା କରିଛନ୍ତି। କରୋନା ସଂକ୍ରମଣର ମୁକାବିଲା ପାଇଁ ଚାଲିଥିବା ଲକ୍‌ଡାଉନ୍ ସମୟର ବୋଝ ସହୁଥିବା କୃଷକ, ଦିନ ମଜୁରିଆ, ମହିଳା ଓ ବରିଷ୍ଠ ନାଗରିକମାନଙ୍କ ନିକଟରେ ଭାରତ ଋଣୀ। ଏପରି ସମୟରେ ସରକାରଙ୍କ ପ୍ୟାକେଜ୍ ଘୋଷଣା ଉଚିତ ଦିଗରେ ପ୍ରଥମ ପଦକ୍ଷେପ ବୋଲି ରାହୁଲ ଟୁଇଟ୍ କରିଛନ୍ତି।

## ୧୮ ମୁଖ୍ୟମନ୍ତ୍ରୀଙ୍କୁ ମମତାଙ୍କ ଚିଠି

୨୧ ଦିନିଆ ଲକ୍‌ଡାଉନ୍ ଚାଲିଥିବାବେଳେ ପଶ୍ଚିମବଙ୍ଗର ଲୋକେ ଦେଶର ବିଭିନ୍ନ ରାଜ୍ୟରେ ଫସିରହିଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଚିଠି ଲେଖି ଅନୁରୋଧ କରିଛନ୍ତି।



ଆମେରିକାର ଲାସ୍ ଭେଗାସ୍‌ରେ ଜଣେ ଶ୍ରମିକ ଖେଳ ପଡ଼ିଆରେ ସ୍ପ୍ରେ କରି କୀଟାଣୁ ମୁକ୍ତ କରୁଛନ୍ତି।

# ଜି-୨୦ ଜରୁରୀ ସମ୍ମିଳନୀରେ ଅର୍ଥ ଚିନ୍ତା

### ବିଶ୍ୱ ଅର୍ଥନୀତିରେ ସ୍ଥିରତା ଆଣିବା ପାଇଁ ୫ ଟ୍ରିଲିୟନ ଡଲାର ପ୍ରୋତ୍ସାହନ

ରିୟାଦ/ନୂଆଦିଲ୍ଲୀ, ୨୬।୩

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ସାରା ବିଶ୍ୱକୁ କବଳିତ କରିଛି। ଏହି ପରିପ୍ରେକ୍ଷୀରେ ଜି-୨୦ ରାଷ୍ଟ୍ର ସମୂହର ଜରୁରୀ ସମ୍ମିଳନୀ ଗୁରୁବାର ସୌଦି ଆରବର ରିୟାଦରେ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ୍-୧୯ରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଶ୍ୱ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। କରୋନା ମହାମାରୀ ସଂକ୍ରମଣ ପରିପ୍ରେକ୍ଷୀରେ ମାନବ ଜାତିର ସ୍ୱାର୍ଥକୁ ପ୍ରଥମେ ଗୁରୁତ୍ୱ ଦେବା ପାଇଁ ମୋଦି ଆହ୍ୱାନ ଦେଇଛନ୍ତି। ଏହି ସଙ୍କଟ ଆରମ୍ଭ ହେବାର ୩ ମାସ ପରେ ସମନ୍ୱିତ ଭାବେ ଏକାଠି କାର୍ଯ୍ୟ କରିବା ପାଇଁ ବିଶ୍ୱ ଚିନ୍ତା କରୁଥିବା ସେ କହିଛନ୍ତି।

ସାମ୍ପ୍ରତିକ ସ୍ଥିତିରେ ଭୋଭିଡ୍-୧୯ର ଭୟାବହତା ଚାରିଆଡ଼େ ଦେଖିବାକୁ ମିଳିଛି। ଏଥିଯୋଗୁ ବିଶ୍ୱ ଅର୍ଥନୀତି ଦୋହଲିଯାଇଛି। ଏହାର ମୁକାବିଲା କରି ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ସ୍ଥିରତା ବଜାୟ ରଖିବା ପାଇଁ ୫ ଟ୍ରିଲିୟନ୍ ଡଲାର ପ୍ରୋତ୍ସାହନ ଦେବା ଲାଗି ବିଶ୍ୱନେତାମାନେ ସ୍ଥିର କରିଛନ୍ତି। ଉକ୍ତ ବୈଠକରେ ସୌଦି ରାଜା ସଲମାନ ବିନ୍ ଅବ୍‌ଦୁଲ୍ ଅଜିଜ୍ ଅଲ-ସଉଦ୍ ଅଧ୍ୟକ୍ଷତା କରି ବିଶ୍ୱନେତାମାନଙ୍କୁ ସମ୍ବୋଧିତ କରିଛନ୍ତି। ଏଭଳି ମାନବିକ ସଙ୍କଟ ସମୟରେ ସାରା ବିଶ୍ୱ ଏକାଠି ହୋଇ ପରସ୍ପରକୁ ସହଯୋଗର ହାତ ବଢ଼ାଇବା ଜରୁରୀ ବୋଲି ସେ କହିଛନ୍ତି। ଜି-୨୦ ସମ୍ମିଳନୀରେ ଭାରତ ସମେତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଜର୍ମାନୀ, ଫ୍ରାନ୍ସ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ମେକ୍ସିକୋ, ରୁଷିଆ, ସୌଦି ଆରବ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ତୁର୍କୀ, ବ୍ରିଟେନ ଓ ଆମେରିକା ସାମିଲ ଅଛନ୍ତି। ଏହାସହ ଜାତିସଂଘ, ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ବିଶ୍ୱ ବାଣିଜ୍ୟ ସଙ୍ଗଠନ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି, ଆର୍ଥିକ ସହଯୋଗ ଓ ବିକାଶ ସଙ୍ଗଠନ ଭଳି ଶୀର୍ଷ ସଂସ୍ଥାଗୁଡ଼ିକ ଏଥିରେ ଯୋଗଦେଇଛନ୍ତି। ଦକ୍ଷିଣ ଏସୀୟ ରାଷ୍ଟ୍ର ସଙ୍ଗଠନ, ଆଫ୍ରିକୀୟ ସଂଘ ଓ ଉପସାଗରୀୟ ସହଯୋଗ ପରିଷଦକୁ ମଧ୍ୟ ଏଠାକୁ ନିମନ୍ତ୍ରଣ କରାଯାଇଛି।



ସୌଦି ରାଜା ସଲମାନ।

# ୨୨ ହଜାର ଟପିଲା କରୋନା ମୃତ୍ୟୁ

## ୪ ଲକ୍ଷ ୮୮ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ

ନୂଆଦିଲ୍ଲୀ, ୨୬।୩

ବିଶ୍ୱବ୍ୟାପୀ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ବିଭିନ୍ନ ପ୍ରଶାସନିକ କଟକଣା ସତ୍ତ୍ୱେ ଏହାକୁ ରୋକିବା କଷ୍ଟକର ହୋଇପଡ଼ିଛି। ଅଦ୍ୟାବଧି କରୋନାରେ ମୃତ୍ୟୁସଂଖ୍ୟା ୨୨,୦୬୭ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୪,୮୮,୪୨୬କୁ ବୃଦ୍ଧିପାଇଛି। ୧ ଲକ୍ଷ ୧୭ ହଜାରରୁ ଅଧିକ ସଂକ୍ରମିତ ବ୍ୟକ୍ତି ସୁସ୍ଥହୋଇ ଫେରିଥିବା ଜଣାପଡ଼ିଛି। ପ୍ରାଣଘାତୀ ଏହି ଭୂତାଣୁ ଚାଇନା ପରେ ଏବେ ଇଟାଲୀ ଓ ସ୍ପେନ୍‌ରେ ତାଣ୍ଡବ ରଚୁଛି। ଚାଇନାରେ କରୋନା ମୃତ୍ୟୁସଂଖ୍ୟା ୩,୨୮୭ ରହିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୮୧ ହଜାରରୁ ଅଧିକ ଅଛନ୍ତି। ହେଲେ ମୃତ୍ୟୁସଂଖ୍ୟା ପୂର୍ବାପେକ୍ଷା ଏଠାରେ କମିଛି। ଅପର ପକ୍ଷରେ ୟୁରୋପୀୟ ଦେଶଗୁଡ଼ିକ କରୋନା ଦ୍ୱାରା ଆତଙ୍କିତ ହୋଇପଡ଼ିଛନ୍ତି। ଇଟାଲୀରେ କରୋନା ମୃତ୍ୟୁସଂଖ୍ୟା ୭,୫୦୩ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୭୪, ୩୭୬ରେ ପହଞ୍ଚିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ କାହାର ମୃତ୍ୟୁ ହୋଇ ନ ଥିବା ଜଣାପଡ଼ିଛି। ସ୍ପେନ୍‌ରେ ଏହି ମୃତ୍ୟୁସଂଖ୍ୟା ୪,୦୮୯କୁ ବଢ଼ିଛି। ଗୋଟିଏ ଦିନରେ ଏଠାରେ ୪୪୨ ଜଣ ପ୍ରାଣ ହରାଇଛନ୍ତି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୫୬, ୧୮୮ ରହିଛି। ଆମେରିକାରେ ମୃତ୍ୟୁସଂଖ୍ୟା ୧,୦୩୬ ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୬୮, ୬୦୦ରେ ପହଞ୍ଚିଛି। ଇରାନରେ କରୋନା ମୃତ୍ୟୁସଂଖ୍ୟା ୨,୨୩୪କୁ ବୃଦ୍ଧିପାଇଛି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ୨୯, ୪୦୬କୁ ବୃଦ୍ଧିପାଇଛି। ଫ୍ରାନ୍ସରେ ୧,୩୩୧ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଜର୍ମାନୀରେ ୨୨୨, ସ୍ୱିଜରଲାଣ୍ଡରେ ୧୭୧, ବ୍ରିଟେନରେ ୪୬୫, ଦକ୍ଷିଣ କୋରିଆରେ ୧୩୧, ନେଦରଲାଣ୍ଡ୍ସରେ ୩୫୬, ବେଲଜିୟମ୍‌ରେ ୨୨୦, ବ୍ରାଜିଲ, ସ୍ୱୀଡେନ, ତୁର୍କୀ ଓ ପର୍ତ୍ତୁଗାଲରେ ୬୦ ଲେଖାଏ, ଡେନ୍‌ମାର୍କରେ ୪୩ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ଭାରତରେ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୬୯୭କୁ ବୃଦ୍ଧି ପାଇଛି। ବିଶ୍ୱର ୧୯୭ ଦେଶକୁ କରୋନା ସଂକ୍ରମିତ ହୋଇଥିବା ବେଳେ ବିଭିନ୍ନ ଦେଶ ପକ୍ଷରୁ ବ୍ୟାପକ କଟକଣା ଲଗାଯାଇଛି।



ବିଏମ୍‌ସି କର୍ମଚାରୀମାନେ ମୁମ୍ବାଇର ବାଉକୁଲା ମାର୍କେଟ ଏରିଆରେ ଧୂପ ଦେଉଛନ୍ତି।

## ଭାରତରେ ଗଲାଣି ୧୬ ଜୀବନ

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ଭାବେ ୭୮ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣରେ ଜମ୍ମୁ-କଶ୍ମୀର ଓ ରାଜସ୍ଥାନରେ ପ୍ରଥମ ମୃତ୍ୟୁ ଘଟଣା ପଦାକୁ ଆସିଛି। କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କର ଗୁରୁବାର ଶ୍ରୀନଗର ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି। ସେ ଚେଷ୍ଟ ଡିଜିଜ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ଉଚ୍ଚ ରକ୍ତଚାପ, ମଧୁମେହ ଓ ମେଦବହୁଳତା ଆଦି ସମସ୍ୟା ଥିଲା। ଏହା ବ୍ୟତୀତ ରାଜସ୍ଥାନରେ ନାରାୟଣ ସିଂ(୭୩) ନାମକ ଜଣେ ବ୍ୟକ୍ତି କରୋନା ଦ୍ୱାରା ଗୁରୁବାର ପ୍ରାଣ ହରାଇଛନ୍ତି। ସେ କିଡ୍‌ନୀ, ରକ୍ତଚାପ ସହ ନିଃଶ୍ୱାସ ପ୍ରଶ୍ୱାସ ନେବାର କଷ୍ଟ ଅନୁଭବ କରୁଥିଲେ ବୋଲି ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ରଘୁ ଶର୍ମା ପ୍ରକାଶ କରିଛନ୍ତି। ସ୍ଥାନୀୟ ବଙ୍ଗଦ ହସ୍ପିଟାଲରେ ବ୍ରେନ୍‌ଷ୍ଟ୍ରୋକ ହେବା ପରେ ଏହି ସଂକ୍ରମିତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।

ଏହାକୁ ମିଶାଇ ଭାରତରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୭୧୮ ହୋଇଛି। ସେଥିରୁ ୬୫୯ଟି ସକ୍ରିୟ ମାମଲା ଥିବାବେଳେ ୪୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଜମ୍ମୁ-କଶ୍ମୀର ଓ ରାଜସ୍ଥାନରେ ପ୍ରଥମ ମୃତ୍ୟୁ

ମହାରାଷ୍ଟ୍ରରେ ସର୍ବାଧିକ ୧୨୮ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ସେଠାରେ ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଦେଶ ୨୧ ଦିନ ଲାଗି ଲକ୍‌ଡାଉନରେ ରହିଥିଲେ ହେଁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। କେବଳ ମହାରାଷ୍ଟ୍ରରେ ଦିନକ ଭିତରେ ୨୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। କେରଳରେ ନୂଆ ୯ ମାମଲା ସାମ୍ନାକୁ ଆସିଛି। ମହାରାଷ୍ଟ୍ର ପରେ ସର୍ବାଧିକ ସଂକ୍ରମିତ ଏହି ରାଜ୍ୟରେ ଅଛନ୍ତି। ଏଠାରେ ୧୧୮ ପଜିଟିଭ୍ ମାମଲା ଦେଖିବାକୁ ମିଳିଛି। ତେଲଙ୍ଗାନାରେ ୪୧, ଗୁଜରାଟରେ ୩୮, ଦିଲ୍ଲୀରେ ୩୫, ମଧ୍ୟପ୍ରଦେଶରେ ୧୪କୁ ବୃଦ୍ଧିପାଇଛି। ମାର୍ଚ୍ଚ ୨୧ ପରଠାରୁ ଏପର୍ଯ୍ୟନ୍ତ ଦେଶକୁ ୬୪ ହଜାର ଲୋକ ଫେରିଥିବା ବେଳେ ୮ ହଜାରଙ୍କୁ କ୍ୱାରାଣ୍ଟାଇନ୍‌ରେ ଓ ୫୬ ହଜାରଙ୍କୁ ଆଇସୋଲେଶନରେ ରଖାଯାଇଛି। ବସନ୍ତ ଓ ପୋଲିଓକୁ ସହଜରେ ହଟାଇଥିବା ଭାରତ କୋଭିଡ-୧୯କୁ ମଧ୍ୟ ସଫଳ ଭାବେ ମୁକାବିଲା କରିବାର କ୍ଷମତା ରଖିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି।



ନୂଆଦିଲ୍ଲୀର ନିଗମବୋଧ ଘାଟରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଖାଦ୍ୟ ଖାଉଛନ୍ତି ବାସହୀନ ଓ ଦିନ ମଜୁରିଆ।

## ଆନ୍ଧ୍ର ସୀମାରେ ୧୦୦୦ ଲୋକ

ଅମରାବତୀ, ୨୬।୩ (ପି.ଟି.)

ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରୁ ଫେରିଥିବା ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ବୁଧବାର ଅପରାହ୍ନରୁ ଗରିକାପାଡୁ ଚେକ୍‌ପୋଷ୍ଟରେ ଅଟକି ରହିଛନ୍ତି। କରୋନା ସଂକ୍ରମଣ ଭୟରେ ଆନ୍ତଃରାଜ୍ୟ ସୀମାରେ ମୁତୟନ ଥିବା ପୋଲିସ ସେମାନଙ୍କୁ ଆନ୍ଧ୍ରପ୍ରଦେଶ ଭିତରେ ପୂରାଇ ଦେଉନି। ଲକ୍‌ଡାଉନ୍ ଯୋଗୁ ରାଜ୍ୟ ସୀମାକୁ ସିଲ୍ କରିଦିଆଯାଇଥିବାରୁ କୌଣସି ଗାଡ଼ି କିମ୍ବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି ସ୍ଥାନୀୟ ଡିଏସ୍‌ପି ରମଣ ମୂର୍ତ୍ତି କହିଛନ୍ତି। ଅଟକି ରହିଥିବା ଯାତ୍ରୀଙ୍କ ପାଖରେ ପାଣି କି ଖାଦ୍ୟ ନ ଥିବାରୁ ସେମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରୀଛାତ୍ର ଅଛନ୍ତି। ଲକ୍‌ଡାଉନ ଯୋଗୁ ତେଲଙ୍ଗାନା ସରକାର ସେମାନଙ୍କୁ ହଷ୍ଟେଲ ଖାଲି କରି ଚାଲିଯିବାକୁ କହିଥିଲେ।

## ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରେସ୍ ବ୍ରିଫ୍

- କରୋନା ସଂକ୍ରମଣର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ସୋସିଆଲ ଡିଷ୍ଟାନ୍ସିଂ ପ୍ରଭାବଶାଳୀ ହୋଇପାରିବ।
- କୋଭିଡ୍-୧୯ ମଶା ଦ୍ୱାରା ବିସ୍ତାର ଲାଭ କରି ନ ଥାଏ।
- କରୋନା ରୋଗୀଙ୍କ ଚିକିତ୍ସା ଲାଗି ହସ୍ପିଟାଲଗୁଡ଼ିକ ଚିହ୍ନଟ କାର୍ଯ୍ୟ ୧୭ ରାଜ୍ୟ ଆରମ୍ଭ କରିଛନ୍ତି।
- ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ଉତ୍ପାଦନ, ଯୋଗାଣ ଓ ବଣ୍ଟନ ଲକ୍‌ଡାଉନ୍ ସମୟରେ ଯେପରି ପ୍ରଭାବିତ ନ ହୁଏ ତାହା ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଦାଦନ ଶ୍ରମିକମାନଙ୍କୁ ଖାଦ୍ୟ ଓ ଆଶ୍ରୟସ୍ଥଳୀ ଯୋଗାଇବା କ୍ଷେତ୍ରରେ ରାଜ୍ୟଗୁଡ଼ିକ କାର୍ଯ୍ୟ କରୁଛନ୍ତି।
- କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ହେଁ ତୁଳନାତ୍ମକ ଭାବେ ଏହି ହାର ସ୍ଥିର ରହିଥିବା ପ୍ରାରମ୍ଭିକ ଟ୍ରେଣ୍ଡରୁ ଜଣାପଡ଼ିଛି।
- ଭାରତରେ ଗୋଷ୍ଠୀଗତ ସଂକ୍ରମଣର ଦୃଢ଼ ପ୍ରମାଣ ଅଛି ବୋଲି କହିହେଉ ନାହିଁ।

## ସେନା ମୁତୟନ ପାଇଁ ବାଧ୍ୟ କରନି: ଅଜିତ୍

**ମୁମ୍ବାଇ, ୨୬।୩ :** ମହାରାଷ୍ଟ୍ରରେ କରୋନା ଭୂତାଣୁ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କଟକଣା ଜାରି ହେବା ସତ୍ତ୍ୱେ ଲୋକେ ରାସ୍ତାଘାଟରେ ବୁଲୁଥିବାରୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ହେଲେ ସେନା ମୁତୟନ କରାଯିବ। ଏଥିପାଇଁ ଲୋକେ ଆମକୁ ବାଧ୍ୟ କରନ୍ତୁ ନାହିଁ ବୋଲି ଅଜିତ ନିୟମ ଉଲ୍ଲଂଘନକାରୀମାନଙ୍କୁ ଗୁରୁବାର ଚେତାବନୀ ଦେଇଛନ୍ତି।

## ଘରେ ପହଞ୍ଚିବ ଔଷଧ

**ନୂଆଦିଲ୍ଲୀ, ୨୬।୩:** ଦେଶରେ କରୋନା ଭାଇରସ୍ ସଂକ୍ରମ ବଢ଼ିବାରେ ଲାଗିଥିବାରୁ ଔଷଧଗୁଡ଼ିକର ହୋମ୍ ଡେଲିଭରିକୁ କେନ୍ଦ୍ର ସରକାର ଗୁରୁବାର ଅନୁମତି ଦେଇଛନ୍ତି। ଫଳରେ ଲକ୍‌ଡାଉନ୍ ସମୟରେ ଲୋକଙ୍କୁ ମେଡିସିନ କିଣିବା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଗୁରୁବାର ଲକ୍‌ଡାଉନ୍‌ର ଦ୍ୱିତୀୟ ଦିନରେ କୋଭିଡ୍-୧୯ ସଂକ୍ରମଣରେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି। ଲୋକଙ୍କୁ ନିଜ ନିଜ ଘରେ ସୁରକ୍ଷିତ ଭାବେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ସିଡ୍ୟୁଲ୍ 'ଏଚ୍' ବର୍ଗ ମେଡିସିନଗୁଡ଼ିକର ହୋମ୍ ଡେଲିଭରିକୁ ଅନୁମତି ଦିଆଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବର୍ଗର ଔଷଧ ଡାକ୍ତରଙ୍କ ବିନା ପ୍ରେସ୍କ୍ରିପ୍‌ଶନରେ କିଣାଯାଇ ପାରିବ।


## ୧୪ ଯାଏ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବନ୍ଦ

**ନୂଆଦିଲ୍ଲୀ, ୨୬।୩:** କରୋନା ଭାଇରସ୍‌ର ପ୍ରକୋପ କମାଇବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ଏବେ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ ଲଗାଯାଇଥିବା କଟକଣାକୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭାରତରେ ପୂର୍ବରୁ ସପ୍ତାହକ ଲାଗି ଏହି କଟକଣା ଲଗାଯାଇଥିଲା। ଏହାକୁ ବୃଦ୍ଧି କରାଯିବା ନେଇ ଗୁରୁବାର ସରକାର ଘୋଷଣା କରିଛନ୍ତି। ତେବେ ମାଲ୍ ପରିବହନ କରୁଥିବା ବିମାନ ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଅନୁମତି ଥିବା କେତେକ ସ୍ୱତନ୍ତ୍ର ବିମାନ କ୍ଷେତ୍ରରେ ଏହା ଲାଗୁ ହେବନାହିଁ। ପ୍ରକାଶଥାଉ କି, ଭାରତରେ ଘରୋଇ ବିମାନ ଉଡ଼ାଣ ଉପରେ ସରକାର ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କଟକଣା ଲଗାଇଛନ୍ତି। ଏତଦ୍‌ବ୍ୟତୀତ କରୋନା ମହାମାରୀକୁ ରୋକିବା ଲାଗି ଟ୍ରେନ, ମେଟ୍ରୋ, ଆନ୍ତଃରାଜ୍ୟ ବସ୍‌ସେବା, ପରିବହନ ଆଦିକୁ ବନ୍ଦ କରାଯାଇଛି।

# ଆସାମରେ ୭୦୦ ଶଯ୍ୟା କ୍ୱାରାଣ୍ଟାଇନ ସେଣ୍ଟର

ଗୁଆହାଟୀ, ୨୬।୩

କରୋନା ଭାଇରସ୍ ଭୟଙ୍କର ସ୍ଥିତିରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଭାରତରେ ଏହି ଭୂତାଣୁ ୧୪ ମୁଣ୍ଡ ନେଇସାରିଲାଣି। ସନ୍ଦିଗ୍ଧ ସଂକ୍ରମିତଙ୍କ ସଂଖ୍ୟା ୭୦୦ ପାଖାପାଖି ହେଲାଣି। ସଂକ୍ରମିତଙ୍କ ଚିକିତ୍ସା ଓ ସେମାନଙ୍କୁ ଉପଯୁକ୍ତ ଭାବେ କ୍ୱାରାଣ୍ଟାଇନ କରାଯିବା ଏକ ପ୍ରକାର ସମସ୍ୟା ସୃଷ୍ଟି କରିଥିବା ବେଳେ ଆସାମରେ ଏକ ବିଶାଳ କ୍ୱାରାଣ୍ଟାଇନ ସେଣ୍ଟର ନିର୍ମାଣ କରାଯାଉଥିବା ଜଣାପଡ଼ିଛି। ସଂକ୍ରମିତଙ୍କୁ ରଖିବା ଲାଗି ଏଠାରେ ୭୦୦ ଶଯ୍ୟାବିଶିଷ୍ଟ ଏକ କ୍ୱାରାଣ୍ଟାଇନ ସେଣ୍ଟର ନିର୍ମାଣ କରାଯାଉଛି ବୋଲି ସରକାର କହିଛନ୍ତି। କେନ୍ଦ୍ରର ନିର୍ଦ୍ଦେଶ କ୍ରମେ ଏଭଳି



ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରୀ ହେମନ୍ତ ବିଶ୍ୱାସ ଶର୍ମା ପ୍ରକାଶ କରିଛନ୍ତି। ଗୁଆହାଟୀର ସରୁସୋଜାଇ ସ୍ପୋର୍ଟ୍‌ସ କମ୍ପ୍ଲେକ୍ସରେ ଏହା ନିର୍ମାଣ କରାଯାଉଥିବା ସେ କହିଛନ୍ତି। ସପ୍ତାହକ ମଧ୍ୟରେ ଏହାର ନିର୍ମାଣ ଶେଷ ହୋଇଯିବ ବୋଲି ସକାଳେ କାର୍ଯ୍ୟସମୀକ୍ଷା କରି ଫେରିଥିବା ଶର୍ମା କହିଛନ୍ତି। ନିକଟସ୍ଥ ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ଭଡ଼ାରେ ନିଆଯାଇ ୨୦୦ ଡାକ୍ତରଙ୍କୁ ସେଠାରେ ରଖାଯିବାର ବ୍ୟବସ୍ଥା କରାଯିବ। ଅଧିକ ଡାକ୍ତରଙ୍କ ଆବଶ୍ୟକ ପଡ଼ିଲେ, ସେମାନଙ୍କ ରହିବା ଲାଗି ବ୍ୟବସ୍ଥା କରାଯିବ। ଗୁଆହାଟୀଠାରୁ ୩୫ କି.ମି. ଦୂର ସୋନାପୁରଠାରେ ମଧ୍ୟ ୨୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ନିର୍ମାଣ କରାଯାଇଛି। କରୋନା ସଂକ୍ରମିତଙ୍କୁ ସେଠାରେ ରଖାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଅଦ୍ୟାବଧି ଆସାମରେ କୌଣସି କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇ ନାହିଁ।



ଲକ୍‌ଡାଉନ୍‌ର ଦ୍ୱିତୀୟ ଦିନରେ ଯାନବାହନ ନଥିବାରୁ ଲୋକମାନେ ଚାଲି ଚାଲି ଯାଉଛନ୍ତି।

**ସଂକ୍ଷେପରେ**

## ୨ଦିନ ପ୍ରବଳ ଖରା, ୨୯ରେ ଝଡ଼ବର୍ଷା

**ଭୁବନେଶ୍ୱର,୨୬।୩(ବ୍ୟୁରୋ):** କରୋନା ଭୂତାଣୁକୁ ନେଇ ଲୋକଙ୍କ ମନରେ ଭୟ ଥିବାବେଳେ ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଛି। ପ୍ରଚଣ୍ଡ ଖରା ଯୋଗୁ ରାଜ୍ୟର କେତେକ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସକୁ ଛୁଇଁଲାଣି। ଆସନ୍ତା ଦୁଇଦିନ ତାତି ଆହୁରି ବଢ଼ିବ ବୋଲି ଜଣାପଡ଼ିଛି। ପାରଦ ୪୦ଡିଗ୍ରୀକୁ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ତେବେ ୨୯, ୩୦ ଓ ୩୧ତାରିଖରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ମୟୂରଭଞ୍ଜ, ବାଲେଶ୍ୱର, କନ୍ଧମାଳ, ରାୟଗଡ଼ା, ନୟାଗଡ଼, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଆଦି ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ଘଣ୍ଟାକୁ ୪୦ରୁ ୫୦କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏହି ସବୁ ଜିଲାରେ ୟଲୋ ୱାର୍ନିଂ ଜାରି କରାଯାଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁରରେ ୩୭.୪, ଟିଟିଲାଗଡ଼ରେ ୩୭.୯, କଟକରେ ୩୬.୫ ଏବଂ ଭୁବନେଶ୍ୱରରେ ୩୫.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## କରୋନା ମୁକାବିଲା: ଏସ୍‌ସିବିରେ ହେବ ୭୦୦ ଶଯ୍ୟା, ୫୦ ଆଇସିୟୁ

**କଟକ ଅଫିସ,୨୬।୩:** କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ରାଜ୍ୟର ଏହି ସର୍ବବୃହତ୍ ଚିକିତ୍ସାଳୟରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରାକ୍ ସତର୍କତା ଦୃଷ୍ଟିକୋଣରୁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବା ନେଇ ଯୋଜନା ହୋଇଛି। ଏସ୍‌ସିବିରେ କେବଳ କରୋନା ସନ୍ଦିଗ୍ଧ ଓ ଆକ୍ରାନ୍ତଙ୍କ ନିମନ୍ତେ ୭୦୦ ଶଯ୍ୟା ଓ ୫୦ଟି ଆଇସିୟୁ ବ୍ୟବସ୍ଥା କରାଯିବ। ୭୦୦ ଶଯ୍ୟା ମଧ୍ୟରୁ ୧୩୦ଟି ସ୍ୱତନ୍ତ୍ର କ୍ୟାବିନ୍ ରହିବ, ଯେଉଁଠାରେ ସନ୍ଦିଗ୍ଧ କିମ୍ବା ରୋଗୀଙ୍କୁ ଉତ୍ତମମାନର ଚିକିତ୍ସା ସେବା ମିଳିପାରିବ। ସମ୍ପ୍ରତି ଏଠାରେ ୫୬ ଶଯ୍ୟା ଓ ୮ଟି ଆଇସିୟୁ ବ୍ୟବସ୍ଥା ରହିଛି। ମେଡିକାଲ ପରିସରରେ ଥିବା ବିଭିନ୍ନ କୋଠାରେ ଉକ୍ତ ବର୍ଦ୍ଧିତ ଶଯ୍ୟା ବ୍ୟବସ୍ଥା କରାଯିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କରୋନା ମୁକାବିଲା ପାଇଁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦିଆଯାଉଛି। ଏବେ ଷ୍ଟାଫ୍ ସଙ୍କଟକୁ ଏଡାଇବା ପାଇଁ ପ୍ରସ୍ତୁତ ହେଉଛୁ। ଅନ୍ୟପକ୍ଷରେ ଏସ୍‌ସିବି ପରିସରରୁ କିଛିଦିନ ହେଲା ପାର୍କିଂ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ରୋଗୀ ସମ୍ପର୍କୀୟମାନେ ଏ ଦିଗରେ ସହଯୋଗ କରିବାକୁ ମେଡିକାଲ ପକ୍ଷରୁ ନିବେଦନ କରାଯାଇଛି।




## କରୋନା ମୁକାବିଲା ଲାଗି ଖୋଲିଲା କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର,୨୬।୩(ବ୍ୟୁରୋ):** କରୋନା ଭାଇରସର ମୁକାବିଲା ଲାଗି ସାରା ଦେଶରେ ୨୧ଦିନିଆ ଲକଡାଉନ ଘୋଷଣା କରାଯାଇଛି। ଏହି ଲକଡାଉନ ଘୋଷଣା ପରେ ଅଧିକାଂଶ ଓଡ଼ିଆ ଲୋକ ଦେଶ ତଥା ରାଜ୍ୟ ବାହାରେ ଅଟକି ରହିଯାଇଛନ୍ତି। ଏହି ଲୋକମାନେ ଓଡ଼ିଶା ଆସିବାକୁ କାକୁତି ମିନତି ହେଉଥିବାବେଳେ ଏହାକୁ ନଜରରେ ରଖି ରାଜ୍ୟ ସରକାର ଏକ କଣ୍ଟ୍ରୋଲ ରୁମ ଖୋଲିଛନ୍ତି। ଏହି କଣ୍ଟ୍ରୋଲ ରୁମରେ ଯୋଗାଯୋଗ କରିବା ପାଇଁ ଏକ ଫୋନ (୦୬୭୪-୨୩୯୨୧୧୫/୯୪୩୮୯୧୫୯୮୬) ନଂ ରଖାଯାଇଛି। ଗୃହବିଭାଗ ଅଧୀନରେ ଏହି କଣ୍ଟ୍ରୋଲ ରୁମକୁ ପରିଚାଳନା କରାଯିବ। ଏହି କଣ୍ଟ୍ରୋଲ ରୁମର ଦାୟିତ୍ୱରେ ଅଛନ୍ତି ଆଇଜି ଅପରେଶନ ଅମିତାଭ ଠାକୁର। ଏହା ଗୁରୁବାରଠାରୁ ଖୋଲାଯାଇଥିବା ବେଳେ ଓଡ଼ିଶା ବାହାରେ ଥିବା ଲୋକମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ଏପ୍ରିଲ ୧୫ ଯାଏ ହାଇକୋର୍ଟ ସମେତ ସବୁ କୋର୍ଟ ବନ୍ଦ

**କଟକ ଅଫିସ,୨୬।୩**



କରୋନା ଭୂତାଣୁ ସଂକ୍ରମଣ ରୋକିବା ନେଇ ସାରା ରାଜ୍ୟରେ ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ସମେତ ରାଜ୍ୟର ସମସ୍ତ କୋର୍ଟ ବନ୍ଦ ରହିବ। ହାଇକୋର୍ଟ ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଯେଉଁ ମାମଲାଗୁଡ଼ିକ ଜରୁରୀ ଓ ଅତି ଜରୁରୀ ତଥା ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ଅଟକା ଯାଇପାରିବ ନାହିଁ, ସେଗୁଡ଼ିକ ସମ୍ପର୍କରେ ହାଇକୋର୍ଟର ଇ-ମେଲ୍ drj.od-hc@gov.in ଜରିଆରେ ଡେପୁଟି ରେଜିଷ୍ଟ୍ରାର୍ (ଜୁଡିସିଆଲ୍)ଙ୍କୁ ଅବଗତ କରିବାକୁ ହେବ। ସେହିପରି ନିମ୍ନ ଅଦାଲତଗୁଡ଼ିକୁ ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ରିମାଣ୍ଡ, ଉପସ୍ଥାପନ ଏବଂ ଜରୁରୀ ଜାମିନ ଆବେଦନ ସମ୍ବନ୍ଧୀୟ ବିଷୟଗୁଡ଼ିକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଚାର କରାଯିବ। ଯେଉଁଠାରେ ଭିଡିଓ କନ୍‌ଫରେନ୍ସ ସୁବିଧା ନାହିଁ, ସେଠାରେ କୋର୍ଟ କିମ୍ବା ଆବାସିକ କାର୍ଯ୍ୟାଳୟରେ ବିଚାର ହେବ। ଅନ୍ୟପଟେ ମାର୍ଚ୍ଚ ୨୫ରେ ଜାରି ହୋଇଥିବା ସାଧାରଣ ଆଦେଶ ଅନୁଯାୟୀ, ସିଙ୍ଗଲ୍ ବେଞ୍ଚ ଏବଂ ଡିଭିଜନ୍ ବେଞ୍ଚ ଦ୍ୱାରା ଜାରି ହୋଇଥିବା ସମସ୍ତ ମଧ୍ୟବର୍ତ୍ତୀ ଆଦେଶ ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ୨ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ,୨୬।୩**

- ୟୁନିୟନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦାରେ ରହିବ ସମାନ ପରିମାଣର ଟଙ୍କା
- ଏକବର୍ଷିଆ ସ୍କିମ୍‌ରେ ମିଳିବ ୬.୨୬ ପ୍ରତିଶତ ସୁଧ

ଦୁଇଟି ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା। ଗୁରୁବାର ଟେଣ୍ଡର ମାଧ୍ୟମରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦାକୁ ଚୟନ କରାଯାଇଛି। ବାର୍ଷିକ ୬.୨୬ପ୍ରତିଶତ ସୁଧ ହାରରେ ଏହି ଦୁଇଟି ବ୍ୟାଙ୍କରେ ଏକ ବର୍ଷିଆ ଯୋଜନାରେ ଶ୍ରୀମନ୍ଦିରର କର୍ପସ ଫଣ୍ଡ ୨୮୭କୋଟି ଏବଂ ଟେମ୍ପୁଲ ଫଣ୍ଡ ୫୬ କୋଟି ଏହିପରି ୩୪୩ କୋଟି ଟଙ୍କା ସମାନ ଭାବେ ବାଣ୍ଟି ରଖାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ମହାପ୍ରଭୁଙ୍କ ଟଙ୍କା ଜମା ରଖିବାକୁ ନେଇ ପୁରୁଣା ଟେଣ୍ଡର ବାତିଲ ହୋଇ ଗତ ୨୩ ତାରିଖରେ ପୁନଃ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଭାଗନେବା ପାଇଁ ୧୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେଶନ ମଗାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟା କୋଟେଶନ ଦାଖଲର ଶେଷ ସମୟ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ୧୦ଟି ବ୍ୟାଙ୍କ କୋଟେଶନ ଦାଖଲ କରିଥିଲେ। ଏମାନଙ୍କ ମଧ୍ୟରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସର୍ବାଧିକ ୬.୨୦ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବାବେଳେ ଦ୍ୱିତୀୟରେ ବ୍ୟାଙ୍କ ଅଫ୍ ବରୋଦା ୬.୧୫ ପ୍ରତିଶତ ଏବଂ କାନାଡ଼ା ବ୍ୟାଙ୍କ ୫.୭୭ ପ୍ରତିଶତ ସୁଧ ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ନିୟମାନୁଯାୟୀ ଦ୍ୱିତୀୟ ଓ ତୃତୀୟ ବ୍ୟାଙ୍କକୁ ପ୍ରଥମ ବ୍ୟାଙ୍କ ଡାକିଥିବା ସୁଧ ଟଙ୍କା ଦେବାକୁ କୁହାଯାଇଥିଲା। କିନ୍ତୁ କାନାଡ଼ା ବ୍ୟାଙ୍କ ରାଜି ହୋଇ ନ ଥିବାବେଳେ ବ୍ୟାଙ୍କ ଅଫ୍ ବରୋଦା ୬.୨୧ପ୍ରତିଶତ ସୁଧ ଦେବ ବୋଲି କହିଥିଲା। ଏହାପରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପୁଣି ବଢି ୬.୨୫ ପ୍ରତିଶତ ସୁଧ ଦେବାକୁ ସହମତି ପ୍ରକାଶ କରିଥିଲା। ଶେଷରେ ୬.୨୬ ପ୍ରତିଶତ ସୁଧ ଦେବାକୁ ୟୁନିୟନ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦା ରାଜି ହୋଇଥିଲେ। ତେଣୁ ଏହି ଦୁଇ ବ୍ୟାଙ୍କରେ ମହାପ୍ରଭୁଙ୍କ ୨୮୭କୋଟି ଟଙ୍କା କର୍ପସ ଫଣ୍ଡ ଏବଂ ୫୬ କୋଟି ଟଙ୍କା ଟେମ୍ପୁଲ ଫଣ୍ଡ ମୋଟ ୩୪୩ କୋଟି ଟଙ୍କାକୁ ସମାନ ଭାବେ ବାଣ୍ଟି ରଖାଯିବ ବୋଲି ନିଷ୍ପତ୍ତି ହୋଇଥିବା ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି। ତେବେ ଫାଉଣ୍ଡେଶନ ଫଣ୍ଡ ୧୦୨ କୋଟି ଟଙ୍କା ଏସ୍‌ବିଆଇରେ ରଖାଯାଇଛି ବୋଲି ଉନ୍ନୟନ ପ୍ରଶାସକ ସୂଚନା ଦେଇଛନ୍ତି।

ଏଥିପୂର୍ବରୁ ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମା ରଖାଯାଇଥିଲା। ହେଲେ ଏହି ଘରୋଇ ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିବା ଯୋଗୁ ଏଠାରୁ ଅର୍ଥ ଉଠାଇବା ଉପରେ ଆର୍‌ବିଆଇ କଟକଣା ଜାରି କରିଥିଲା। ତେଣୁ ମହାପ୍ରଭୁଙ୍କ ଟଙ୍କାକୁ ନେଇ ବେଶ୍ କିଛିଦିନ ଧରି ହୋ ହଲ୍ଲା ହୋଇଥିଲା। ଗତ ୧୮ ତାରିଖରେ ଆର୍‌ବିଆଇ ୟେସ୍ ବ୍ୟାଙ୍କ ଉପରୁ କଟକଣା ଉଠାଇଥିଲା। ଏହାପରେ ୧୯ ତାରିଖରେ ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା। ମହାପ୍ରଭୁଙ୍କ ଟଙ୍କା ଜମା ରଖିବା ପାଇଁ ଗତ ୧୮ ତାରିଖରେ ଆହ୍ୱାନ କରାଯାଇଥିବା ଟେଣ୍ଡର ୨୦ ତାରିଖରେ ଖୋଲାଯାଇଥିଲା। ଏଥିରେ ୟୁନିୟନ ବ୍ୟାଙ୍କ ସର୍ବାଧିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିଲା। କିନ୍ତୁ ଏହି ଟେଣ୍ଡରକୁ ବାତିଲ କରାଯାଇ ସାନି ଟେଣ୍ଡର ହୋଇଥିଲା।

## କାମରେ ଆସିଲା ଛୋଟ ସଞ୍ଚୟ

**ଭୁବନ, ୨୬।୩(ଡି.ଏନ.ଏ.)**



ନାରାୟଣ ଗୁରୁ।

ଛୋଟ ଛୋଟ ସଞ୍ଚୟ ଦୁର୍ଦ୍ଦିନ ବେଳେ ବଡ଼ କାମରେ ଆସେ। କରୋନା ବିପତ୍ତି ବେଳେ ଏହି କଥା ପୁଣି ପ୍ରମାଣିତ ହୋଇଛି। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ୧୫ନଂ. ୱାର୍ଡ ବିଘ୍ନେଶ୍ୱର ଛକରେ ଥିବା ଭାଗବତ କମିଟି ଏହାର ସଦସ୍ୟଙ୍କୁ ପାଣ୍ଠିରେ ଥିବା ଜମାପୁଞ୍ଜି ବଣ୍ଟନ କରିଛି। କମିଟି ସଭାପତି ନାରାୟଣ ଗୁରୁ କୁହନ୍ତି, ଅଞ୍ଚଳର ଅଧିକାଂଶ ପରିବାର ଚାଷୀ ଏବଂ ଦିନ ମଜୁରିଆ ଶ୍ରେଣୀର। କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିବା ପରେ ଏପରି ଅଭାବୀ ପରିବାରର କଷ୍ଟ ବଢ଼ିଛି। ଜରୁରୀ ସାମଗ୍ରୀ, ଔଷଧ କିଣିବା ପାଇଁ ସେମାନଙ୍କ ପାଖରେ ଅର୍ଥର ଘୋର ଅଭାବ ପରିଲକ୍ଷିତ ହୋଇଛି। ଏହାର ସମାଧାନ କରିବାକୁ କମିଟି ପାଣ୍ଠିରେ ଜମା ଥିବା ୫ ଲକ୍ଷ ଟଙ୍କାରୁ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ୪୦ଜଣ କମିଟି ସଦସ୍ୟଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଅଧିକ ସମସ୍ୟା ସୃଷ୍ଟି ହେଲେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ସୂଚନା ଦେଇଛନ୍ତି।

ଦୀର୍ଘ ୨୫ ବର୍ଷ ହେଲା ଅଞ୍ଚଳବାସୀଙ୍କ ସଞ୍ଚୟର ମାଧ୍ୟମ ପାଲଟିଛି ଭାଗବତ କମିଟି। କମିଟି ସଦସ୍ୟ ପ୍ରତି ମାସରେ କିଛି କିଛି ଟଙ୍କା ସଞ୍ଚୟ କରି ରଖିଥାନ୍ତି। ବର୍ଷଶେଷରେ ବୟସ୍କ ଲୋକମାନେ ଉକ୍ତ ଟଙ୍କାରେ ତୀର୍ଥ କରିବାକୁ ଯାଇଥାନ୍ତି। ଚଳିତ ବର୍ଷ କରୋନା ପାଇଁ ତୀର୍ଥ ଭ୍ରମଣ ଉପରେ ସରକାରୀ କଟକଣା ଲାଗିଛି। ତେଣୁ ଏହି ଟଙ୍କାକୁ ଆବଶ୍ୟକ ସମୟରେ ଅଭାବୀ ପରିବାର ପାଇଁ ଉପଯୋଗ କରାଯାଇଛି ବୋଲି ସଭାପତି କହିଛନ୍ତି।

## ଖବରକାଗଜ ନ ମିଳିବା ବଢ଼ାଇଛି ସମସ୍ୟା: ପ୍ରଦୀପ୍ତ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି**

ଜନତା କର୍ଫ୍ୟୁ ଏବଂ ୨୧ ଦିନର ଲକ୍‌ଡାଉନକୁ ରାଜ୍ୟରେ ମିଳିଛି ସଫଳତା। ଏଥିପାଇଁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ କରୋନା ଭୂତାଣୁ ସଂକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ କେତେକ ପ୍ରସ୍ତାବ ଦେଇଛନ୍ତି। କରୋନା ପାଇଁ ଅନେକ ଖବରକାଗଜ ମୁଦ୍ରଣ ବନ୍ଦ ହୋଇଯାଇଛି। ଲୋକଙ୍କ ପାଖରେ ଠିକ୍‌ଭାବେ ଖବରକାଗଜ ପହଞ୍ଚି ପାରୁନାହିଁ। ଏହାକୁ ସାଧାରଣ ଲୋକେ ଗୁରୁତ୍ୱର ସହ ନେଉଛନ୍ତି। ଏହା ସେମାନଙ୍କ ମନରେ ନୂଆ ଭୟ ସୃଷ୍ଟି କରିଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଲାଗି ଖବରକାଗଜ ସୂଚନାର ମୁଖ୍ୟ ଉତ୍ସ। ତେଣୁ ସରକାର ହେପାଜତରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଦ୍ୱାରା ଖବରକାଗଜ ମୁଦ୍ରଣ କରାଇବା ଏବଂ ଏହା ଲୋକଙ୍କ ପାଖରେ ଯେପରି ଠିକ୍ ଭାବେ ପହଞ୍ଚିପାରିବ ସେ ବ୍ୟବସ୍ଥା କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ଦାବି କରିଛନ୍ତି।

## ଆଜିଠୁ ଏନ୍‌ଆଇଏନ୍‌ଏଲ୍ କୋକ୍‌ଓଭେନ ବନ୍ଦ

**ଯାଜପୁର ଅଫିସ,୨୬।୩**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି, ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)ର କୋକ୍‌ଓଭେନ ଓ ପ୍ରଡକ୍ଟ ପ୍ଲାଣ୍ଟକୁ ଶୁକ୍ରବାରଠାରୁ ବନ୍ଦ କରାଯିବ। ଆବଶ୍ୟକ କୋଇଲା ଅଭାବରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଏନ୍‌ଆଇଏନ୍‌ଏଲ୍‌ର ଇଡି (ୱାର୍କସ) ଭି.କେ. ପାରୁଡି ତାଙ୍କ ପତ୍ରସଂଖ୍ୟା ଏନ୍‌ଆଇଏନ୍‌ଏଲ୍/ସେପ୍ଟି/୨୦୨୦/୦୫/୨୬।୩।୨୦୨୦ରେ ଫ୍ୟାକ୍ଟ୍ରି ଓ ବଏଲ ବିଭାଗର ନିର୍ଦ୍ଦେଶକଙ୍କୁ ସୂଚନା ଦିଆଯାଇଛି। ଏହି ନିଷ୍ପତ୍ତି ଉପରେ ପ୍ରତିବାଦ କରି ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚ ତରଫରୁ ଯାଜପୁର ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କୋକଓଭେନ ବନ୍ଦ ହେଲେ ପାୱାର ପ୍ଲାଣ୍ଟ ବନ୍ଦ ହେବ। ଏହାକୁ ପୁନର୍ବାର ଚାଲୁ କରିବା ପାଇଁ ପ୍ରାୟ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ସରକାରଙ୍କ ବଡ଼ କ୍ଷତି ହେବା ସହ କମ୍ପାନୀକୁ ଘରୋଇକରଣ ନିଷ୍ପତ୍ତି ନିଆଯାଇଥିବାରୁ ଏହାର ମୂଲ୍ୟାୟନ ମଧ୍ୟ ହ୍ରାସ ପାଇବ। ଯେଉଁ କମ୍ପାନୀ ଏନ୍‌ଆଇଏନ୍‌ଏଲ୍‌କୁ କିଣିବାକୁ ପ୍ରସ୍ତୁତ ହୋଇଛି ତାହା ପାଇଁ ଏହା ଏକ ଅନୁକମ୍ପା ବୋଲି ମଞ୍ଚ ଅଭିଯୋଗ କରିଛି।

# ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

**କରୋନା ମୁକାବିଲା**
- ଫସିଥିବା ଓଡ଼ିଆଙ୍କୁ ସହଯୋଗ ଲାଗି ନିବେଦନ
- ଖୋଲିଲା ସହାୟତା କାର୍ଯ୍ୟାଳୟ
- ଜାରି ହେଲା ଫୋନ ନମ୍ବର
- ଦାୟିତ୍ୱରେ ଆଇଏଏସ୍ ସଞ୍ଜୀବ, ଆଇପିଏସ୍ ଅମିତାଭ

କରୋନା ଭୂତାଣୁ ସଂକ୍ରମଣ ସାରା ବିଶ୍ୱ ପାଇଁ ସବୁଠୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଓଡ଼ିଶାବାସୀ ଏବଂ ଅନ୍ୟ ରାଜ୍ୟରେ ରହିଥିବା ଓଡ଼ିଆମାନେ ମଧ୍ୟ ଏହାଦ୍ୱାରା ବହୁ ଭାବେ ପ୍ରଭାବିତ। ଜନସାଧାରଣଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଢାଇବା ପାଇଁ ସାରା ଦେଶରେ ବର୍ତ୍ତମାନ ଲକ୍‌ଡାଉନ୍ ଚାଲିଛି। ଓଡ଼ିଶାରେ ମଧ୍ୟ ଏହା ଜାରି ରହିଛି। ବାହାରେ ରହୁଥିବା ୮୦,୦୦୦ ଓଡ଼ିଆ ଏବଂ ବିଦେଶରେ ରହୁଥିବା ୪୦୦୦ ଓଡ଼ିଆ ରାଜ୍ୟକୁ ଫେରି ସାରିଛନ୍ତି। ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ପ୍ରଶାସନସ୍ତରରେ ଉଦ୍ୟମ ଆରମ୍ଭ କରିଛି।

ତେଣୁ ବିଭିନ୍ନ ରାଜ୍ୟରେ ଫସିଥିବା ଓଡ଼ିଆମାନଙ୍କ ଖାଇବା, ରହିବା ଓ ସୁରକ୍ଷା ଉପରେ ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ସମସ୍ତ ପ୍ରତିପକ୍ଷଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଗୁରୁବାର ଦେଶର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେଠାରେ ଓଡ଼ିଆମାନଙ୍କର ସୁରକ୍ଷା ସହ ଖାଦ୍ୟ ଓ ରହିବା ବ୍ୟବସ୍ଥା କରିବାକୁ ନବୀନ ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଛନ୍ତି। ଏନେଇ ସଂପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଆମାନଙ୍କ ରହିବା, ଖାଇବା ପାଇଁ ଯାହା ଖର୍ଚ୍ଚ ହେବ, ତାହା ରାଜ୍ୟ ସରକାର ବହନ କରିବେ। ସେହିଭଳି ଓଡ଼ିଶାର ବିଭିନ୍ନ ସ୍ଥାନରେ ଫସି ରହିଥିବା ଅନ୍ୟ ରାଜ୍ୟର ଅଧିବାସୀ ଯେପରି ଅସୁବିଧା ନ ଭୋଗିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏ ବାବଦରେ ହେବାକୁ ଥିବା ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି(ସିଏମ୍‌ଆରଏଫ୍)ରୁ ବହନ କରାଯିବ। ବିଭିନ୍ନ ରାଜ୍ୟ ସହ ସମନ୍ୱୟ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଓ ଆଇଜି ପୋଲିସ ଅପରେଶନ ଅମିତାଭ ଠାକୁରଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହି ଉଭୟ ଅଧିକାରୀଙ୍କ କାର୍ଯ୍ୟାଳୟର ଫୋନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ସଞ୍ଜୀବ ଚୋପ୍ରାଙ୍କ କାର୍ଯ୍ୟାଳୟ ନମ୍ବର, ୦୬୭୪-୨୫୩୧୫୧୫(ଅଫିସ), ୦୬୭୪-୨୫୩୪୪୫୩(ଆବାସିକ), ୯୪୩୯୦୨୭୭୧୧(ମୋବାଇଲ) ଏବଂ ଇମେଲ- homesec.od.nic.in ରହିଛି। ଅନୁରୂପଭାବେ ଅମିତାଭ ଠାକୁରଙ୍କ କାର୍ଯ୍ୟାଳୟ ନମ୍ବର ୦୬୭୪-୨୫୩୩୨୩୦(ଅଫିସ), ୦୬୭୪-୨୫୪୪୦୮୦(ଆବାସିକ), ୯୯୩୮୩୧୦୦୦୦/ ୯୪୩୯୮୧୫୯୮୬(ମୋବାଇଲ) ଏବଂ ଇମେଲ-amitabh_thakur@hotmail.com ରହିଛି।

# ଛିଡ଼ିଲା ବିଦ୍ୟୁତ୍ ତାର, ବର୍ତ୍ତିଲେ ଲୋକେ

**ଗଞ୍ଜାମ,୨୬।୩(ଡି.ଏନ.ଏ.)**



ଗାଁ ଦାଣ୍ଡରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର।

ଗଞ୍ଜାମ ସାନ ବଜାର ଷ୍ଟେଶନ ଯିବା ରାସ୍ତାରେ ଗୁରୁବାର ଭୋର ପ୍ରାୟ ୫ ଟାରେ ଏକ ଏଲ୍‌ଟି (ଲୋ-ଟେନ୍‌ସନ)ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଯାଇଥିଲା। ଫଳରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ଓ ସାଇକେଲରେ ଯାଉଥିବା କେତେ ଜଣ ବ୍ୟବସାୟୀ ବର୍ତ୍ତି ଯାଇଛନ୍ତି। ଏହା ଜଣାପଡିବା ପରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ସେମାନେ ଆସି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। କିନ୍ତୁ ସେ ପର୍ଯ୍ୟନ୍ତ ଛିଣ୍ଡି ପଡିଥିବା ତାରରେ ବିଦ୍ୟୁତ୍ ପ୍ରବାହ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ସହରରେ ଥିବା ବିଦ୍ୟୁତ୍ ତାରଗୁଡ଼ିକୁ ନିୟମିତ ସଜଡା ଯାଉ ନ ଥିବା ଯୋଗୁ ବିଭିନ୍ନ ସମୟରେ ଏଭଳି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗ ସୁପରଭାଇଜର ସୂର୍ଯ୍ୟକାନ୍ତ ବିଶୋୟୀଙ୍କୁ ପଚାରିବାରୁ ଦୋଳପୂର୍ଣ୍ଣିମା ପୂର୍ବରୁ ସହରର ସବୁ ବିଦ୍ୟୁତ୍ ତାର ଯାଞ୍ଚ କରାଯାଇଥିଲା। କୌଣସି କାରଣରୁ ଏହା ଛିଡି ପଡିଥିଲା। ଏ ସମ୍ପର୍କରେ ଜଣା ପଡିବା ପରେ ତୁରନ୍ତ ମରାମତି କରାଯାଇଥିଲା।

## ଘରପ୍ରତିଷ୍ଠା ଭୋଜି କରି ବ୍ଲକ ଅଧ୍ୟକ୍ଷ ଗିରଫ

**କୋକସରା, ୨୬।୩(ଡି.ଏନ.ଏ.)**

ଲକ୍‌ଡାଉନ ଜାରି ରହିଥିବା ବେଳେ ଜଣେ ଜନ ପ୍ରତିନିଧି ଲୋକଙ୍କୁ ସଚେତନ କରିବା ବଦଳରେ ଏହାର ଉଲ୍ଲଂଘନ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ। କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମରେ ଗୁରୁବାର ନିଜର ନବନିର୍ମିତ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବନ୍ଧୁବାନ୍ଧବ ଓ ଅତିଥିଙ୍କୁ ନିମନ୍ତ୍ରଣ କରି ଭୋଜିଭାତ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ କୋକସରା ପୋଲିସ ବେହେରା ଗ୍ରାମରେ ପହଞ୍ଚି ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂଝାରୀଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବାସୁଦେବ ଛତ୍ରିଆ କହିଛନ୍ତି। ଏ ନେଇ ଦଫା ୨୬୯, ୨୭୦, ୨୭୧, ୧୮୮ରେ ଏକ ମାମଲା(ନଂ.୬୫/୨୦) ରୁଜୁ ହୋଇଛି।

# ପୋଲିସର ମୃଦୁ ଲାଠି ଚାଳନା

**ବୁଲୁଥିବା ଲୋକଙ୍କୁ ଇ-ଚାଲାଣ**

**ବ୍ରହ୍ମପୁର ଅଫିସ,୨୬।୩**



ଅଯଥାରେ ବୁଲୁଥିବା ବ୍ୟକ୍ତିଙ୍କୁ ଘଉଡ଼ାଉଛି ପୋଲିସ।

କରୋନାର ମୁକାବିଲା ତଥା ସଂକ୍ରମଣକୁ ରୋକିବା ନେଇ ଜାରି ହୋଇଥିବା ଲକ୍‌ଡାଉନ୍‌ର ପଞ୍ଚମ ଦିନରେ ବ୍ରହ୍ମପୁରରେ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଥିଲା। ବାରମ୍ବାର ସଚେତନତା ସତ୍ତ୍ୱେ ସହରବାସୀ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ଗୁରୁବାର ପୋଲିସ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ସକାଳ ୭ ଟାରୁ ୧୨ ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିର୍ଦ୍ଦେଶନାମା ରହିଛି। ତେବେ ଏହି ସମୟରେ ଅନେକ ଲୋକ ସାମଗ୍ରୀ ନେବା ଆଳରେ ଅଯଥାରେ ବୁଲୁଥିବା ଦେଖିବାକୁ ମିଳୁଛି। ଅଯଥାରେ ବୁଲୁଥିବା ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଗୁରୁବାର ସକାଳ ୮ଟାରୁ ପୋଲିସ ବିଭିନ୍ନ ଛକରେ ଯାଞ୍ଚ କରିଥିଲା। ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଯାଞ୍ଚ ବେଳେ ଅଯଥାରେ ବୁଲୁଥିବା କେତେଜଣ ଲୋକଙ୍କୁ ପୋଲିସ ମୃଦୁ ଲାଠି ଚାଳନା କରିଥିବା ଦେଖିବାକୁ ମିଳୁଥିଲା। ସେହିପରି ସକାଳୁ ଗେଟବଜାର, ଅର୍ନ୍ନପୂର୍ଣ୍ଣା ମାର୍କେଟ, ଏସ୍‌ଏନ୍‌ଟି ରୋଡକୁ ପ୍ରମୁଖ ସ୍ଥାନକୁ ମଧ୍ୟ ପୋଲିସ ପକ୍ଷରୁ ବ୍ଲକିଂ କରାଯାଇଥିଲା। ଲକ୍ ଡାଉନ୍‌କୁ ଅବମାନନା କରୁଥିବା କିଛି ଲୋକଙ୍କ ଉପରେ ଇ-ଚାଲାଣ କାଟିଥିବା ମଧ୍ୟ ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା



ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ଶିଶୁ ପରିଚୟପତ୍ର

ସୂଚନା: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଓଡ଼ୁଗାଉଁ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାନ୍ତୁ।

# ଅତ୍ୟାବଶ୍ୟକ ସାମଗ୍ରୀ ଯାନ ଅଟକା ନ ଯାଉ

- ଜିଲାପାଳ, ଏସ୍‌ପିଙ୍କୁ ସରକାରଙ୍କ ନିର୍ଦ୍ଦେଶ
- ଏନ୍‌ଏଚ୍ କଡ଼ ଢାବା, ଗ୍ୟାରେଜ, ଯନ୍ତ୍ରାଂଶ ଦୋକାନ ଖୋଲା ରହିବ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

କରୋନା ଭୂତାଣୁ(କୋଭିଡ୍-୧୯)କୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ସମଗ୍ର ଦେଶରେ ଲକ୍‌ଡାଉନ୍ ଚାଲିଛି। ଜନସାଧାରଣଙ୍କ ନିକଟରେ କିଭଳି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିବ ତାହା ସରକାରଙ୍କ ପ୍ରାଥମିକତା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ନିୟୋଜିତ ଯାନଗୁଡ଼ିକ ଯେପରି ବିନା ବାଧାରେ ଚଳପ୍ରଚଳ କରିବ ସେ ନେଇ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ଓ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ସେହି ଯାନବାହନଗୁଡ଼ିକ ନିର୍ବିଘ୍ନରେ ଚଳାଚଳ କରିବ। ଏଥିସହିତ ଜାତୀୟ ରାଜପଥ(ଏନ୍‌ଏଚ୍) କଡ଼ରେ ଥିବା ଢାବା, ଗ୍ୟାରେଜ୍ ଏବଂ ଯନ୍ତ୍ରାଂଶ ଦୋକାନଗୁଡ଼ିକ ଯେପରି ଖୋଲା ରହିବ ସେନେଇ ଯୋଗାଣ ଅଧିକାରୀ ଏବଂ ଆର୍‌ଟିଓମାନଙ୍କ ସହଯୋଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାନବାହନଗୁଡ଼ିକ ଯେପରି ଲକ୍ଷ୍ୟସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚିପାରିବେ ସେନେଇ ପଦକ୍ଷେପ ନେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାନବାହନ ପାଇଁ କୌଣସି ଅନୁମତିପତ୍ରର ଆବଶ୍ୟକତା ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଛଡ଼ା ଅନ୍ୟ ଗାଡ଼ି ଯେପରି ଚଳାଚଳ ନ କରିବ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ଢାବାରେ ଯେପରି ଭିଡ଼ ନ ହେବ ସେଥିପ୍ରତି ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନେ ଯେପରି ଢାବାକୁ ନ ଆସିବେ ସେ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାତିରେ ଖୋଲା ରହିବ ତେଜରାତି ଦୋକାନ

## ଗୋଲେଇ ମଧ୍ୟରେ ରହି ସାମଗ୍ରୀ ଆଣିବାକୁ ପରାମର୍ଶ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ସମଗ୍ର ଦେଶ ଲକ୍‌ଡାଉନ୍ ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ତେଜରାତି ଦୋକାନରେ ଅସମ୍ଭବ ଭିଡ ପରିଲକ୍ଷିତ ହେଉଛି। ସେହି ଦୋକାନଗୁଡିକ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହୁଛି। ଏହା ସତ୍ତ୍ୱେ ବଡ ବଡ ମାର୍କେଟରେ ଲୋକମାନେ ପ୍ରବଳ ଜନ ଗହଳି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତେଜରାତି ଦୋକାନକୁ ରାତିରେ ମଧ୍ୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପଦକ୍ଷେପ ନେବାକୁ ଜିଲାପାଳ ଏବଂ ମହାନଗର ନିଗମ କମିଶନରମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସର୍କଲ କିମ୍ବା ଚାରିଛକ ମଧ୍ୟରେ ଦୂରତ୍ୱ ରଖି ଉପଭୋକ୍ତାମାନେ ଦୋକାନରୁ ସଉଦା ଆଣିବାକୁ କୁହାଯାଇଛି। ପ୍ରତ୍ୟେକ ଦୋକାନୀ ଏହି ନିର୍ଦ୍ଦେଶାବଳୀକୁ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସହରରେ ତେଜରାତି, ପନିପରିବା, ଫଳମୂଳ, ଔଷଧ ଆଦିକୁ ହୋମ ଡେଲିଭରି କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାଛଡା ଭ୍ରାମ୍ୟମାଣ ଗାଡି ଯୋଗେ ଉକ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଂସ୍ଥାମାନେ ଟ୍ରଲି, ରିକ୍ସା କିମ୍ବା ୩ ଚିକିଆ ଠେଲା ଗାଡି ଜରିଆରେ ନିଜ ନିଜ ଅଞ୍ଚଳରେ ତେଜରାତି, ପନିପରିବା, ଫଳମୂଳ, ଔଷଧ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ କୁହାଯାଇଛି।

# ବାଦାମବାଡ଼ି-ଲିଙ୍କରୋଡ୍‌କୁ ଘୁଞ୍ଚିବ ଛତ୍ରବଜାର

କଟକ ଅଫିସ,୨୬।୩

ପ୍ରଶାସନର ନାନା କଟକଣା ସତ୍ତ୍ୱେ ଛତ୍ରବଜାରରେ ଲୋକଙ୍କ ଭିଡ଼ କମୁନାହିଁ। ବୁଧବାର ଗ୍ରାହକ ଓ ଦୋକାନୀଙ୍କ ପାଇଁ ଚିହ୍ନ ଦିଆଯାଇଥିଲା। ହେଲେ ଗୁରୁବାର ତାହାକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ କମ୍ ଜାଗା ଯୋଗୁ ଛତ୍ରବଜାରରେ ସାମାଜିକ ଦୂରତ୍ୱ ନିୟମ ପାଳିବା ସମ୍ଭବ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଛତ୍ରବଜାରକୁ ବାଦାମବାଡ଼ି-ଲିଙ୍କରୋଡ଼ ଛକ ପର୍ଯ୍ୟନ୍ତ ରାସ୍ତାକୁ ଘୁଞ୍ଚାଇଦେବାକୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ସିଏମ୍‌ସିର ଡେପୁଟି କମିଶନର୍ ଅଭିନାଶ ରାଉତ ଏବଂ ପୋଲିସ ଅଧିକାରୀମାନେ ଛତ୍ରବଜାରକୁ ଯାଇ ବ୍ୟବସାୟୀଙ୍କୁ ଭିଡ଼ ପାଇଁ ତାଗିଦ୍ କରିଥିଲେ। ଶୁକ୍ରବାରଠାରୁ ନୂଆ ଜାଗାକୁ ଉଠିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅଧିକାରୀମାନେ ବାଦାମବାଡ଼ି-ଲିଙ୍କରୋଡ଼କୁ ଯାଇ ଜାଗା ଚିହ୍ନଟ କରିଥିଲେ। ସନ୍ଧ୍ୟାରେ କଟକ ଡିସିପି ଅଖିଳେଶ୍ୱର ସିଂ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ରାସ୍ତାରେ ଉଭୟ ବିକ୍ରେତା ଏବଂ ଗ୍ରାହକଙ୍କ ପାଇଁ ଚିହ୍ନ ପକାଇଛନ୍ତି।

# ଭୁବନେଶ୍ୱରରେ ହୋମ୍ ଡେଲିଭରି କରିବେ ୨୮ ଷ୍ଟୋର୍

ଭୁବନେଶ୍ୱର, ୨୬।୩ (ବ୍ୟୁରୋ)

ଭୁବନେଶ୍ୱରରେ ଲୋକଙ୍କ ଘରେ ପହଞ୍ଚିବ ଅତ୍ୟାବଶ୍ୟକ ସାମଗ୍ରୀ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ବ୍ୟବସ୍ଥା ହୋଇଥିବାବେଳେ ରିଲାଏନ୍ସ ଫ୍ରେଶ, ବିଗ୍ ବଜାର, ବିଶାଲ ମେଗା ମାର୍ଟ ଏବଂ ଆଧାର ଫ୍ରେଶର ୨୮ ଷ୍ଟୋର ଓ ଆଉଟଲେଟ ଦ୍ୱାରା ଏହି ସୁବିଧା ଉପଲବ୍ଧ ହେବ। ଅର୍ଡର ମୁତାବକ ଏସବୁ ଷ୍ଟୋର୍‌ର କର୍ମଚାରୀମାନେ ଅର୍ଡର ଦେବାର ୭ରୁ ୧୧ ମଧ୍ୟରେ ଲୋକଙ୍କ ଘରେ ସାମଗ୍ରୀ ପହଞ୍ଚାଇବେ। ଏଥିପାଇଁ ସମ୍ପୃକ୍ତ ଷ୍ଟୋର୍ ବା ଆଉଟ୍‌ଲେଟ୍‌ଗୁଡ଼ିକ ପକ୍ଷରୁ ଜଣେ ଜଣେ ହୋମ୍ ଡେଲିଭରି ମ୍ୟାନେଜରଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ ନାଁ ଓ ମୋବାଇଲ୍ ଫୋନ୍ ନମ୍ବର ବିଏମ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିସହିତ ଆଉଟ୍‌ଲେଟ୍‌ର ନିଜ ୱେବ୍‌ସାଇଟ୍‌ରେ ମଧ୍ୟ ଏନେଇ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱରବାସୀ ଏହି ସେବାର ଲାଭ ଉଠାଇପାରିବେ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି। ଏହି ସେବା ପାଇବାକୁ ଜଣେ ବ୍ୟକ୍ତିଙ୍କୁ ଆବଶ୍ୟକ ସାମଗ୍ରୀର ତାଲିକା ଓ ସ୍ଥାନୀୟ ଠିକଣା ମଲ୍/ଷ୍ଟୋରର ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଠାଇବାକୁ ପଡ଼ିବ। ଏହି ପ୍ରକ୍ରିୟାରେ କୌଣସି ଫୋନ୍ କଲ କରାଯିବ ନାହିଁ। ଅର୍ଡର/ସାମଗ୍ରୀ ଗ୍ରହଣ କରିବା ସମୟରେ ବ୍ୟକ୍ତି ଜଣକ ସାମଗ୍ରୀ ବାବଦ ଅର୍ଥରାଶି ପ୍ରଦାନ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ରାସ୍ତାକଡ଼ରେ ଭୋକରେ ପଡ଼ି ରହିଛନ୍ତି ଠିକା ଶ୍ରମିକ

## ବାହାର ରାଜ୍ୟରେ ଫସିଛନ୍ତି ବିଏଡ୍ ପରୀକ୍ଷାର୍ଥୀ

ଭୁବନେଶ୍ୱର,୨୬।୩ (ବ୍ୟୁରୋ)

ଲକ୍‌ଡାଉନ୍ ପାଇଁ ଭୁବନେଶ୍ୱରରେ ଅନ୍ୟ ଜିଲାର ଶହ ଶହ ଠିକା ଶ୍ରମିକ ଫସି ରହି ଭୋକ ଉପାସରେ ରାସ୍ତା କଡ଼ରେ ପଡି ରହିଛନ୍ତି। ଗୁରୁବାର ରାମ ମନ୍ଦିର ଓ ଏହାର ଆଖପାଖରେ ବହୁ ଶ୍ରମିକ ଏଭଳି ଦୟନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ବାଲେଶ୍ୱର ଅଞ୍ଚଳର ଜଣେ ଶ୍ରମିକ ଅଜିତ ନାୟକ କହିଛନ୍ତି, ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଜଣେ ଜଣେ ଇଲେକ୍ଟ୍ରିକାଲ ଠିକାଦାରଙ୍କ ନିକଟରେ ତାଙ୍କ ସହ ବିଭିନ୍ନ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ଲକ୍‌ଡାଉନ ପୂର୍ବଦିନ କଣ୍ଟ୍ରାକ୍ଟର ପ୍ରତ୍ୟେକଙ୍କୁ ୫୦୦ଟଙ୍କା ଧରାଇ ଚାଲିଗଲେ। ବସ୍ ଚଳାଚଳ ବନ୍ଦ ହୋଇଥିବାରୁ ଆମେ ଘରକୁ ଯାଇପାରିଲୁନି। ପ୍ରାୟ ୪୦ଜଣ ଚାଲିଚାଲି ଘର ଅଭିମୁଖେ ବାହାରିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ରାଜଧାନୀ ରାସ୍ତାକଡରେ ଦିନବିତାଉଛନ୍ତି। କେତେଜଣଙ୍କ ପାଖରେ ଟଙ୍କା ରହିଥିଲେ ମଧ୍ୟ ହୋଟେଲ ବନ୍ଦ ଥିବାରୁ ଭୋକିଲା ଖାଇବା କଷ୍ଟକର ହୋଇପଡ଼ିଛି। ସରକାର ଆମକୁ ଘରକୁ ଫେରାଇବାର ବ୍ୟବସ୍ଥା କରିବାକୁ ତାଙ୍କ ସହ ଅନ୍ୟ ଶ୍ରମିକମାନେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବିଏଡ୍ ପରୀକ୍ଷା ଦେବାକୁ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟକୁ ଯାଇଥିବା ଶତାଧିକ ଛାତ୍ରଛାତ୍ରୀ ଫେରି ନ ପାରି ଫସି ରହିଛନ୍ତି। ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଅଧୀନ ସୋମେୟା ସଂସ୍କୃତ ବିଦ୍ୟାପୀଠ ମୁମ୍ବାଇରେ ୭୯ଜଣ ଛାତ୍ରଛାତ୍ରୀ ବିଏଡ଼ କରୁଛନ୍ତି। ସେଠାରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣି ଓ ଗ୍ୟାସ୍ ନ ଥିବାରୁ ଭୋକରେ କାଳାତିପାତ କରୁଛନ୍ତି। ସେମାନଙ୍କୁ ଓଡ଼ିଶା ସରକାର ସହଯୋଗ ଯୋଗାଇ ଦେବାକୁ ପାଇଁ ସେମାନେ ନିବେଦନ କରିଛନ୍ତି।

# ଲକ୍‌ଡାଉନ ଉଲ୍ଲଂଘନ କରି ୪୯ ଜଣ ଗିରଫ

ବାରିପଦା ଅଫିସ, ୨୬।୩

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଗୁରୁବାର ଲକ୍‌ଡାଉନର ଦ୍ୱିତୀୟ ଦିନରେ ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଜିଲାର ବିଭିନ୍ନ ଥାନାରେ କଟକଣା ଉଲ୍ଲଂଘନକାରୀଙ୍କ ନାମରେ ୨୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୪୯ ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ୩୨ଟି ଗାଡ଼ିକୁ ଜବତ କରାଯିବା ସହିତ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରକାଶ ଯେ, ବୁଧବାର ଲକ୍‌ଡାଉନର ପ୍ରଥମ ଦିନରେ ୩୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୪୨ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେହିଭଳି ୩୫ଟି ବାଇକ୍‌କୁ ଜବତ କରିଥିଲା। ୬ଟି ପାଟ୍ରୋଲିଂ ଗାଡ଼ି ବାରିପଦା ସହରର ବିଭିନ୍ନ ଗଳିକନ୍ଦିରେ ବୁଲି ଲୋକମାନଙ୍କୁ ଘରୁ ନ ବାହାରିବା ପାଇଁ ସଚେତନ କରାଉଛନ୍ତି। ସେହିଭଳି ସହରର ୮ଟି ଛକରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି।



## ଜିଲା ଚିଠି
## ରାଉରକେଲା

# କରୋନା ଦୁଃଖ

ପ୍ରାଣଘାତୀ କରୋନାକୁ ମୁକାବିଲା କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜନତା କର୍ଫ୍ୟୁଠାରୁ ଆରମ୍ଭ କରି ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଜନସାଧାରଣ ବାହାରକୁ ନ ଆସି ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ପ୍ରଭାବ ସମସ୍ତ ସହର ପରି ରାଉରକେଲାରେ ପଡ଼ିଛି। ତେବେ ଏହି ସହରରେ ରହୁଥିବା ରାସ୍ତାକଡ଼ର ମଣିଷଙ୍କ ଉପରେ ଏହି କଟକଣା ବାଉ ସାଧିଛି। ଗରିବ,ଦୁଃଖୀ ଓ ନିରାଶ୍ରୟମାନେ କ'ଣ ଖାଇ ବଞ୍ଚିବେ ସେ ଚିନ୍ତା ସେମାନଙ୍କୁ ହିଁ ଘାରିଛି। ଇସ୍ପାତ ସହରରେ ଅଟୋରିକ୍ସା ଓ ସାଧାରଣ ରିକ୍ସା ଚଳାଇ ଗୁଜୁରାଣ ମେଣ୍ଟାଉଥିବା ଲୋକମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କାମଧନ୍ଦା ଅଭାବରୁ ଦିନ ମଜୁରିଆମାନେ କିଭଳି ପରିବାର ପ୍ରତିପୋଷଣ କରିବେ ଚିନ୍ତା କରିପାରୁ ନାହାନ୍ତି। ସେମାନଙ୍କ ମୁଣ୍ଡରେ ବି ଚଡ଼କ ପଡ଼ିଛି। ସେମାନେ ୨୧ଦିନ ଯାଏ କେମିତି ଘରେ ମୁହଁ ପୋତି ପଡି ରହିବେ ସେହି ଉତ୍ତର କାହା ପାଖରେ ନାହିଁ। ଏଭଳି ପରିସ୍ଥିତିରେ ଧାରଉଧାର କେହି ଦେବାକୁ ମଙ୍ଗୁ ନାହାନ୍ତି। ସରକାର ପିଡିଏସ୍ ସାମଗ୍ରୀ ଦେବାକୁ ତାରିଖ ପୁଞ୍ଜା ପ୍ରଦାନ କରିବେ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ନାହିଁ। ଏମାନଙ୍କ ବ୍ୟତୀତ ବର୍ଷାବର୍ଷ ସଂଗ୍ରହ କରିପେଟ ପୋଷୁଥିବା ଲୋକେ ବି ହତାଶ ହୋଇଛନ୍ତି। ଫୁଟପାଥରେ ଠେଲା ଗାଡ଼ି ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀ, ଚା, ପାନ, ଗୁପଚୁପ୍, ଚାଟ ଆଦି ବିକୁଥିବା ଦୋକାନୀଙ୍କ ଅବସ୍ଥା ଆହୁରି ସଙ୍କଟମୟ ହୋଇପଡ଼ିଛି। ଏହି ଦୋକାନୀମାନେ ଯାହ କିଛି ଟଙ୍କା ସଞ୍ଚୟ କରି ରଖିଥିଲେ ତାହା ବି କରାନ ସାମଗ୍ରୀର ଚଢ଼ାଦର ଯୋଗୁ ସରିବାକୁ ବସିଛି। ବହୁ କଳ କାରଖାନାରେ ତାଲା ଝୁଲିଛି। ଯଦି ଲକ୍‌ଡାଉନର ଅବଧି ୨୧ରୁ ଆଉ ଅଧିକ ଦିନକୁ ବୃଦ୍ଧି ପାଏ ପରିସ୍ଥିତି ଅସମ୍ଭାଳ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। – ବସନ୍ତ କୁମାର ଧଳ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ

**ମେଷ**: ରାଶିରେ ଶୁକ୍ରଙ୍କ ସହ ଚନ୍ଦ୍ରଙ୍କ ସଂଯୋଗରୁ ହସଖୁସିରେ ପାରିବାରିକ ଜୀବନ ଅତିବାହିତ ହେବ। ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହୋଇପିବେ ଏବଂ ପିଲାମାନଙ୍କ ସଫଳତାକୁ ଦେଖି ଗର୍ବ ଅନୁଭବ କରିବେ। ପରିବାରରେ ଆମୋଦ ପ୍ରମୋଦର ମଉକା ଜୁଟିବ କିନ୍ତୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ।

**ବୃଷ**: କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ କିନ୍ତୁ ଖର୍ଚ୍ଚର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ବିଭିନ୍ନ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆବଶ୍ୟକ ଜିନିଷର ଅଭାବ କେତେକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିବ।

**ମିଥୁନ**: ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କ କାର୍ଯ୍ୟଦକ୍ଷତା ଜଗଦ୍ଧର ହେବ। ଜଟିଳ ପରିସ୍ଥିତିକୁ ଦେଖି ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। ଆପଣଙ୍କ ଅସୁବିଧା ସମୟରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଧୈର୍ଯ୍ୟ ଧରି କର୍ମ କରିପାରିଲେ ଅବଶ୍ୟ ଉପକୃତ ହେବେ।

**କର୍କଟ**: ଆକସ୍ମିକ ଭାବରେ କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ବିଷମ ପରିସ୍ଥିତି ସୃଷ୍ଟି ହୋଇପାରେ। କୌଣସି ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିବାର ଆଶଙ୍କା ରହିଛି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**: ପାପଗ୍ରହ ମଧ୍ୟରୁ ରବିଙ୍କ ଯୋଗୁ ତରବରିଆ ଭାବରେ କୌଣସି କାମ ନ କରି ଜଗି ରଖି ଚଳିବା ଭଲ ହେବ। ଆତ୍ମୀୟଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କନ୍ୟା**: କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ, କିନ୍ତୁ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିବ। ପ୍ରତ୍ୟେକ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସରକାରୀ କାମରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**: କର୍ମକ୍ଷେତ୍ରରେ କାମର ଚାପ ଏତେଦୂର ବଢ଼ିଯିବ ଯେ ଆପଣ ଜମା ଶାନ୍ତିରେ ରହିପାରିବେ ନାହିଁ। ଘର ଲୋକମାନଙ୍କ କାମରେ ଅସନ୍ତୁଷ୍ଟ ହେଲେ ମଧ୍ୟ ପାଟି ଫିଟାଇବାର ରାସ୍ତା ନ ଥିବ। ଆଭ୍ୟନ୍ତରିକ କାମ ସହଜରେ ସମ୍ପନ୍ନ ହୋଇ ନ ପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ବିଚ୍ଛା**: ହାତରେ କାମ ବହୁତ କିନ୍ତୁ ସମସ୍ୟା ମଧ୍ୟରେ କୌଣସିଟି ମଧ୍ୟ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇ ଠିକଣା ସମୟରେ ପାଖ ମାଡ଼ିବ ନାହିଁ। ଅସାବଧାନତା କାରଣରୁ ଧନ ହାନି ଘଟିପାରେ। କାର୍ଯ୍ୟରେ ଅବହେଳା ନେଇ ଉଚ୍ଚକର୍ତ୍ତାଙ୍କଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ଧନୁ**: ପୂର୍ବନିର୍ଦ୍ଧାରିତ କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁ ସ୍ଥଗିତ ରଖିବାକୁ ବାଧ୍ୟ ହେବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିବାର ଆଶଙ୍କା କେତେ ସହଯୋଗର ଆଶା ନିରର୍ଥକ ହୋଇପାରେ। ଆବଶ୍ୟକ ସାହାଯ୍ୟ, ସହଯୋଗ ଅଭାବରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରଖିବାକୁ ବାଧ୍ୟ ହେବେ।

**ମକର**: ପରିବାରରେ ଆପଣଙ୍କ କାର୍ଯ୍ୟକଳାପ ସନ୍ଦେହ ଓ ଭୁଲ ବୁଝାମଣା ସୃଷ୍ଟିକରି ଅନର୍ଥର କାରଣ ହେବାର ଆଶଙ୍କା ରହିଛି। ପରାଜୟଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଗୁରୁଜନଙ୍କ ପରାମର୍ଶରେ ଧର୍ମକର୍ମ ପ୍ରତି ମନ ବଳିପାରେ। ହିତୈଷୀଙ୍କ ସାହାଯ୍ୟ ସହଯୋଗରୁ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ।

**କୁମ୍ଭ**: ବେପରୁଆ ଭାବେ ଭୁଲ କାର୍ଯ୍ୟପନ୍ଥା ଅନୁସରଣ କଲେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିପାରେ। ତୃତୀୟସ୍ଥ ଶୁକ୍ର ହେତୁ ନୂତନ କର୍ମୀଗଣ ପାଇଁ ମନ ବଳାଉଥିଲେ ମଧ୍ୟ ଜଟିଳ ପରିସ୍ଥିତି ତାହା କରାଇ ନ ପାରେ। ଯାନବାହନରେ ସମସ୍ୟା, ବନ୍ଧୁଙ୍କ ସହ ସମ୍ପର୍କହାନି ଘଟିବ।

**ମୀନ**: ପରିସ୍ଥିତିର ବିଡ଼ମ୍ବନାଜନିତ ଅଧୈର୍ଯ୍ୟ ନ ହୋଇ ସାମ୍ନା କରିବାକୁ ଚେଷ୍ଟାକଲେ ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସର୍ତ୍ତକତା ଅବଲମ୍ବନ ନ କଲେ ଠକାମିରେ ପଡ଼ିବାର ଆଶଙ୍କାକୁ ଏଡ଼ିହେବ ନାହିଁ। ସ୍ତ୍ରୀ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନାକୁ ଖାମଖିଆଲି ଭାବରେ ଗ୍ରହଣ କରନ୍ତୁ ନାହିଁ।

ଆଜି ଚୈତ୍ର ଶୁକ୍ଳ ତୃତୀୟା ଶୁକ୍ରବାର, ମାର୍ଚ୍ଚ ୨୭ ତାରିଖ, ବିଶ୍ୱ ରଙ୍ଗମଞ୍ଚ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ଦିବା ଘ୦୨।୦୮ମି. ଗତେ ଦ୍ୱିତୀୟା, ମେଷ ରାଶିର ଘାତଚନ୍ଦ୍ର, ପ୍ରାତଃ ଘ୦୫।୪୮ମି. ଗତେ ଘ୦୭।୩୭ମି. ମଧ୍ୟେ, ଘ୦୭।୨୫ମି. ଗତେ ଘ୦୯।୫୦ମି. ମଧ୍ୟେ, ଦିବା ଘ୦୧୨।୧୬ମି. ଗତେ ଘ୦୨।୪୯ମି. ମଧ୍ୟେ, ଘ୦୪।୧୯ମି. ଗତେ ଘ୦୫।୫୫ମି. ମଧ୍ୟେ, ସନ୍ଧ୍ୟା ଘ୦୭।୩୦ମି. ମଧ୍ୟେ, ରାତ୍ରି ଘ୦୧।୫୦ମି. ଗତେ ଘ୦୩।୨୭ମି. ମଧ୍ୟେ ଅମୃତବେଳା, ରାତ୍ରି ଘ୦୬।୧୫ମି. ଗତେ ଘ୦୫।୪୭ମି. ମଧ୍ୟେ, ଘ୦୩।୨୫ମି. ଗତେ ଘ୦୬।୧୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୧୨ମି. ଗତେ ଘ୧୧।୫୨ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302



real estate
SALE

ଭୁବନେଶ୍ୱରର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

2BHK ready to move flat sale at Patrapada Market, Bhubaneswar. 6370292040. D-69109



packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-17135

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ 1,2,3,4BHK flat, simplex, duplex ଅଛି 8327785834, 9658122456. D-69114

ପାଠକଙ୍କ ପାଇଁ ସୂଚନା
ଛାପିଯିବାରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ୧.୭ ଲକ୍ଷ କୋଟି ଟଙ୍କାର...

ଜମା କରିବେ ସରକାର। ଯେଉଁ ସଂସ୍ଥାରେ ୧୦୦ ପର୍ଯ୍ୟନ୍ତ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଏବଂ ୯୦ ପ୍ରତିଶତଙ୍କ ମାସିକ ବେତନ ୧୫,୦୦୦ ଟଙ୍କା ହୋଇଥିବ ସେମାନଙ୍କୁ ଏହି ସୁବିଧା ମିଳିବ। ଏଥିସହିତ କର୍ମଚାରୀମାନେ ସେମାନଙ୍କ ଇପିଏଫ୍ ଆକାଉଣ୍ଟରେ ଥିବା ଜମାରାଶିର ୭୫ ପ୍ରତିଶତ କିମ୍ବା ୩ ମାସର ବେତନ ପରିମାଣର ଅର୍ଥ ଉଠାଇପାରିବେ। ଏଥିରେ ୮୦ ଲକ୍ଷ କର୍ମଚାରୀ ଉପକୃତ ହେବେ।

ଲକ୍‌ଡାଉନ ଯୋଗୁ କାହାରିକୁ ଭୋକରେ ରହିବାକୁ ଦିଆଯିବ ନାହିଁ ବୋଲି ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସରକାରୀ ହିସାବ ଅନୁଯାୟୀ ଏଫ୍‌ସିଆଇ ଗୋଦାମଗୁଡ଼ିକରେ ୫୮.୪୯ ନିୟୁତ ଟନ୍ ଖାଦ୍ୟଶସ୍ୟ ଗଚ୍ଛିତ ରହିଛି। ସେଥିରୁ ୩୦.୯୭ ନିୟୁତ ଟନ ଚାଉଳ ଓ ୨୭.୫୨ ନିୟୁତ ଟନ ଗହମ। ଆବଶ୍ୟକତାଠାରୁ ଏହା ଯଥେଷ୍ଟ ଅଧିକ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ପୋଲିସକୁ ଦେଖି ଦୌଡ଼ିବା...

ପଡିଯାଇଥିଲେ। ଖବର ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ତରବ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନଂ.୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ନୀଳାଦ୍ରି ନିଳୟରେ ଉଦ୍ଧାର ୩୯ ବ୍ୟକ୍ତି

ପୁରୀ ଅଫିସ, ୨୬।୩

ଲକ୍‌ଡାଉନ ଯୋଗୁ ଅଚାନକ ବସ୍ ଓ ଟ୍ରେନ ଚଳାଚଳ ବନ୍ଦ ହେବାରୁ ବାହାର ରାଜ୍ୟର କିଛି ଲୋକ ପୁରୀରେ ରହିଯାଇଛନ୍ତି। ଏହାବ୍ୟତୀତ ଅନେକ ବାସହୀନ ଓ ନିରାଶ୍ରୟ ବି ଅଛନ୍ତି। ବର୍ତ୍ତମାନ ସ୍ଥିତିରେ ଏମାନେ ଖାଇବା, ପିଇବାରେ ହଇରାଣ ହେଉଥିବେ। ଏହିଭଳି କ୍ଷୁଧାରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଜଣାଇବା ଲାଗି ପ୍ରଶାସନ ପକ୍ଷରୁ ଏକ ନମ୍ବର ଜାରି କରାଯାଇଛି। ବୁଧବାର ଏହିଭଳି ୨୯ ଓ ଗୁରୁବାର ୧୦ ଜଣଙ୍କୁ ଉଦ୍ଧାର କରାଯାଇ ନୀଳାଦ୍ରି ନିଳୟରେ ରଖାଯାଇଛି। ସେମାନଙ୍କ ଖାଇବା, ପିଇବା ଆଦିର ବ୍ୟବସ୍ଥା ହୋଇଛି। ଏମାନଙ୍କ ମଧ୍ୟରେ ଛତିଶଗଡ଼ର ୬ ଓ ବାଂଲାଦେଶର ୩ ଜଣ ରହିଛନ୍ତି। ଅନ୍ୟପକ୍ଷେ ଜିଲାର ପ୍ରାୟ ୮୦ ହଜାର ହିତାଧିକାରୀଙ୍କୁ ଆଗୁଆ ୪ ମାସର ପେନ୍‌ସନ ବାବଦକୁ ପ୍ରାୟ ୪୨କୋଟି ଟଙ୍କା ଦିଆଯିବ। ଗତ ଦୁଇଦିନ ହେଲା ଘରକୁ ଘର ବୁଲି ଭତ୍ତା ବଣ୍ଟାଯାଉଛି। ପ୍ରାୟ ୨ଲକ୍ଷ ୮୦ ହଜାର ପରିବାରକୁ ଆସନ୍ତା ୫ ତାରିଖ ପୂର୍ବରୁ ୨ଲକ୍ଷ କୁଇଣ୍ଟାଲ ଚାଉଳ ଦିଆଯିବ। ଏଥିସହ ୧ଲକ୍ଷ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ୩ ମାସର ଆଗୁଆ ମଧ୍ୟାହ୍ନଭୋଜନ ସାମଗ୍ରୀ ଦିଆଯିବ। ୨୩ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ୯୫ ହଜାର ଶିଶୁଙ୍କୁ ଖାଦ୍ୟ ଦିଆଯିବାର ବ୍ୟବସ୍ଥା ହୋଇଛି।

# ଅତ୍ୟାବଶ୍ୟକ ସେବା ପାଇଁ ୮ ଅଟୋ

କଟକ ଅଫିସ,୨୬।୩

ଲକ୍‌ଡାଉନ୍ ଯୋଗୁ କଟକ ସହରରେ ଅଟୋରିକ୍ସା ଚଳାଚଳ ପ୍ରଭାବିତ ହୋଇଛି। ଜରୁରୀ ପରିସ୍ଥିତିରେ ମଧ୍ୟ ଲୋକେ ଅଟୋରିକ୍ସା ପାଇପାରୁନାହାନ୍ତି। ଏଭଳି ସମୟରେ ସହାୟତା ପାଇଁ ଆଗେଇ ଆସିଛି କଟକ ଅଟୋରିକ୍ସା ମହାସଂଘ। ଏନେଇ ମହାସଂଘ ପକ୍ଷରୁ କଟକ ଡିସିପିଙ୍କୁ ଏକ ପତ୍ର ଲେଖାଯାଇଛି। ଯେଉଁମାନେ ମେଡିକାଲ୍ କିମ୍ବା ଆଇନଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ରହିଛନ୍ତି, ସେମାନଙ୍କୁ ନେବା ଆଣିବା ପାଇଁ ଅଟୋ ବ୍ୟବହାର କରାଯିବ। ୮ଟି ଅଟୋ ଏଥିପାଇଁ ଏସ୍‌ସିବି ମେଡିକାଲ୍ ଗେଟ୍ ପାଖରେ ରହିବ। ଯେଉଁମାନେ ଆବଶ୍ୟକ କରିବେ, ସେମାନେ ଫୋନ୍ କଲେ ସେମାନଙ୍କ ପାଖରେ ଅଟୋ ପହଞ୍ଚିବ।

## ଆଦିବାସୀ ଆପଣାଇଛନ୍ତି ଦେଶୀ ମାସ୍କ

ଧନୀ ହୁଅନ୍ତୁ କି ଗରିବ, ଜୀବନ ସମସ୍ତଙ୍କ ପାଇଁ ମୂଲ୍ୟବାନ। ଏବେ କରୋନାକୁ ନେଇ ସବୁଠି ଭୟର ବାତାବରଣ। କୋଭିଡ୍-୧୯ ଭାଇରସ୍‌କୁ ଯେ କୌଣସି ପ୍ରକାରେ ପ୍ରତିହତ କରିବାକୁ ସରକାରଙ୍କ ପକ୍ଷରୁ ଅନେକ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। କେହି ଯେପରି ଘରୁ ନ ବାହାରିବେ ସେଥିପାଇଁ ଲକ୍‌ଡାଉନ ଘୋଷଣା କରାଯାଇଛି। ଜରୁରୀ କାମରେ ବାହାରକୁ ଗଲେ ନିଶ୍ଚିତଭାବେ ମାସ୍କ ପିନ୍ଧି ଯିବା ପାଇଁ ପରାମର୍ଶ ଦିଆଯାଉଛି। ଏହାକୁ ନେଇ ଗତ କିଛି ଦିନ ହେଲା ବଜାରରେ ମାସ୍କର ଅଭାବ ମଧ୍ୟ ପରିଲକ୍ଷିତ ହୋଇଛି। ଆଉ କେତେକ ସ୍ଥାନରେ କିଛି ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାର ଆବଶ୍ୟକତା ତଥା ଚାହିଦାକୁ ଦେଖି ବିଭିନ୍ନ ରାଜ୍ୟରେ ଏବେ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅନ୍ୟ ସଂସ୍ଥା ପକ୍ଷରୁ ମାସ୍କ ତିଆରି ମଧ୍ୟ ଆରମ୍ଭ କଲେଣି। ହେଲେ ଦୁର୍ଗମ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକଙ୍କ ପକ୍ଷରେ ଏତେ ଟଙ୍କା ଦେଇ ମାସ୍କ ପିନ୍ଧିବା କଷ୍ଟକର ହୋଇଛି। ଆଦିବାସୀ ଅଞ୍ଚଳକୁ ସରକାରୀ ଯୋଜନା ଅପହଞ୍ଚ ହୋଇପାରେ। ହେଲେ ଭାଇରସ୍ ପହଞ୍ଚିବା ଅସମ୍ଭବ ନୁହେଁ। ଏହା ସେମାନେ ଜାଣନ୍ତି। ତେଣୁ ନିଜ ସୁରକ୍ଷା ନେଇ ସେମାନେ ବେଶ୍ ସଚେତନ ଅଛନ୍ତି। ତେବେ ଏମାନେ ବଜାରରେ ମିଳୁଥିବା ଦାମୀ ମାସ୍କ ନୁହେଁ ବରଂ ଗଛ ପତ୍ରରେ ତିଆରି ଦେଶୀ ମାସ୍କକୁ ହିଁ ଆପଣାଇଛନ୍ତି।



ଛତିଶଗଡ଼ର କାଙ୍କେର୍ ଜିଲା ଅନ୍ତର୍ଗତ କେତେକ ଗ୍ରାମରେ ଏହା ଦେଖିବାକୁ ମିଳିଛି। ନିକଟରେ କୌଣସି ଡାକ୍ତରଖାନା ନ ଥିବା ଯୋଗୁ ଏମାନେ ଭାଇରସ୍ କବଳରୁ ନିଜକୁ ଏବଂ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ସମସ୍ତ ପରାମର୍ଶ ମାନୁଛନ୍ତି। ଜିଲାର ଅନ୍ତାଗଡ଼ର କେତେକ ପଞ୍ଚାୟତ ବୈଠକକୁ ମଧ୍ୟ ଏହି ଆଦିବାସୀମାନେ ଦେଶୀ ମାସ୍କ ପିନ୍ଧି ପହଞ୍ଚିଥିବା ଦେଖାଯାଇଛି। ଉଲ୍ଲେଖଯୋଗ୍ୟ, ଆଦିବାସୀଙ୍କ ମଧ୍ୟରେ ଏହା ପ୍ରଥମ ଘଟଣା ନୁହେଁ। ଏମାନଙ୍କ ଜୀବନଶୈଳୀ ସହ ବୃକ୍ଷ ତଥା ଜଙ୍ଗଲ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ସବୁ କ୍ଷେତ୍ରରେ ଏମାନେ ବୃକ୍ଷ ଉପରେ ନିର୍ଭରଶୀଳ। ତେବେ ଡାକ୍ତରମାନଙ୍କ କହିବା ହେଲା ପତ୍ରରେ ତିଆରି ମାସ୍କ ଭାଇରସ୍‌ଠାରୁ ସୁରକ୍ଷା ଦେଇପାରେ, ମାତ୍ର ଶ୍ୱାସକ୍ରିୟାରେ ଅସୁବିଧା ହେବା ଆଶଙ୍କା ରହିଛି।

## କେବଳ ଲକ୍‌ଡାଉନ୍ କଲେ ତ୍ରାହି ନାହିଁ

**ନୂଆଦିଲ୍ଲୀ, ୨୬।୩:** କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ବିଶେଷଜ୍ଞଙ୍କ ମତରେ କେବଳ ଲକ୍‌ଡାଉନ୍ କଲେ ଏହି ଭୂତାଣୁର ତ୍ରାହି ମିଳିବ ନାହିଁ। ଲକ୍‌ଡାଉନ୍ ସମୟରେ ବ୍ୟାପକ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଜରୁରୀ। ଏପରି ନ କଲେ ସଂକ୍ରମଣ ଆହୁରି ବୃଦ୍ଧି ପାଇବ। କାରଣ ବର୍ତ୍ତମାନ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୬୪୯ରେ ପହଞ୍ଚିଛି। ଜର୍ଜ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ହେଲ୍‌ଥ ଇନ୍ ଇଣ୍ଡିଆ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପ୍ରଫେସର ବିବେକାନନ୍ଦ ଝା କହିଛନ୍ତି, ବିଗତ କିଛିଦିନ ମଧ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଛି। ଏହି ବ୍ୟକ୍ତିମାନେ ଲକ୍‌ଡାଉନ୍ ପୂର୍ବରୁ ସଂକ୍ରମିତ ହୋଇଥିବାରୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଦୁଇ ସପ୍ତାହର ଇନ୍‌କୁବେଶନ ସମୟରେ ଜଣେ ସଂକ୍ରମିତ ହେଲେ ସମ୍ପୃକ୍ତ ରୋଗୀଙ୍କଠାରେ ପରବର୍ତ୍ତୀ ଦୁଇ ସପ୍ତାହ ପରେ ମଧ୍ୟ ଲକ୍ଷଣ ଦେଖାଦେଇପାରେ। ଲକ୍‌ଡାଉନ୍ ଯୋଗୁ ସଂକ୍ରମଣ କମିପାରେ। କିନ୍ତୁ ଏହି ଅବଧି ମଧ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୁଦୃଢ଼ କରା ନ ଗଲେ ଏଥିରେ ରୋକ ଲାଗିବା ଭଳି ମନେହଉ ନାହିଁ। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି, ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ ସ୍ୱୀକୃତିପ୍ରାପ୍ତ ୨୯ଟି ଘରୋଇ ଲାବରେଟୋରି ଚେନ୍ ଦେଶରେ ରହିଛି। ଏହି ଲ୍ୟାବ୍‌ଗୁଡ଼ିକରେ କରୋନା ଭାଇରସ୍ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସାରା ଦେଶରେ ଉକ୍ତ ଲ୍ୟାବଗୁଡ଼ିକର ୧୬,୦୦୦ କଲେକ୍‌ସନ ସେଣ୍ଟର ରହିଛି, ଯେଉଁଠି ଦୈନିକ ଅନ୍ୟୂନ ୧୨,୦୦୦ ଟେଷ୍ଟ କରାଯାଇପାରିବ। ଘରୋଇ ଲାବ୍ ବ୍ୟତୀତ ୧୧୯ଟି ସରକାରୀ ଲ୍ୟାବ୍ ରହିଛି, ଯାହାକୁ ଆଇସିଏମ୍‌ଆର୍ ସ୍ୱୀକୃତି ପ୍ରଦାନ କରିଛି। ଏଥିରୁ ୧୦୪ କୋଭିଡ୍-୧୯ ଯାଞ୍ଚ ପାଇଁ କାର୍ଯ୍ୟକ୍ଷମ ଅଛି। ଅବଶିଷ୍ଟ ୧୫ଟି ଲ୍ୟାବ୍‌କୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଚାଲିଛି।

## ଭୁବନେଶ୍ୱରର ୧୧ ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ):** ମାରାତ୍ମକ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ସନ୍ଦିଗ୍ଧମାନେ କ୍ୱାରାଣ୍ଟାଇନ୍‌ରେ ରହିବାର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଇତିମଧ୍ୟରେ ଭୁବନେଶ୍ୱରର ୧୧ ଘରୋଇ ହୋଟେଲରେ ବିଏମ୍‌ସି ଦ୍ୱାରା ପେଡ୍ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯାଇଛି। ପୂର୍ବରୁ ପର୍ଯ୍ୟାୟକ୍ରମେ ୯ଟି ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ହୋଇଥିବାବେଳେ ଗୁରୁବାର ଆଉ ୨ ହୋଟେଲ ସହ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। କଟକ ରୋଡ୍‌ସ୍ଥିତ ପାର୍କ ରିସୋର୍ଟ ଓ ମଞ୍ଚେଶ୍ୱରସ୍ଥିତ ହୋଟେଲ୍ ପାରାଡାଇଜ୍ କନ୍‌ଭେନ୍‌ଶନ୍‌ରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ହୋଇଛି। ଏହି ଦୁଇ ହୋଟେଲ କ୍ୱାରାଣ୍ଟାଇନ୍ ରୁମ୍ ପାଇଁ ଦୈନିକ ମାତ୍ର ୩୦୦ ଟଙ୍କା ଦେଇ କରୋନା ସନ୍ଦିଗ୍ଧମାନେ ଏଠାରେ ରହିପାରିବେ ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

## ଦେଶବ୍ୟାପୀ ଟୋଲ୍ ଆଦାୟ ସ୍ଥଗିତ





**ନୂଆଦିଲ୍ଲୀ, ୨୬।୩:** କରୋନା ସଂକ୍ରମଣ ଯୋଗୁ ଭାରତରେ ଅଚଳାବସ୍ଥା ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ୨୧ ଦିନିଆ ଲକ୍ ଡାଉନ୍ ଘୋଷଣା କରିଛନ୍ତି। ଏଭଳି ପରିସ୍ଥିତିରେ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାଉଥିବା ଯାନବାହନଗୁଡ଼ିକ ଯେପରି ଟୋଲ୍ ଗେଟ୍‌ରେ ବିନା ବାଧାରେ ଯେପରି ଯାତାୟାତ କରିପାରିବେ ସେଥିପାଇଁ ଏବେ ଦେଶବ୍ୟାପୀ ଟୋଲ୍ ଆଦାୟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ କେନ୍ଦ୍ର ସଡ଼କ ପରିବହନ ତଥା ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଟୁଇଟ କରି ଜଣାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ଏଭଳି କରାଯାଇଥିବା ସେ କହିଛନ୍ତି।

## କେନ୍ଦ୍ର କରୋନା ପ୍ୟାକେଜକୁ ରାଜ୍ୟ ଭାଜପାର ପ୍ରଶଂସା

**ଭୁବନେଶ୍ୱର, ୨୬।୩(ବ୍ୟୁରୋ):** କରୋନା ମୁକାବିଲା ପାଇଁ କେନ୍ଦ୍ର ସରକାର ୧ଲକ୍ଷ ୭୬ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ଏହି ପ୍ୟାକେଜ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ଘୋଷଣା କରାଯାଇଛି । କେନ୍ଦ୍ର ସରକାର ଏହି ଘୋଷଣା ଲକ୍‌ଡାଉନ୍ ସମୟରେ ଦେଶର ସମସ୍ତ ଗରିବ ଜନତାଙ୍କୁ ଖାଦ୍ୟ ଏବଂ ଆର୍ଥିକ ସୁରକ୍ଷା ଯୋଗାଇବ । ଏହି ଅର୍ଥ ସିଧାସଳଖ ଗରିବ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେବ। କେନ୍ଦ୍ର ସରକାର ଏଭଳି ସମୟରେ ଅନେକ ଜନହିତକର ପଦକ୍ଷେପ ଗ୍ରହଣ କରିଥିବାରୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଧନ୍ୟବାଦ ଦେବାସହ କୃତଜ୍ଞତା ଜଣାଇଛନ୍ତି । ୨୧ଦିନର ଲକ୍‌ଡାଉନ୍‌କୁ ଦୃଷ୍ଟିରେ ରଖି ମୋଦି ସରକାର ଗରିବ, କୃଷକ, ଦିବ୍ୟାଙ୍ଗ, ଶ୍ରମିକ ଏବଂ ବୟସ୍କମାନଙ୍କ ପାଇଁ ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି । ଦେଶବାସୀଙ୍କୁ ଭୋକିଲା ନ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଗରିବ ଅନ୍ନ ଯୋଜନାରେ ଆଗାମୀ ୩ ମାସ ପର୍ଯ୍ୟନ୍ତ ମାଗଣାରେ ୮୦ କୋଟି ଲୋକଙ୍କୁ ଅତିରିକ୍ତ ୫ କିଲୋ ଚାଉଳ କିମ୍ବା ଗହମ ଓ ୧ କେଜି ଡାଲି ଯୋଗାଇ ଦେବେ। ଦେଶର ୮ କୋଟି ୫୯ ଲକ୍ଷ ଚାଷୀଙ୍କୁ ଏପ୍ରିଲ ପ୍ରଥମ ସପ୍ତାହରେ ୨ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ବିପିଏଲ୍ ପରିବାରକୁ ୩ ମାସ ପର୍ଯ୍ୟନ୍ତ ମାଗଣାରେ ଏଲ୍‌ପିଜି ସିଲିଣ୍ଡର ପ୍ରଦାନ କରାଯିବ। ଏଭଳି ଜନହିତକର ନିଷ୍ପତ୍ତି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ସମୀର ଧନ୍ୟବାଦ ଜଣାଇଛନ୍ତି।

## ସୁଦର୍ଶନଙ୍କ କରୋନା ସଚେତନତାକୁ ଜାତିସଂଘର ପ୍ରଶଂସା

**ପୁରୀ ଅଫିସ, ୨୬।୩:** ବିଶ୍ୱରେ ମହାମାରୀ କରୋନା ଏବେ ଆତଙ୍କ ଖେଳାଇଛି। ଏହି ପ୍ରାଣଘାତୀ ଭୂତାଣୁକୁ କିପରି ରୋକାଯାଇପାରିବ ସେ ନେଇ ସବୁସ୍ତରରେ ଚିନ୍ତାପ୍ରକଟ କରାଯାଉଛି। ସଚେତନତା ହିଁ ଏହାର ମୁକାବିଲା ପାଇଁ ଏକମାତ୍ର ମାର୍ଗ ବୋଲି କୁହାଯାଉଛି। ତେଣୁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କରିଥିବା ବାଲୁକା କଳାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଜାତିସଂଘ ପ୍ରଶଂସା କରିଛନ୍ତି। 'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ', ଲକ୍‌ଡାଉନରେ ସରକାରଙ୍କୁ ସହଯୋଗ କରନ୍ତୁ ବାର୍ତ୍ତା ଦେଇ ଗତ ୨୩ ତାରିଖରେ ପୁରୀ ବେଳାଭୂମିରେ ବାଲୁକା କଳା ତିଆରି କରିଥିଲେ। ସୁଦର୍ଶନଙ୍କ ଏହି ବାଲୁକା କଳା ଫଟୋକୁ ରିଟୁଇଟ୍ କରି ଜାତିସଂଘ ଲେଖିଛି, କୋଭିଡ-୧୯ ମହାମାରୀ ମଧ୍ୟରେ ସାରା ଦୁନିଆର ଲୋକ ପରସ୍ପରକୁ ସାହାଯ୍ୟ କରିବା ପାଇଁ ସମର୍ଥନ ଓ ସଂହତି ପ୍ରଦର୍ଶନ କରୁଛନ୍ତି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ ଏଡହୋମ୍ ଘେବ୍ରେୟେସସ୍ ମଧ୍ୟ ସୁଦର୍ଶନଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେ ଟୁଇଟ୍‌ରେ ଲେଖିଛନ୍ତି ଦୁନିଆକୁ ଶକ୍ତିଶାଳୀ ବାର୍ତ୍ତା ପଠାଇବା ପାଇଁ କଳା ଏକ ଶକ୍ତିଶାଳୀ ମାଧ୍ୟମ ଅଟେ। କୋଭିଡ-୧୯ ବିରୋଧରେ ସବୁଠାରୁ ସୁନ୍ଦର ବାର୍ତ୍ତା ହୋଇଥିବାରୁ ସେ ସୁଦର୍ଶନଙ୍କୁ ଧନ୍ୟବାଦ ଦେଇଛନ୍ତି।





## ନିଜ ଘରକୁ ହସ୍ପିଟାଲ କରିବାକୁ ପ୍ରସ୍ତାବ ଦେଲେ କମଲ ହାସନ

**ନୂଆଦିଲ୍ଲୀ, ୨୬।୩**

ତାମିଲ ସୁପରଷ୍ଟାର ତଥା ଅଭିନେତାରୁ ରାଜନେତା ପାଲଟିଥିବା କମଲ ହାସନ କରୋନା ଭୂତାଣୁ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ତାଙ୍କ ଚେନ୍ନାଇସ୍ଥିତ ପୂର୍ବ ବାସଭବନକୁ ଅସ୍ଥାୟୀ ହସ୍ପିଟାଲରେ ପରିଣତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଉକ୍ତ ବାସଭବନ ଏବେ ତାଙ୍କ ପାର୍ଟି ମକ୍କାଲ ନିଧି ମାଏମ (ଏମ୍‌ଏନ୍‌ଏମ୍) ଦ୍ୱାରା ବ୍ୟବହାର ହେଉଛି। ସେ ଏକ ଟୁଇଟ୍ କରି ଏ ସମ୍ପର୍କରେ ଜଣାଇବା ସହ ସରକାରଙ୍କ ଅନୁମତି ପାଇବା ପରେ ତାହା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଏପରି ସଙ୍କଟ ସମୟରେ ଯେଉଁମାନେ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ସଂଗ୍ରାମ କରୁଛନ୍ତି ସେମାନଙ୍କୁ ସହାୟତା କରିବାକୁ ସେ ଘୋଷଣା କରିଛନ୍ତି। ହାସନଙ୍କ ଏହି ନିଷ୍ପତ୍ତିକୁ ପ୍ରଶଂସକ ଓ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମଙ୍ଗଳବାର ରାତିରେ ୨୧ ଦିନ ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରିଥିଲେ। ବୁଧବାର କମଲ ହାସନ ତାମିଲରେ ଏକ ଟୁଇଟ୍ କରି କହିଥିଲେ ଯେ, ଦୈନିକ ମଜୁରିଆମାନେ ଏହି ୨୧ ଦିନ ସେମାନଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ କେଉଁଠିକୁ ଯିବେ ତାହା ସରକାର ଚିନ୍ତା କରିବା ଆବଶ୍ୟକ। ସେମାନଙ୍କ ଦୁର୍ଦ୍ଦଶାକୁ ଅଣଦେଖା କରା ନ ଯାଉ। ଏବେ କେବଳ ଧନୀ ଉଦ୍ୟୋଗପତିଙ୍କୁ ସାହାଯ୍ୟ କରିବାର ସମୟ ନାହିଁ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ସବୁବେଳେ ଆମ ଅର୍ଥ ବ୍ୟବସ୍ଥାକୁ ବଞ୍ଚାଇ ରଖିଛନ୍ତି।



ଯେଉଁମାନେ ତାହାକୁ ଅଣଦେଖା କରିଛନ୍ତି ସେମାନେ ନିଜର ସ୍ଥିତି ହରାଇ ଦେଇଛନ୍ତି। ଏହା ଇତିହାସ ବୋଲି ହାସନ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

ସୂଚନାଥାଉ କି ୬୫ ବର୍ଷୀୟ ହାସନ ଓ ତାଙ୍କ ସାନ ଝିଅ ଅକ୍ଷରା ବର୍ତ୍ତମାନ ଚେନ୍ନାଇରେ ଅଲଗା ଅଲଗା ଘରେ ରହୁଛନ୍ତି। ତାଙ୍କ ବଡ଼ ଝିଅ ତଥା ଅଭିନେତ୍ରୀ ଶ୍ରୁତି ହାସନ ୧୦ ଦିନ ତଳେ ଲଣ୍ଡନରୁ ଫେରିବା ପରେ ଏକାକୀ ମୁମ୍ବାଇର ଏକ ଘରେ କ୍ୱାରାଣ୍ଟାଇନରେ ରହୁଥିବା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେହିପରି ହାସନଙ୍କ ଧର୍ମପତ୍ନୀ ସାରିକା ମୁମ୍ବାଇରଆଉ ଏକଘରେ ଏକାକୀ ରହୁଛନ୍ତି।

## 'ଲାଲୁ ଖଟାଲ'ରେ ଗୋଖାଦ୍ୟ ସଙ୍କଟ



କରୋନା ପ୍ରଭାବ

**ପାଟନା, ୨୬।୩:** କରୋନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିବାପରେ ଏହାର ପ୍ରଭାବ ଚାରିଆଡେ ଦେଖିବାକୁ ମିଳିଛି। ଏହାଦ୍ୱାରା ଗରିବ, ଶ୍ରମିକ ଶ୍ରେଣୀର ଲୋକେ ଓ ଛୋଟ ବ୍ୟବସାୟୀ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ପଶୁପକ୍ଷୀ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି। ବିହାରର ପାଟନାରେ ଥିବା 'ଲାଲୁ ଖଟାଲ'ରେ ଗୋଖାଦ୍ୟ ଓ ଚାରା ଅଭାବରୁ ୫୦୦ଗାଈ ଏବେ ଭୋକିଲା ରହିଛନ୍ତି। ୧୯୯୪ରେ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ପାଟନା ଏକ୍ସାଇଜ୍ କଲୋନୀସ୍ଥିତ ଏହି ଖଟାଲ (ଗୁହାଳ)କୁ ଉଦ୍‌ଘାଟନ କରିଥିବାରୁ ତାଙ୍କ ନାମ ଅନୁସାରେ ଏହାର ନାମ 'ଲାଲୁ ଖଟାଲ' ରଖାଯାଇଥିଲା। ଏଠାରେ ଥିବା ୫ଶହରୁ ଊର୍ଦ୍ଧ୍ୱ ଗାଈ ଦିନକୁ ୧ଲକ୍ଷ ଲିଟରରୁ ଅଧିକ କ୍ଷୀର ଦେଇଥାନ୍ତି। ଏହାର ମାଲିକ ରାଜୁ ରାଏଙ୍କ କହିବା ଅନୁଯାୟୀ, ୨ ଦିନ ହେଲା ଏଠାରେ ଚାରାର ଅଭାବ ଦେଖାଦେଇଛି। ଖାଦ୍ୟ ନ ଖାଇ ଗାଈଗୁଡ଼ିକ ଦୁର୍ବଳ ହୋଇପଡ଼ିଲେଣି। ଲକ୍‌ଡାଉନ୍ ପୂର୍ବରୁ ଗୋଖାଦ୍ୟ କେଜି ୫ରୁ ୮ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ ଦର ବୃଦ୍ଧି ଘଟି ୩୦ରୁ ୩୨ ଟଙ୍କା ହୋଇଯାଇଛି। ଏହାସହ ପର୍ଯ୍ୟାପ୍ତ ପରିମାଣରେ ମଧ୍ୟ ମିଳୁନାହିଁ। ବଜାରକୁ କିଣିବାକୁ ଯିବାବେଳେ ମଧ୍ୟ ପ୍ରଶାସନ ଛାଡୁନାହିଁ। ନିରୁପାୟ ହୋଇ ୨ଦିନ ହେଲା ଗୁଡ଼ପାଣି ପିଆଇ ଗାଈଗୁଡିକୁ କେବଳ ବଞ୍ଚାଇ ରଖିଛୁ। ପୂର୍ବାପେକ୍ଷା ଏବେ ଖାଦ୍ୟ ଅଭାବରୁ ଗାଈ ଅଧା କ୍ଷୀର ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯଦି ଏଥିପ୍ରତି ଦୃଷ୍ଟି ନ ଦେବେ ତେବେ ତାଙ୍କ ସମେତ ଅନ୍ୟ ଗୋପାଳକମାନେ ମଧ୍ୟ ବାଧ୍ୟହୋଇ ରାସ୍ତାରେ ଗାଈ ଛାଡିଦେବେ ବୋଲି ରାଜୁ ରାଏ କହିଛନ୍ତି।

## ଭୋକିଲା ପେଟକୁ ଆହାର ସାହା




### ୪ କେନ୍ଦ୍ରରେ ୩ହଜାର ମିଲ୍ ପ୍ରଦାନ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ):** କରୋନା ଭାଇରସ୍ ସଂକ୍ରମଣ ରୋକିବାକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଥିବା ଲକ୍‌ଡାଉନ୍ ପାଇଁ ଏବେ ସବୁଠୁ ଅଧିକ ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ନିରାଶ୍ରୟ ଓ ଅସହାୟ। ସେହିଭଳି ଭୁବନେଶ୍ୱରରେ ରହି ହୋଟେଲ ଉପରେ ନିର୍ଭର କରୁଥିବା ବିଭିନ୍ନ ବର୍ଗର ଲୋକେ ମଧ୍ୟ ହଇରାଣ ହେଉଛନ୍ତି। ଏ ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା 'ଆହାର' ଭୋକିଲା ପେଟକୁ ସାହା ହୋଇଛି। ଭୁବନେଶ୍ୱରରେ ଏବେ ୪ ଆହାର କେନ୍ଦ୍ରରେ ଉଭୟ ସକାଳ ଓ ରାତିରେ ୩ ହଜାର ମିଲ୍ ପ୍ରଦାନ କରାଯାଉଛି। କ୍ୟାପିଟାଲ ହସ୍ପିଟାଲ ଆହାର କେନ୍ଦ୍ରରେ ସକାଳ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ୫୦୦ ମିଲ୍ ଏବଂ ରାତି ୭ରୁ ୯ଟା ମଧ୍ୟରେ ୨୫୦ ମିଲ୍ ଭୋକିଲା ଲୋକଙ୍କୁ ଦିଆଯାଉଛି। ସେହିପରି ଭୁବନେଶ୍ୱର ଏମ୍ସ ନିକଟ କେନ୍ଦ୍ରରେ କେବଳ ଦିନରେ ୧୫୦୦ ମିଲ୍, କଳିଙ୍ଗ ହସ୍ପିଟାଲ ଓ ସମ୍ ହସ୍ପିଟାଲ ଆହାର କେନ୍ଦ୍ରରେ ଉଭୟ ଦିନ ଓ ରାତିରେ ୩୭୫ ଲେଖାଏ ମିଲ୍ ପ୍ରଦାନ କରାଯାଉଥିବା ବିଏମ୍‌ସି ଓ ଆହାର ପରିଚାଳନା କେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ସହରର ଅନ୍ୟ ସମସ୍ତ ଆହାର କେନ୍ଦ୍ର ଉପରେ କଟକଣା ଲଗାଯାଇଥିବାବେଳେ ହସ୍ପିଟାଲ ନିକଟରେ ଥିବା ଏସବୁ କେନ୍ଦ୍ରକୁ ଖୋଲା ରଖାଯାଇଛି। ଏହିସବୁ କେନ୍ଦ୍ରରେ ଆହାର ଶେଷ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ ଖାଦ୍ୟ ବଣ୍ଟନ କରିବେ। ଗତ ୪ଦିନ ମଧ୍ୟରେ ବହୁ ସଂଖ୍ୟାର ପିଲା ଓ କର୍ମଜୀବୀମାନେ ଆହାର କେନ୍ଦ୍ରକୁ ଆସି ଖାଉଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

**ଭୁବନେଶ୍ୱର, ୨୬।୩(ବ୍ୟୁରୋ):** କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ସୂତ୍ରରୁ ସହାୟତା ମିଳିବାରେ ଲାଗିଛି। ସେହିଭଳି ରିଲିଫ ପାଣ୍ଠିକୁ କେଉଁ ମାନେ କେତେ ଟଙ୍କା ପ୍ରଦାନ କରୁଛନ୍ତି ତାହା ମଧ୍ୟ ସାର୍ବଜନୀନ କରାଯାଇଛି। ଉଭୟ ଅନ୍‌ଲାଇନ୍ ଏବଂ ଅଫ୍ ଲାଇନ ଦ୍ୱାରା ମିଳିଥିବା ସହାୟତା ରାଶିର ପରିମାଣ ଏବଂ ଦେଇଥିବା ସଂସ୍ଥା, ବ୍ୟକ୍ତିବିଶେଷଙ୍କ ନାମ ଉଲ୍ଲେଖ ରହିଛି। ଏହି କ୍ରମରେ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଅନୁରୂପଭାବେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ତାଙ୍କର ୩ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍-୧୯ ପାଣ୍ଠିକୁ ଦାନ କରିଛନ୍ତି । ମନ୍ତ୍ରୀ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରିଥିବାବେଳେ, ତାଙ୍କ ସହଧର୍ମିଣୀ ରଞ୍ଜିତା ସୋରେନ୍ ମଧ୍ୟ ୫୦ହଜାର ଟଙ୍କା ଦେଇଛନ୍ତି। ଅନୁରୂପଭାବେ ରାଜ୍ୟ ଯୁବକଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ ନାୟକ ମଧ୍ୟ ନିଜର ଏକ ମାସର ଦରମା ୩୮,୦୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଏହା ପୂର୍ବରୁ ବିଜୟ ନାୟକ ଫନୀ ସହାୟତା ବାବଦକୁ ୯୮,୦୦୦ ଟଙ୍କା ଦାନ କରିଥିଲେ।



## ଅସହାୟଙ୍କୁ ଖାଦ୍ୟ ଦାନ ଲାଗି ନଡ୍ଡାଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ):** କରୋନା ଭାଇରସ୍‌ର ପ୍ରକୋପ କମାଇବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ କରାଯାଇଛି। ଏଭଳି ଜଟିଳ ସମୟରେ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ସ୍ଥାନୀୟ ପ୍ରଶାସନର ସହାୟତାରେ କାର୍ଯ୍ୟ କରିବାକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା କହିଛନ୍ତି । ସେ ଆଜି ଭିଡିଓ କନଫରେନ୍ସ ଜରିଆରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଏଭଳି ସମୟରେ ନିଜ ଘର ପାଖ ଅଞ୍ଚଳର ସର୍ବନିମ୍ନ ୫ ଜଣ ଅସହାୟ ଗରୀବଙ୍କୁ ଖାଦ୍ୟ ଦାନ କରିବାକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିବେଦନ କରିଛନ୍ତି।

## ହୋମ୍ ଡେଲିଭରିରେ ବାଧା ସୃଷ୍ଟିକରୁଛି ପୋଲିସ

### ଡେଲିଭରି ଏଜେଣ୍ଟଙ୍କୁ ରାସ୍ତାରେ ଗୋଡ଼ାଇ ପିଟୁଛି

**ଭୁବନେଶ୍ୱର, ୨୬।୩(ବ୍ୟୁରୋ):** ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା ପରଠୁ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୁ ବାହାରିଲେ ପୋଲିସ ଭୟ ରହୁଥିବାରୁ ଲୋକେ ଅନ୍‌ଲାଇନ୍‌ରେ ମେଡିସିନ, ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଅର୍ଡର କରୁଛନ୍ତି। ଏଥିପାଇଁ ଅନୁମତି ରହିଥିଲେ ମଧ୍ୟ ଲୋକଙ୍କ ଘରକୁ ସାମ୍ରଗୀ ଡେଲିଭରି କରିବାକୁ ଯାଉଥିବାବେଳେ ଏଜେଣ୍ଟଙ୍କୁ ପୋଲିସ ଅଟକାଇ ପିଟୁଥିବା ଅଭିଯୋଗ ହେଉଛି। ପୋଲିସର ଦାଦାଗିରି ଯୋଗୁ ସହର ମଧ୍ୟରେ କୌଣସି ଇ-କମର୍ସ ପ୍ଲାଟଫର୍ମ କିମ୍ୱା ଡିପାର୍ଟମେଣ୍ଟାଲ ଷ୍ଟୋର୍ ହୋମ୍ ଡେଲିଭରି ସେବା ବାଧାପ୍ରାପ୍ତ ହେଉଛି। ଫ୍ଲିପ୍‌କାର୍ଟ, ଆମାଜନ୍, ସ୍ୱିଗି ଓ ଜୋମାଟୋ ଭଳି ବଡ଼ ବଡ଼ ଇ-କମର୍ସ ପ୍ଲାଟଫର୍ମକୁ ଛାଡିଦେଲେ ହୋମ୍ ଡେଲିଭରି କରୁଥିବା ଭୁବନେଶ୍ୱରରେ ଏକାଧିକ ଛୋଟବଡ଼ ସଂସ୍ଥା ରହିଛନ୍ତି। ପନିପରିବାରୁ ଆରମ୍ଭକରି ମାଛ, ମାଂସ ଓ ଗ୍ରସେରୀ ସାମଗ୍ରୀ ଡେଲିଭରଗି କରିବା ପାଇଁ ସହରରେ ବହୁ ଷ୍ଟାର୍ଟଅପ୍ ସଂସ୍ଥା ରହିଛି। ବର୍ତ୍ତମାନ ସଂସ୍ଥାଗୁଡ଼ିକର ଗୁରୁତ୍ୱ ସବୁଠାରୁ ଅଧିକ ରହିଥିଲେ ମଧ୍ୟ ପୋଲିସର ଦାଦାଗିରି ଯୋଗୁ ଏମାନେ ଲୋକଙ୍କ ନିକଟରେ ସେବା ପହଞ୍ଚାଇ ପାରୁନାହାନ୍ତି। ଭୁବନେଶ୍ୱରରେ ମାଛ, ମାଂସ ଆଦିର ହୋମ୍ ଡେଲିଭରି କରୁଥିବା ଷ୍ଟାର୍ଟଅପ୍ 'ଇ-ମିଟ୍'ର ମୁଖ୍ୟ ସୌମ୍ୟରଞ୍ଜନ ଏନେଇ କହିଛନ୍ତି, ସରକାର ଅନୁମତି ଦେଉଛନ୍ତି, ହେଲେ ପୋଲିସ ଓଲଟା କରୁଛି। ଆମ ଡେଲିଭରି ଏଜେଣ୍ଟମାନଙ୍କୁ ପୋଲିସ ଗୋଡ଼ାଇ ଗୋଡ଼ାଇ ପିଟୁଛି। ପ୍ରଡକ୍ଟ ଛଡ଼ାଇ ଫିଙ୍ଗାଫୋପଡ଼ା କରିବା ସହ ଗାଡ଼ି ଛଡ଼ାଇ ରଖିଦେଉଛି। ସେହିଭଳି କଟକରେ ବିଗ୍‌ବଜାର ଓ ରିଲିଆନ୍ସ ଫ୍ରେସ୍‌କୁ ହୋମ୍ ଡେଲିଭରି ପାଇଁ ଅନୁମତି ମିଳିଥିବାବେଳେ ପୋଲିସ ପାଇଁ ଠିକ୍ ଭାବେ ଲୋକଙ୍କ ନିକଟରେ ସେବା ପହଞ୍ଚିପାରୁନି।

> ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ।
> –ଶ୍ରୀମା



# ଶେଷରେ ଗୁଟିଟୁକୁଡ଼ା

ଯିଏ ଯେଉଁଠି ଥାନ୍ତୁ ନା କାହିଁକି କରୋନା ମହାମାରୀ ପ୍ରତ୍ୟେକ ବ୍ୟକ୍ତିଙ୍କ ହାଡ଼ ଥରାଇଦେଇଛି। ପ୍ରାୟ ୧୭୫ଟି ଦେଶରେ ଏହି ରୋଗ ବ୍ୟାପିଛି। ସର୍ବୋତ୍ତମ ସ୍ୱାସ୍ଥ୍ୟ ଭିତ୍ତିଭୂମି ଥିବା ବିଶ୍ୱର କେତେକ ଉନ୍ନତ ଦେଶ ଯଥା ଆମେରିକା, ଇଟାଲୀ, ସ୍ପେନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ସର୍ବାଧିକ ଆକ୍ରାନ୍ତ ହୋଇଛନ୍ତି। ପ୍ରାୟ ୫ ଲକ୍ଷ ଲୋକ ଏହି ଭୂତାଣୁଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏପର୍ଯ୍ୟନ୍ତ ସାରା ବିଶ୍ୱରେ ଏହି ମହାମାରୀରେ ପ୍ରାୟ ୨୨,୦୦୦ ଲୋକ ମଲେଣି। ଏହି ରୋଗର ଆର୍ଥିକ ପ୍ରଭାବ ଯେକୌଣସି ଜାତୀୟ ବିପତ୍ତିଠାରୁ ଅଧିକ। ତେଣୁ କରୋନା ଭୂତାଣୁଜନିତ ପ୍ରଭାବକୁ ମୁକାବିଲା କରିବା ପାଇଁ ବିଶ୍ୱର ସମସ୍ତ ପ୍ରମୁଖ ଅର୍ଥନୀତି ଦୀର୍ଘକାଳୀନ ଅର୍ଥନୈତିକ ପଦକ୍ଷେପ ନେଲେଣି। ଏହି ମାସ ଆରମ୍ଭରେ ଆମେରିକାର ଫେଡେରାଲ ରିଜର୍ଭ ଶସ୍ତା ସୁଧହାରରେ ଲୋକଙ୍କ ପାଇଁ ଋଣ ଉପଲବ୍ଧ କରାଇବା ନିମନ୍ତେ ରେକର୍ଡ ୧ ପ୍ରତିଶତ ହ୍ରାସ କରିଥିଲା। ଶୁଣାଯାଉଛି ଫେଡ୍ ଏହାକୁ ଆହୁରି କାଟିପାରେ, ଯାହାଫଳରେ ସୁଧହାର ଶୂନ ହୋଇଯିବ। ବ୍ରିଟେନ, ଫ୍ରାନ୍ସ, ଚାଇନା, ଜାପାନ ଓ ଜର୍ମାନୀ କୋଭିଡ୍–୧୯ର ପ୍ରଭାବକୁ ମୁକାବିଲା କରିବା ପାଇଁ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଭଳି ଦୁଃସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା, ଯିଏ ଖୁବ୍‌ଶୀଘ୍ର ଏକ ଉତ୍ସାହପ୍ରଦ ପ୍ୟାକେଜ ଘୋଷଣା କରିବେ ବୋଲି ପ୍ରକାଶ କରିଥିଲେ। ଏହାକୁ ଘୋଷଣା କରିବାକୁ ସରକାର ବହୁତ ସମୟ ନେଲେ ଏବଂ ଶେଷରେ ଯାହା ଘୋଷଣା କଲେ ତାହା ନୈରାଶ୍ୟଜନକ।

ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ଅଧୀନରେ ସରକାର ୧.୭୦ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହା ଅଧୀନରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ କିଷାନ ଯୋଜନାରେ ମିଳିବାକୁ ଥିବା ୬୦୦୦ ଟଙ୍କା ମଧ୍ୟରୁ ୨୦୦୦ ଟଙ୍କାର କିସ୍ତି ଦିଆଯିବ। ଜବ୍ କାର୍ଡଧାରୀଙ୍କ ପାଇଁ ମଜୁରି ୧୮୨ରୁ ୨୦୨ ଟଙ୍କାକୁ ବୃଦ୍ଧି କରାଯାଇଛି। ବାର୍ଷିକ ୨୦୦୦ ଟଙ୍କା ଭତ୍ତା ହେଲେ ମାସକୁ ପଡ଼ିଲା ୧୬୭ ଟଙ୍କା ଏବଂ ଦିନକୁ ପଡ଼ିଲା ୫.୪୭ ଟଙ୍କା, ଯାହା ହାସ୍ୟାସ୍ପଦ। ପେନ୍‌ସନଭୋଗୀ ଏବଂ ଭିନ୍ନକ୍ଷମଙ୍କ ପାଇଁ ଦୁଇଟି କିସ୍ତିରେ ୧୦୦୦ ଟଙ୍କା ମିଳିବ। ଜନଧନ ଆକାଉଣ୍ଟ ଥିବା ମହିଳାମାନଙ୍କ ପାଇଁ ତିନି ମାସରେ ୧୫୦୦ ଟଙ୍କା ଦିଆଯିବ। ପ୍ରତ୍ୟେକ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ତିନିଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ତିନିମାସରେ ମିଳିବ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ ଋଣ ଦେବାକୁ ସରକାର ଯେଉଁ ଘୋଷଣା କରିଛନ୍ତି, ତାକୁ ମାନିବାକୁ କିଛି ବ୍ୟାଙ୍କ ଅନିଚ୍ଛା ପ୍ରକାଶ କରିବେ। ଇପିଏଫ୍ ପାଇଁ ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତାର ଅବଦାନ ସରକାର ତିନିମାସ ପାଇଁ ଦେବେ। ପୁଣି ଘୋଷଣା କରାଯାଇଛି– କର୍ମଚାରୀମାନେ ପିଏଫ୍‌ରେ ନିଜସ୍ୱ ଜମା ଅର୍ଥର ୭୫ ପ୍ରତିଶତ କିମ୍ବା ତିନି ମାସର ବେତନ ମଧ୍ୟରୁ ଯେଉଁଟା କମ୍ ତାକୁ ଉଠାଇବାର ଅନୁମତି ପାଇବେ। ଏହା ପିଏଫ୍ ଧାରକମାନଙ୍କ ପାଇଁ ଏକ ଲଲିପପ୍ ଛଡ଼ା ଅଉ କିଛି ନୁହେଁ। ଶେଷରେ ନିର୍ମାଣ ଶ୍ରମିକମାନଙ୍କୁ ସାହାଯ୍ୟ କରିବାକୁ ସେମାନଙ୍କ ପାଇଁ ସୃଷ୍ଟି ହୋଇଥିବା ୩୧,୦୦୦ କୋଟି ଟଙ୍କା କଲ୍ୟାଣ ପାଣ୍ଠିର ଉପଯୋଗ କରିବାକୁ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଅଧୀନରେ ଲୋକଙ୍କୁ ଅତିରିକ୍ତ ୫ କିଲୋଗ୍ରାମ୍ ଗହମ ବା ଚାଉଳ ଏବଂ ଏକ କିଲୋଗ୍ରାମ୍ ଡାଲି ଦିଆଯିବ। ତେବେ ଉକ୍ତ ଘୋଷଣାଗୁଡ଼ିକ ମଧ୍ୟରୁ ଏକମାତ୍ର ଲାଭଦାୟକ ଘୋଷଣାଟି ହେଉଛି– କରୋନା ଭାଇରସ ବିରୋଧରେ ଲଢ଼େଇ କରିବାକୁ ନିୟୋଜିତ ୨୦ ଲକ୍ଷ ଡାକ୍ତର, ପାରାମେଡିକାଲ କର୍ମୀ ଏବଂ ଆଶାକର୍ମୀଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ମେଡିକାଲ ବୀମା କଭର। କିନ୍ତୁ ସେମାନେ ସମ୍ମୁଖୀନ ହେଉଥିବା ବିପଦକୁ ବିଚାରକୁ ନେଲେ ଏହି ପରିମାଣ ମଧ୍ୟ ବଡ଼ ନୁହେଁ।

ଉପରୋକ୍ତ ପରିମାଣ କେବଳ ଗରିବ ଲୋକଙ୍କ ଉପରକୁ ଫୋପାଡି ଦିଆଯାଉଥିବା ଗୁଟିଟୁକୁଡ଼ା ପରି। ପ୍ୟାକେଜ୍‌ରେ କୌଣସି ଦୂରଦୃଷ୍ଟି ନାହିଁ। ଦେଶର ଅର୍ଥନୀତି ପାଇଁ କିଛି ନାହିଁ। କୌଣସି ଶିଳ୍ପ କିମ୍ବା କ୍ଷେତ୍ର ପାଇଁ କୌଣସି ଯୋଜନା କିମ୍ବା ଲାଭ ନାହିଁ। ୫୦ କୋଟି ମିଡିଲ କ୍ଲାସ୍ ଟିକସଦାତାଙ୍କ ପାଇଁ କିଛି ନାହିଁ। ସ୍ଥଗିତ ଇଏମ୍ଆଇ କିମ୍ବା ସୁଧ ସବ୍‌ଭେନ୍ସନ ଦୃଷ୍ଟିରୁ ସେମାନଙ୍କ ପାଇଁ କୌଣସି ଲାଭ ନାହିଁ। ସୁତରାଂ ମଙ୍ଗଳବାର ଅର୍ଥମନ୍ତ୍ରୀ କିଛି ପ୍ରଦାନ କରିବାକୁ ବାହାରିଥିଲେ, କିନ୍ତୁ ତାଙ୍କ ମୁଣାରୁ ଯାହା ବାହାରିଲା ତାହା ଥିଲା କେବଳ କିଛି ମଟରଭଜା ସଦୃଶ। ଟିକସଦାତାଙ୍କ ପାଇଁ କିଛି ନାହିଁ, କେବଳ ସେମାନେ ତାଙ୍କ ରିଟର୍ନ ଫାଇଲ ଦାଖଲ କରିବାକୁ ଅତିରିକ୍ତ ୯୦ ଦିନର ମହଲତ ଯାହା ପାଇଲେ। ଲୋକମାନେ ସାମ୍ନା କରୁଥିବା ଗୁରୁତର ସଙ୍କଟକୁ ଦେଖିଲେ ଏଟିଏମ୍ ଫି ଛାଡ ହାସ୍ୟାସ୍ପଦ। ପୂର୍ବରୁ କିଛି ନୂତନ ଘରୋଇ ବ୍ୟାଙ୍କ ଏହି ସେବା ପ୍ରଦାନ କରୁଛନ୍ତି। ଅଧିକନ୍ତୁ, ଡିଜିଟାଲ ବ୍ୟାଙ୍କିଙ୍ଗ୍ ଯୁଗରେ ଏବଂ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଥିବା ଲୋକଙ୍କ ସହିତ, ଏଟିଏମ୍ ଫି ଅନେକ ଦିନ ହେଲା ଆଉ କାହା ପାଇଁ ବ୍ୟସ୍ତତାର କାରଣ ହୋଇ ରହିନାହିଁ। ପ୍ରଥମତଃ ଏଭଳି ଫି ଲାଗୁ କରିବା ବ୍ୟାଙ୍କଗୁଡ଼ିକର ଭୁଲ୍ ଥିଲା। ତେଣୁ, ଏହାକୁ ସବୁଦିନ ପାଇଁ ଉଠାଇଦେବା ପରିବର୍ତ୍ତେ, ଅର୍ଥମନ୍ତ୍ରୀ କେବଳ ତିନିମାସ ପାଇଁ ଛାଡ କରିଛନ୍ତି। ଏହି ସରକାର ସବୁବେଳେ ଅର୍ଥନୈତିକ ବା ଅନ୍ୟ ଯେକୌଣସି ପ୍ରକାର ବିପଦ ସମୟରେ ପଦକ୍ଷେପ ନେବାକୁ ବିଳମ୍ବ କରିଆସୁଛନ୍ତି। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ କ'ଣ ଅନେକ ସମୟରେ ବିପଦ ଅଛି ବୋଲି ବି ସରକାର ସ୍ୱୀକାର କରନ୍ତି ନାହିଁ। ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ସରକାର ଏପରି କରିଥିଲେ ଏବଂ ଏବେ ତା'ର ପୁନରାବୃତ୍ତି କରୁଛନ୍ତି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ ଯାହା ଆଶା ରହିଲା, ଯାହାର ଆସନ୍ତା ଏପ୍ରିଲ ୩ ତାରିଖରେ ପରବର୍ତ୍ତୀ ଆର୍ଥିକ ସମୀକ୍ଷା ବୈଠକ ରହିଛି। ଆମେ ଆଶା କରୁଛୁ ବିଶ୍ୱରେ ଋଣ ପ୍ରଦାନକାରୀ ଇକୋସିଷ୍ଟମ୍‌କୁ ଠିକ୍ କରିବା ପାଇଁ ବ୍ୟାଙ୍କ ୫୦ ବେସିସ୍ ପଏଣ୍ଟରୁ ୧୦୦ ବେସିସ୍ ପଏଣ୍ଟ ମଧ୍ୟରେ ରେପୋ ରେଟ୍ ହ୍ରାସ କରିବ। ଗୁଟି ଟୁକୁଡ଼ା ଫିଙ୍ଗିଲେ କିଛି ହେବ ନାହିଁ।

**ଆଜିର ଅର୍ଥନୀତି**

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୯୫

- ୟୁରୋପୀୟ ୟୁନିୟନଭୁକ୍ତ ୧୫ଟି ସଭ୍ୟ ରାଷ୍ଟ୍ର ମଧ୍ୟରୁ ୭ଟି ରାଷ୍ଟ୍ର ସେମାନଙ୍କର ସୀମା ନିୟନ୍ତ୍ରଣକୁ ପ୍ରତ୍ୟାହାର କରିନେଇଛନ୍ତି।
- ଯୁକ୍ତରାଷ୍ଟ୍ର ଆମେରିକାର ଫାଷ୍ଟ ଲେଡି ବିଲ୍ କ୍ଲିଣ୍ଟନଙ୍କ ଧର୍ମପତ୍ନୀ ହିଲାରୀ କ୍ଲିଣ୍ଟନ ତାଙ୍କର ୧୨ ଦିନିଆ ଦକ୍ଷିଣ ଏସିଆ ଗସ୍ତ ଆରମ୍ଭରେ ଭାରତରେ ପହଞ୍ଚିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | | | | 2 | 9 | A | | | 3 | B | C | |
| B | | | | | 8 | | 3 | | | A | 9 | E | 0 | D |
| | 7 | | | | E | | | D | | | | | 6 | |
| | 4 | | 9 | | | | 8 | | | | | | | 2 |
| 6 | E | | | A | | | 0 | | 2 | C | | 1 | | |
| | | B | | 5 | | | | 7 | | | A | | | |
| | | 5 | | 4 | 3 | E | | | C | | 7 | 2 | | 6 |
| | | | | | | | | | | | 5 | | | 0 |
| 4 | | | A | C | 6 | | | | | 8 | | 9 | 3 | |
| | | | | | | | B | 0 | | 2 | | 8 | | |
| C | | | | | B | | A | | | 7 | | | 4 | 9 |
| 7 | | | | | | 5 | | 6 | 3 | | | | | |
| | | | | | | 3 | | 9 | | | 4 | 7 | | |
| 0 | | | | | | | | | 6 | 1 | C | | | E |
| | | | 3 | 2 | C | | | | | E | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 9 | 5 | 8 | 7 | 2 | 0 | D | 3 | 1 | C | 6 | B | 4 |
| B | 7 | 2 | 9 | 1 | 4 | 6 | E | A | 8 | D | 5 | C | 0 | 3 |
| 3 | 5 | 6 | 2 | C | D | 4 | 9 | 8 | B | 7 | 0 | 1 | E | A |
| 8 | 1 | C | 6 | 0 | E | 3 | 5 | B | 4 | 2 | A | 9 | 7 | D |
| 0 | D | 4 | A | 3 | B | 7 | C | 1 | 6 | E | 9 | 5 | 2 | 8 |
| 9 | 8 | 7 | B | 4 | 6 | D | 1 | 5 | 2 | 0 | 3 | E | A | C |
| 5 | 3 | D | C | A | 2 | 8 | 7 | 9 | 1 | B | E | 0 | 4 | 6 |
| 2 | 4 | B | E | 5 | 0 | C | 3 | 6 | 7 | A | D | 8 | 9 | 1 |
| 1 | A | E | D | 9 | 8 | B | 2 | 0 | C | 4 | 6 | 7 | 3 | 5 |
| C | 6 | 0 | 3 | 7 | 1 | A | 4 | E | 5 | 9 | 8 | 2 | D | B |
| 4 | 9 | A | 1 | 6 | 3 | 5 | D | 7 | 0 | C | 2 | B | 8 | E |
| 6 | 2 | 5 | 7 | B | 9 | E | 8 | C | A | 3 | 4 | D | 1 | 0 |
| E | 0 | 3 | 8 | D | C | 1 | B | 4 | 9 | 6 | 7 | A | 5 | 2 |
| D | B | 8 | 0 | 2 | A | 9 | 6 | 3 | E | 5 | 1 | 4 | C | 7 |
| 7 | C | 1 | 4 | E | 5 | 0 | A | 2 | D | 8 | B | 3 | 6 | 9 |

ଗତକାଲିର ଉତ୍ତର

# ଜିଲା ଶାସନ ଓ ଭାରତ

ଶରତ ଚନ୍ଦ୍ର ମିଶ୍ର

ଆମ ଦେଶରେ ଜିଲା ସ୍ତରରେ ପ୍ରତିନିଧିମୂଳକ ନିର୍ବାଚିତ ସରକାର ଏ ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରି ନାହିଁ। ବ୍ରିଟିଶ ବାଣିଜ୍ୟିକ ସାମ୍ରାଜ୍ୟବାଦୀଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଯେଉଁ ଶାସନ କଳ ସୃଷ୍ଟି କରାଯାଇଥିଲା, ତାହା ଏ ପର୍ଯ୍ୟନ୍ତ ବଳବତ୍ତର ରହିଆସିଛି। ସାମ୍ରାଜ୍ୟବାଦର ଲୋପ ପରେ ପ୍ରାୟ ସବୁ ପୂର୍ବ ଉପନିବେଶରୁ ଏ ପ୍ରଥାର ବିଲୋପ ସାଧନ ଘଟିଥିଲେ ମଧ୍ୟ ଭାରତରେ ବଳଶାଳୀ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହାର ପରିବର୍ତ୍ତନ ଦିଗରେ ଧ୍ୟାନ ଦେଇ ନାହାନ୍ତି। ଏପରିକି ପାକିସ୍ତାନରେ ଜଣେ ନିର୍ବାଚିତ ପ୍ରତିନିଧି (ନାଜିମ) ଜିଲା ଶାସନର ମୁଖ୍ୟ ଓ ଜଣେ ସିଏସ୍‌ପି (ଆମ ଆଇଏଏସ୍ ଭଳି) ଅଫିସର ତାଙ୍କର କାର୍ଯ୍ୟନିର୍ବାହୀ ମୁଖ୍ୟ।

ଆମ ଜିଲା ମୁଖ୍ୟଙ୍କୁ କଲେକ୍ଟର ଓ ଜିଲା ମାଜିଷ୍ଟ୍ରେଟ କୁହାଯାଏ। ଏ ନାମକରଣର କାର୍ଯ୍ୟାତ୍ମକ ଇତିହାସ ଅଛି। ଇଷ୍ଟ ଇଣ୍ଡିଆ କମ୍ପାନୀ ୧୭୬୫ ମସିହାରେ ଦିଲ୍ଲୀ ମୋଗଲ ଦରବାରରୁ ବଙ୍ଗ, ବିହାର ଓ ଓଡ଼ିଶା (ମେଦିନୀପୁର) ଅଞ୍ଚଳର ଦେୱାନୀ କ୍ଷମତାପ୍ରାପ୍ତ ହୋଇ ନବାବ ସମୟର ମୁସଲମାନ କର୍ମଚାରୀମାନଙ୍କ ମାଧ୍ୟମରେ ଖଜଣା ଅସୁଲ କଲା। ଖଜଣା ସଂଗ୍ରହରେ ଆଶାନୁରୂପ ବୃଦ୍ଧି ନ ହେବାରୁ ମୁସଲମାନ କର୍ମଚାରୀମାନଙ୍କ କାମ ତଦାରଖ କରିବା ନିମନ୍ତେ ସମସ୍ତ ଅଞ୍ଚଳକୁ ଭାଗକରି ପ୍ରତ୍ୟେକ ଅଞ୍ଚଳ ନିମନ୍ତେ ଜଣେ ଇଂରେଜ ଅଧିକାରୀ ନିଯୁକ୍ତ ହେଲେ। ଏଇ ତଦାରଖକାରୀଙ୍କୁ ନାମିତ କରାଗଲା ସଂଗ୍ରହକାରୀ ବା କଲେକ୍ଟର ଓ ତାଙ୍କ ଅଞ୍ଚଳ ହେଲା ଜିଲା। ଜିଲା ଶାସନର ମୂଳଦୁଆ ସ୍ଥାପନ ହେଲା। ୧୭୯୩ ମସିହାରେ ଚିରସ୍ଥାୟୀ ବନ୍ଦୋବସ୍ତ କରି ଏକ ଜମିଦାର ଶ୍ରେଣୀ ସୃଷ୍ଟି କରାଗଲା ଓ ସେମାନଙ୍କ ହାତରେ ପୋଲିସ କ୍ଷମତା ସହିତ ପ୍ରଭୂତ କ୍ଷମତା ରହିଲା। ଜମିଦାରମାନେ ଅଧିକ ଖଜଣା ପ୍ରଦାନ କରିବେ ଓ ଖଜଣା ସଂଗ୍ରହରେ ସ୍ଥାୟିତ୍ୱ ଆସିବ ବୋଲି ବେପାରୀ ଇଂରେଜ କମ୍ପାନୀ ଆଶା କରୁଥିଲା। ସେମାନଙ୍କ ମାଲିକ ହେଲେ କଲେକ୍ଟର। ଏଇ କଲେକ୍ଟରଙ୍କ ହାତମୁଠା ଟାଣ କରିବା ନିମନ୍ତେ ଚାର୍ଟର ଆକ୍ଟ ୧୮୩୩ ମସିହାରେ ଜିଲା ଜଜ୍‌ଙ୍କଠାରୁ ଜିଲା ମାଜିଷ୍ଟ୍ରେଟ କ୍ଷମତା କଲେକ୍ଟରଙ୍କୁ ପ୍ରଦାନ କରାଗଲା। ସେ ହେଲେ କଲେକ୍ଟର ତଥା ଜିଲା ମାଜିଷ୍ଟ୍ରେଟ ଓ କମ୍ପାନୀର ସ୍ଥାନୀୟ ପ୍ରତିନିଧି।

ଜଣେ ଇଂରେଜ ଯୁବକ ନିଜ ଦେଶରେ ଏତେ କ୍ଷମତା ଉପଭୋଗ କରିବାର ଅବସର ନ ଥିଲା। ଆଇସିଏସ୍ ପରୀକ୍ଷା ବ୍ୟବସ୍ଥା ହେଲା ଓ ପ୍ରତିଭାବାନ ଇଂରେଜ ଯୁବକ ଆସି ଏ ଦାୟିତ୍ୱ ଗ୍ରହଣ କରି ଜିଲାରେ ମା', ବାପା ସରକାରର କ୍ଷମତା ଉପଭୋଗ କଲେ। ସେମାନେ ଜିଲାରେ ବିଚାର ବିଭାଗୀୟ ସହକାରୀ ସେସନ୍ସ ଜଜ୍ କ୍ଷମତା ମଧ୍ୟ ଉପଭୋଗ କରୁଥିଲେ। ଏହି ନିରଙ୍କୁଶ ଶାସନ ୧୯୦୯ ପର୍ଯ୍ୟନ୍ତ ଚାଲିଲା ଓ ମର୍ଲେମିଣ୍ଟୋ ଶାସନ ସଂସ୍ଥା ଓ ମଣ୍ଟେଗୁ ଚେମ୍‌ସଫୋର୍ଡ ସଂସ୍ଥା ଆଦିରେ ଭାରତୀୟମାନେ ଶାସନକଳରେ ପ୍ରବେଶ କଲା ପରେ ଏବଂ ୧୯୨୧ରେ ଦ୍ୱୈତ ଶାସନରେ ମନ୍ତ୍ରୀ ହେଲା ପରେ ମଧ୍ୟ କଲେକ୍ଟରଙ୍କ ପ୍ରାଧାନ୍ୟ ହ୍ରାସ ପାଇ ନ ଥିଲା।

ପ୍ରାଦେଶିକ ସରକାରମାନେ ୧୯୩୫ ଭାରତ ଶାସନ ଆଇନ ଅନୁଯାୟୀ କେତେକାଂଶରେ ସ୍ୱତନ୍ତ୍ରତା ଲାଭ କଲେ। କଲେକ୍ଟରମାନେ ଆଉ କେନ୍ଦ୍ର ସରକାରଙ୍କ ସ୍ଥାନୀୟ ପ୍ରତିନିଧି ନ ହୋଇ କେବଳ ପ୍ରାଦେଶିକ ସରକାରଙ୍କ ପ୍ରତିନିଧି ହେଲେ। ଆୟକର, ଡାକ ତାର ବିଭାଗ ଓ କଷ୍ଟମ୍‌ସ ଭଳି କେନ୍ଦ୍ର ସରକାରଙ୍କ ବିଭାଗ ଉପରେ କଲେକ୍ଟରଙ୍କର କର୍ତ୍ତୃତ୍ୱ ରହିଲା ନାହିଁ। ୧୯୩୭ ମସିହା ପରଠାରୁ ନିର୍ବାଚିତ ମନ୍ତ୍ରୀମାନଙ୍କ ଅଧୀନରେ କଲେକ୍ଟରମାନେ ଅନିଚ୍ଛା ଓ ଅନାଗ୍ରହ ସହିତ କାର୍ଯ୍ୟ କରିବାକୁ ବାଧ୍ୟ ହେଲେ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ଯୁଦ୍ଧ ଚାନ୍ଦା ଆଦାୟ ଭଳି ଅସମ୍ମାନଜନକ କାର୍ଯ୍ୟରେ ସରକାର କଲେକ୍ଟରମାନଙ୍କୁ ଉପଯୋଗ କରିଥିଲେ।

ଦେଶ ସ୍ୱାଧୀନ ହେଲା। ସମ୍ବିଧାନ ପ୍ରଣୟନ ହେଲା। ସମ୍ବିଧାନରେ ଜିଲା ଶାସନର କୌଣସି ପରିବର୍ତ୍ତନର ବ୍ୟବସ୍ଥା ରହିଲା ନାହିଁ। ଦେଶରେ ଚାରିପ୍ରକାର ଶାସନ ସମାନ୍ତରାଳ ଭାବେ ଚାଲିଲା। କେନ୍ଦ୍ର ଓ ରାଜ୍ୟରେ ଲୋକ ପ୍ରତିନିଧି ଶାସନ, ଜିଲାରେ କଲେକ୍ଟର/ଏସ୍‌ପିଙ୍କ ମା' ବାପା ସରକାର ଓ ତୃଣମୂଳ ସ୍ତରରେ ଥାନାଦାର, ତହସିଲଦାର, ଫରେଷ୍ଟ ରେଞ୍ଜରଙ୍କ ଶାସନ ଅବ୍ୟାହତ ରହିଲା। ଫଳତଃ ଦରିଦ୍ର ଗ୍ରାମବାସୀ ଓ ବନବାସୀମାନେ ସ୍ୱାଧୀନତାର ସ୍ୱାଦ ପାଇପାରିଲେ ନାହିଁ।

ସ୍ୱାଧୀନତା ପରେ ଅନେକ ପରିବର୍ତ୍ତନ ଅବଶ୍ୟ ଆସିଛି। ବିଚାର ବିଭାଗ ଅଲଗା ହେବାରୁ କଲେକ୍ଟରଙ୍କ ଆଉ ସହକାରୀ ସେସନ୍ସ ଜଜ୍ କ୍ଷମତା ରହିଲାନି ଓ ଅଳ୍ପ କିଛି ମାଜିଷ୍ଟ୍ରେଟ କ୍ଷମତା ରହିଲା, ଯାହା ଫୌଜଦାରି ଦଣ୍ଡବିଧି ଆଇନ ୧୯୭୩ରେ ପ୍ରାୟତଃ ଶେଷ ହୋଇଗଲା। ଜିଲା ମାଜିଷ୍ଟ୍ରେଟଙ୍କୁ ଜଣେ ବିଚାରକ ଭାବେ ଗଣନା କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ଦେଶରେ ବର୍ତ୍ତମାନ ଏକସ୍ତରିଟି ନଗର ଅଞ୍ଚଳରେ ପୋଲିସ କମିଶନର ବ୍ୟବସ୍ଥା ଚାଲୁ ହେଲାଣି। ସେ ବ୍ୟବସ୍ଥାରେ ପୋଲିସ କମିଶନର ଅଞ୍ଚଳରେ ଜିଲା ମାଜିଷ୍ଟ୍ରେଟ ନ ଥାନ୍ତି। ତେଣୁ କଲେକ୍ଟରଙ୍କୁ ଆଉ ଜିଲା ମାଜିଷ୍ଟ୍ରେଟ କହିବାର କୌଣସି ଯଥାର୍ଥତା ନାହିଁ। ଦ୍ୱିତୀୟରେ ଅନେକ ରାଜ୍ୟରେ ଭୂ–ରାଜସ୍ୱ ଉଚ୍ଛେଦ ହୋଇଛି ଓ ଯେଉଁମାନଙ୍କରେ ଅଛି ତାହା ରାଜସ୍ୱର ଏକ ନଗଣ୍ୟ ଭାଗ। ଏବେ ସରକାରଙ୍କ ପ୍ରକୃତ ରାଜସ୍ୱ କର୍ମଚାରୀ ହେଲେ ଆୟକର, କଷ୍ଟମ୍‌ସ, ଜିଏସ୍‌ଟି ଆଦାୟକାରୀ, ପରିବହନ ଓ ଖଣି ଆଦିର କର୍ମଚାରୀମାନେ। କଲେକ୍ଟର ଆଉ ରାଜସ୍ୱ ସଂଗ୍ରହ କରୁନାହାନ୍ତି। ସେ ବର୍ତ୍ତମାନ ଜିଲା ବିକାଶ ଅଧିକାରୀ ଓ ଜିଲା ସ୍ତରରେ ସମନ୍ୱୟକାରୀ। ଏ ବାସ୍ତବତାକୁ ଉପଲବ୍ଧି କରି ଜିଲା ଶାସନରେ ପରିବର୍ତ୍ତନ ଆବଶ୍ୟକ।

ତ୍ରିସ୍ତରୀୟ ଗ୍ରାମପଞ୍ଚାୟତ ଶାସନ ପ୍ରବର୍ତ୍ତନ ସତ୍ତ୍ୱେ ଲୋକପ୍ରତିନିଧିଙ୍କୁ ପ୍ରକୃତ କ୍ଷମତା ହସ୍ତାନ୍ତର କରାଯାଇନାହିଁ। ଯେଉଁ ଇଂରେଜମାନଙ୍କର ନିଜ ଦେଶରେ ଜିଲା ସ୍ତରରେ ନିର୍ବାଚିତ କାଉଣ୍ଟି କାଉନସିଲ ଅଛି, ସେମାନେ ଏ ଦେଶରେ ଅଧିକ କର ଆଦାୟ ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ନିରଙ୍କୁଶ କ୍ଷମତା ପ୍ରଦାନ କରିଥିଲେ। ଫ୍ରାନ୍ସରେ ମଧ୍ୟ ଜିଲା ସ୍ତରରେ ପ୍ରିଫେକ୍ଟ ନିର୍ବାଚିତ ହୁଅନ୍ତି। ଆମର ଜିଲା ସ୍ତରରେ ନିର୍ବାଚିତ ସରକାର ଗଠନ ହେଲେ, ତାଙ୍କ ଅଧୀନରେ ଜଣେ ଆଇଏଏସ୍ ଅଫିସରଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତ କରାଯାଇପାରନ୍ତା। ସ୍ଥାନୀୟ ନିର୍ବାଚିତ ଜିଲା ମୁଖ୍ୟ ଜିଲାର ବିକାଶ ଦିଗରେ ଅଧିକ ଦୃଷ୍ଟି ଦେଇପାରିବେ ଓ ଜିଲାବାସୀଙ୍କ ପାଖରେ ଉତ୍ତରଦାୟୀ ରହିବେ। ବର୍ତ୍ତମାନ ସ୍ଥାନୀୟ ପ୍ରତିନିଧିମାନଙ୍କୁ ଜିଲା ଶାସନରେ ଅଂଶୀଦାର କରାଯାଉ ନ ଥିବାରୁ ସେମାନେ ଅପ୍ରତ୍ୟକ୍ଷ ଭାବରେ ନିଜର ରାଜନୈତିକ ପ୍ରଭାବ ବିସ୍ତାର କରି କ୍ଷମତା ପାଇବାକୁ ଉଦ୍ୟମ କରୁଛନ୍ତି, ଯାହାର ଅନ୍ୟ ନାମ ହେଲା ରାଜନୈତିକ ହସ୍ତକ୍ଷେପ। ବର୍ତ୍ତମାନ ଶାସକ ଦଳର ରାଜନୈତିକ ବ୍ୟକ୍ତିମାନେ ଜିଲା ଶାସନରେ ପ୍ରଭାବ ବିସ୍ତାର କରୁଛନ୍ତି କିନ୍ତୁ ତାଙ୍କର ଉତ୍ତରଦାୟିତ୍ୱ ରହୁନାହିଁ। ନିର୍ବାଚିତ ହୋଇ ଶାସନ କଲେ ଉଭୟ କ୍ଷମତା ଓ ଦାୟିତ୍ୱ ରହିବ। ଜିଲା ଶାସନରେ ଅଭିଜ୍ଞତା ଅର୍ଜନ କରି ପାକଳ ହୋଇ ରାଜ୍ୟସ୍ତରକୁ ଆସିବେ। ଆନ୍ଦୋଳନ ମାଧ୍ୟମ ଭଳି ନକାରାତ୍ମକ ପନ୍ଥା ତ୍ୟାଗ କରି ନିମ୍ନସ୍ତରରୁ ନିର୍ବାଚିତ ହୋଇ ଶାସନର ଅଭିଜ୍ଞତା ଲାଭ କରି ସକାରାତ୍ମକ ପନ୍ଥାରେ ଶାସନର ଉଚ୍ଚ ସ୍ତରକୁ ଆସିଲେ, ଉତ୍ତମ ଶାସକ ହେବେ।

ବର୍ତ୍ତମାନ ଓଡ଼ିଶାରେ ୩୦ଟି ଜିଲାରୁ ପ୍ରାୟ ୪୦ ଭାଗ ଜିଲାରେ ଡାଇରେକ୍ଟ ନିଯୁକ୍ତ ଆଇଏଏସ୍ କଲେକ୍ଟର ଅଛନ୍ତି। ସେମାନେ ଅଧିକାଂଶ ଓଡ଼ିଶା ବାହାରର ଲୋକ। ଥରଟିଏ କଲେକ୍ଟର ହୋଇଗଲେ କିଛିକାଳ ଭୁବନେଶ୍ୱରରେ ଅବସ୍ଥାପିତ ହୋଇ ଅଧିକାଂଶ କେନ୍ଦ୍ରକୁ ଡେପୁଟେଶନରେ ଯିବେ ଓ ଅବସର ଗ୍ରହଣ ପରେ ଦିଲ୍ଲୀ ବା ନିଜ ରାଜ୍ୟରେ ବସବାସ କରିବେ। ନିଜ ଜିଲାରେ କଲେକ୍ଟର ଭାବରେ କ'ଣ ସବୁ ଯୋଜନା କରିଥିଲେ ତାହାର ରୂପାୟନ ଦେଖିବାର ଓ ଜାଣିବାର ଅବକାଶ ନାହିଁ କି ଜିଲାବାସୀଙ୍କ ପାଖରେ ସେ ଉତ୍ତରଦାୟୀ ନୁହନ୍ତି। କେତେକ ଓଏଏସ୍ ଅଫିସର ମଧ୍ୟ କଲେକ୍ଟର ଭାବେ ଅବସ୍ଥାପିତ ହେଉଛନ୍ତି। ତାଙ୍କ ପ୍ରାଧାନ୍ୟକୁ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ମାନସିକ ସ୍ତରରେ ଗ୍ରହଣ କରନ୍ତି ନାହିଁ। ସରକାର ଗୁରୁତ୍ୱପୂର୍ଣ୍ଣ ଓ ସମସ୍ୟାବହୁଳ ଜିଲାଗୁଡ଼ିକରେ ପ୍ରାୟ ପ୍ରମୋଟେଡ ଆଇଏଏସ୍ ଅଫିସର ନିଯୁକ୍ତ କରନ୍ତି। ଏଇ ଅଫିସରମାନେ ବୟସାଧିକ୍ୟ ଯୋଗୁ ଶାସନକଳର ସର୍ବୋଚ୍ଚ ସ୍ତରକୁ ପ୍ରବେଶ କରିପାରନ୍ତି ନାହିଁ। ଫଳତଃ ସେମାନଙ୍କ ଅଭିଜ୍ଞତାର ପୂର୍ଣ୍ଣ ଉପଯୋଗ ସରକାରୀ ସ୍ତରରେ ହୁଏନାହିଁ ଓ ଯେଉଁ ଡାଇରେକ୍ଟ ଆଇଏଏସ୍‌ମାନେ ପରବର୍ତ୍ତୀ ପ୍ରମୁଖ ଶାସନ ସଚିବ ଭଳି ଦାୟିତ୍ୱସମ୍ପନ୍ନ ପଦରେ ଆସୀନ ହୁଅନ୍ତି ସେମାନଙ୍କର କୌଣସି ଗୁରୁତ୍ୱପୂର୍ଣ୍ଣ ଜିଲାର ଅଧିକାରୀ ହେବାର ଅଭିଜ୍ଞତା ନ ଥାଏ।

କେତେକେ ଯୁକ୍ତି କରନ୍ତି ଯେ, ଲୋକପ୍ରତିନିଧି ଜିଲା ଶାସନ ଚଳାଇପାରିବେ ନାହିଁ। ଏ ଯୁକ୍ତି ଅଳୀକ। ନିର୍ବାଚିତ ରାଜନୈତିକ ବ୍ୟକ୍ତି ଯଦି ଦେଶରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ ହୋଇପାରୁଛନ୍ତି ସେ ଜିଲାମୁଖ୍ୟ ହୋଇପାରିବେନି ବୋଲି କହିବାରେ କୌଣସି ଯଥାର୍ଥତା ନାହିଁ। ଦେଶରେ ଏକାଧିକ ଶାସନ ସଂସ୍କାର କମିଶନ ବସିଥିଲେ ମଧ୍ୟ ଜିଲା ଶାସନ ପଦ୍ଧତି ପରିବର୍ତ୍ତନ ନେଇ କେହି ସୁପାରିସ କରିନାହାନ୍ତି। କାରଣ ଆଇଏଏସ୍ ଗୋଟିଏ ଅତ୍ୟନ୍ତ ପ୍ରଭାବଶାଳୀ ଓ ଶକ୍ତିଶାଳୀ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏବଂ ଦେଶର ସମସ୍ତ କ୍ଷମତାର ଅଧିକାରୀ। ସେମାନଙ୍କ ପରାମର୍ଶ ଉପରେ ରାଜନୈତିକ ପ୍ରଭୁମାନେ ଅତ୍ୟନ୍ତ ନିର୍ଭରଶୀଳ। ଆଇଏଏସ୍ ଅଧିକାରୀଙ୍କ କ୍ଷମତାର ସଂକୋଚନ ସେମାନେ କେବେ କରାଇ ଦେବେ ନାହିଁ। ଏଥି ନିମନ୍ତେ ନାଗରିକ ସମାଜ ଓ ରାଜନୈତିକ ଦଳମାନେ ସମୂହ ଭାବରେ ଉଦ୍ୟମ କଲେ ହୁଏତ ସଫଳକାମ ହୋଇପାରନ୍ତି।

ମୋ–୯୯୩୭୪୨୨୫୨୧

# ବଳାତ୍କାର ବନାମ ପୁରୁଷତ୍ୱ ହ୍ରାସ

ଡ. ରମେଶ ଚନ୍ଦ୍ର ପରିଡ଼ା

ଆମ ପ୍ରଚଳିତ ପରମ୍ପରାରେ ନୈତିକତା ସମୃଦ୍ଧ ମୂଲ୍ୟବୋଧ ନାରୀକୁ ସମାଜରେ ଏକ ଉଚ୍ଚ ସମ୍ମାନାସ୍ପଦ ଆସନ ଦେଇ ଆସିଛି। ସେଥିପାଇଁ ଆମେ କହିଆସିଛୁ ଯେ, ଯେଉଁଠି ନାରୀମାନେ ପୂଜା ପାଆନ୍ତି ସେଠି ଦେବତାଙ୍କର ଆବିର୍ଭାବ ଘଟେ। ଅନ୍ୟପକ୍ଷରେ, ନାରୀର ଶାରୀରିକ ସାମର୍ଥ୍ୟ ତୁଳନାତ୍ମକ ଭାବେ ନମନୀୟ ହୋଇଥିବାରୁ ତାକୁ ସବୁ ଅବସ୍ଥାରେ ସୁରକ୍ଷା ଯୋଗାଇଦେବା ପୁରୁଷତ୍ୱର ଏକ ବଳିଷ୍ଠ ପରିପ୍ରକାଶ ବୋଲି ବିଚାର କରାଯାଏ। ସେଥିପାଇଁ ଭାଇ ଦିଏ ଭଉଣୀକୁ ପ୍ରତିଶ୍ରୁତି ରକ୍ଷା ବନ୍ଧନ ଅବସରରେ ଏବଂ ଅଗ୍ନିକୁ ସାକ୍ଷୀ ରଖି ପତି ଦିଏ ପତ୍ନୀକୁ। କିନ୍ତୁ ବର୍ତ୍ତମାନ ଏ ମୂଲ୍ୟବୋଧର କେବଳ ଅବକ୍ଷୟ ଘଟିନାହିଁ ବରଂ ତାହା ପ୍ରାୟତଃ ଲୋପ ପାଇଯାଇଛି। ତେଣୁ ପ୍ରତିଦିନ ସାରା ଦେଶର କୋଣ–ଅନୁକୋଣରେ ବଢି ବଢି ଚାଲିଛି ନାରୀ ନିର୍ଯ୍ୟାତନା, ଯୌନ ଶୋଷଣ ଏବଂ ବଳାତ୍କାର। କେବଳ ଆମରି ରାଜ୍ୟରେ ଦୈନିକ ପ୍ରାୟ ୮ଟି ବଳାତ୍କାର ଘଟୁଥିବାର କୁହାଯାଉଛି।

ଏହାର କାରଣ ରୂପେ ଅନେକ ବିଜ୍ଞ ଲୋକ ନାନା କଥା କହୁଛନ୍ତି। ବିଦେଶୀ ସଂସ୍କୃତିର ପ୍ରଭାବ, ଭୋଗସର୍ବସ୍ୱ ଯୌନାଚାର ପ୍ରତି ଆମ ଦୃଷ୍ଟିକୋଣରେ ପରିବର୍ତ୍ତନ ଇତ୍ୟାଦିକୁ ଏହାର ଗୋଟିଏ ଗୋଟିଏ କାରଣ ରୂପେ ଦର୍ଶାଯାଇଛି। ପୁନଶ୍ଚ କେହି କେହି ଏଥିପାଇଁ ଆଧୁନିକ ନାରୀର ବେଶଭୂଷା ଓ ଚାଲିଚଳନକୁ ମଧ୍ୟ କିଛି ମାତ୍ରାରେ ଦାୟୀ କରୁଛନ୍ତି। ଏଥିରେ କୁହାଯାଉଛି ଯେ, ପୁରୁଷର ସ୍ୱଭାବତଃ ଅଧିକ ଦୁର୍ବଳତା ଥାଏ ଯୌନାଚାର ପ୍ରତି। ଏସବୁ ତାହାକୁ ଉଦ୍ଦୀପିତ କରୁଛି। ତେଣୁ ଏପରି ଘଟୁଛି। ଅନ୍ୟପକ୍ଷରେ ପୁରୁଷକୁ ଜୈବିକସ୍ତରରେ ଏହି ଉଦ୍ଦୀପନା ଯୋଗାଉଥିବା କାରକଗୁଡିକ କ୍ରମଶଃ ସ୍ତିମିତ ହେବାରେ ଲାଗିଛି ବୋଲି କହୁଛନ୍ତି ବୈଜ୍ଞାନିକମାନେ। ତାହା ସତ୍ତ୍ୱେ ଏପରି ଘଟୁଛି କାହିଁକି? ବରଂ ତାହା ଫଳରେ ପୁରୁଷର ଉଗ୍ର ଯୌନକାମନା ହ୍ରାସ ପାଇବା ଉଚିତ।

ନାରୀ ଓ ପୁରୁଷ ମଧ୍ୟରେ ଥିବା ସମସ୍ତ ପ୍ରଭେଦର ମୂଳରେ ରହିଛି ସେମାନଙ୍କଠାରେ ଥିବା ଲିଙ୍ଗୀୟ କ୍ରୋମୋଜମ୍ ଯୋଡିର ବିଭିନ୍ନତା। ନାରୀଠାରେ ଏହା ଦୁଇଟି ଏକ୍ସ–କ୍ରୋମୋଜମ୍ ନେଇ ଗଠିତ ହେଲାବେଳେ ପୁରୁଷଠାରେ ତହିଁରୁ ଗୋଟିଏ ଏକ୍ସ ଏବଂ ଅନ୍ୟଟି ୱାଇ। ଏହି ଶେଷୋକ୍ତଟି ହିଁ ପୁରୁଷକୁ ତା'ର ଅଧିକାଂଶ ପୁରୁଷସୁଲଭ ଗୁଣ ପ୍ରଦାନ କରିଥାଏ।

ବୈଜ୍ଞାନିକମାନଙ୍କ ମତରେ ଆଜିଠାରୁ କେତେ ଶହ ନିୟୁତ ବର୍ଷ ପୂର୍ବେ ଉଭୟ ଏକ୍ସ ଏବଂ ୱାଇ କ୍ରୋମୋଜମ୍‌ରେ ସମାନ ସଂଖ୍ୟକ, ଅର୍ଥାତ୍ ପ୍ରାୟ ୧୫୦୦ରୁ ଅଧିକ ଜିନ୍ ଥିଲା। କିନ୍ତୁ ବର୍ତ୍ତମାନ ପ୍ରଥମଟିରେ ତାହା ସେତିକି ଥିଲାବେଳେ, ଦ୍ୱିତୀୟଟିରେ ଅବକ୍ଷୟ ଘଟି ପହଞ୍ଚିଲାଣି ପ୍ରାୟ ୫୦ରେ। ପେନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କାଟେରିନା ମାକୋଭଙ୍କ ମତରେ ଏକ୍ସ ତୁଳନାରେ ୱାଇ କ୍ରୋମୋଜମ୍‌ର ବିକାଶ ଦ୍ରୁତ ଗତିରେ ଘଟିଥିଲା। ସମ୍ଭବତଃ ଏହି କାରଣରୁ ଏହାର ଅବକ୍ଷୟ ମଧ୍ୟ ଦ୍ରୁତ ହେଲା। ତେବେ, ଇମ୍ପେରିଆଲ କ୍ୟାନସର ରିସର୍ଚ୍ଚ ଫଣ୍ଡର ପିଟର ଗୁଡ୍‌ଫେଲୋଙ୍କ ମତରେ ଅନନ୍ୟ ମନେହେଉଥିବା ୱାଇ–କ୍ରୋମୋଜମ୍‌ର ଜିନ୍‌ଗୁଡିକ ମଧ୍ୟରେ 'ଏସ୍‌ଆର୍‌ୱାଇ' (ସେକ୍ସ ରିଲେଟେଡ୍ ୱାଇ) ଜିନ୍‌ଟି ମୁଖ୍ୟତଃ ପୁରୁଷସୁଲଭ ଗୁଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହା ଅନ୍ୟ ଜିନ୍‌ଗୁଡିକୁ ଏ ଦିଗରେ ସକ୍ରିୟ କରିଥାଏ। ଏବେ ଏଥିରେ ପରିବର୍ତ୍ତନ ପରିଲକ୍ଷିତ ହେଲାଣି।

ପୁରୁଷତ୍ୱ ସହିତ ସମ୍ପୃକ୍ତ ବୋଲି ମନେକରାଯାଉଥିବା ସେହିପରି ଅନ୍ୟ ଏକ ଘଟଣା ନିକଟରେ ଦୃଷ୍ଟିକୁ ଆସିଛି। ଆମେରିକୀୟ ବୈଜ୍ଞାନିକ ଡ. ଜେମସ୍ ହୋଟାଲିଙ୍ଗ୍ ଏବଂ ତାଙ୍କ ସହଯୋଗୀମାନଙ୍କ ଗବେଷଣାରୁ ଜଣାପଡ଼ିଛି ଯେ, ବିଗତ ଦୁଇ ଦଶନ୍ଧି ଧରି ଫର୍ଟିଲିଟି କ୍ଲିନିକ୍‌ମାନଙ୍କୁ ଚିକିତ୍ସା ପାଇଁ ଆସୁଥିବା ପ୍ରାୟ ଦେଢଲକ୍ଷ ପୁରୁଷଙ୍କ ଶୁକ୍ରର ମାନ ହ୍ରାସ ପାଇଛି। ସେଥିରେ ଶୁକ୍ରାଣୁଙ୍କ ସଂଖ୍ୟା କମ୍ ହେବା ସହ ସେଗୁଡିକର ଚଳତ୍‌ଶକ୍ତି ମଧ୍ୟ ମନ୍ଥର ହୋଇଛି।

ହୋଟାଲିଙ୍ଗ୍‌ଙ୍କ ଅଧ୍ୟୟନ ଥିଲା 'ପହଁରି ପାରୁଥିବା' ଶୁକ୍ରାଣୁଙ୍କ ଉପରେ। କାରଣ, ଏହାରି ଉପରେ ନିର୍ଭର କରିଥାଏ ସେମାନଙ୍କର ଡିମ୍ବାଣୁ ନିକଟରେ ପହଞ୍ଚି ତାକୁ ନିଷିକ୍ତ କରିବାର ଦକ୍ଷତା। ଏହାକୁ କୁହାଯାଏ 'ଟୋଟାଲ୍ ମୋଟାଇଲ୍ ସ୍ପର୍ମ କାଉଣ୍ଟ'। ଏଥିରେ ସେମାନେ ବାଛିଥିବା ସ୍ୱେଚ୍ଛାସେବୀମାନଙ୍କୁ ତିନୋଟି ଦଳରେ ବିଭକ୍ତ କରାଯାଇଥିଲା–ସର୍ବନିମ୍ନ, ମଧ୍ୟମ ଏବଂ ଉତ୍ତମ ଶୁକ୍ରାଣୁଧାରୀ ରୂପେ। ସେ ସମସ୍ତଙ୍କଠାରେ ବର୍ଷକୁ ତାହା ୨ ଶତାଂଶ ହାରରେ ହ୍ରାସ ପାଉଥିବାର ଜଣାପଡିଲା। ଅନ୍ୟପକ୍ଷରେ, କୃତ୍ରିମ ଗର୍ଭଧାରଣ ପାଇଁ ଶୁକ୍ରାଣୁ ଦାନ କରୁଥିବା ଉଚ୍ଚ କ୍ଷମତାସମ୍ପନ୍ନ ପ୍ରାୟ ୩ ହଜାର ପୁରୁଷଙ୍କଠାରେ ମଧ୍ୟ ସେପରି ଘଟିବାର ଦେଖାଯାଉଛି। ଏସବୁ ସହିତ ନିମ୍ନଗାମୀ ହେବାରେ ଲାଗିଛି ପୁରୁଷଠାରେ ଯୌନ ପ୍ରବୃତ୍ତି ସୃଷ୍ଟି ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା 'ଟେଷ୍ଟୋଷ୍ଟେରୋନ୍' ନାମକ ପୁଂ ହରମୋନ୍‌ର ସ୍ତର।

ଏଭଳି ଘଟିବା ମୂଳରେ ବିବର୍ତ୍ତନ ପ୍ରକ୍ରିୟା ହୁଏତ କିଛିମାତ୍ରାରେ ଥାଇପାରେ। ତେବେ ତାହାକୁ ଅଧିକ ତ୍ୱରାନ୍ୱିତ କରୁଛି ପରିବେଶର ପ୍ରଦୂଷଣ। ତହିଁରେ ଡିଡିଟି, ବିଏଚ୍‌ସି ଆଦି କୀଟନାଶକ ସମେତ ବିବିଧ ଶିଳ୍ପଜାତ ବିଷାକ୍ତ ପଦାର୍ଥର ମାତ୍ରା ବୃଦ୍ଧି ହେବା ମଧ୍ୟ ଏହାର ପ୍ରମୁଖ କାରଣ ହୋଇପାରେ ବୋଲି କହୁଛନ୍ତି ବୈଜ୍ଞାନିକମାନେ। ଏହାଫଳରେ ଜନ୍ମଲାଭ କରୁଥିବା ପୁତ୍ର ସନ୍ତାନମାନେ ରୁଗ୍ଣ ଓ ନପୁଂସକ ହେବାର ସମ୍ଭାବନା ମଧ୍ୟ ବୃଦ୍ଧିପାଉଛି।

ଏସବୁ କଥା ବିଚାରକୁ ନେଲେ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ, ଆଜିକାଲି ବଢି ବଢି ଚାଲିଥିବା ବଳାତ୍କାରର କୌଣସି ଜୈବିକ କାରଣ ନାହିଁ, ବରଂ ସେ ଦୃଷ୍ଟିରୁ ତାହା ହ୍ରାସ ପାଇବା କଥା। ତେବେ ଏପରି ଓଲଟା ଘଟୁଛି କାହିଁକି? ମଣିଷ ଚରିତ୍ର ଉପରେ ଜନ୍ମଗତ ବା ଜିନୀୟ ପ୍ରଭାବ ଯେତିକି ତା' ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ମଧ୍ୟ ସେତିକି ବୋଲି କୁହାଯାଏ। ଅତଏବ ପୁରୁଷଠାରେ ଏପ୍ରକାର ବିକୃତ ଯୌନ ଲାଳସା ବୃଦ୍ଧି ପାଇବାର କାରଣ ସମ୍ଭବତଃ ଦ୍ୱିତୀୟଟି। ମଣିଷ କ୍ରମେ ହୋଇଚାଲିଛି ସମୀପ ଦୃଷ୍ଟିସମ୍ପନ୍ନ ଏବଂ ସ୍ୱାର୍ଥାନ୍ୱେଷୀ। ବସ୍ତୁବାଦର ପ୍ରସାର ଫଳରେ ତା' ମନରୁ ଲୋପପାଉଛି ଆଧ୍ୟାତ୍ମିକ ଚେତନା। ମଣିଷ–ମଣିଷ ଭିତରେ ସୁସ୍ଥ ସମ୍ପର୍କ ଏବେ ଘୋର ସଙ୍କଟର ସମ୍ମୁଖୀନ। ଏସବୁ ତା'ର ଏଭଳି ପାଶବିକ ଆଚରଣର କାରଣ ହୋଇପାରନ୍ତି। ତେବେ, ମନକୁ ଆଉ ଗୋଟିଏ କଥା ଆସୁଛି– କୁହାଯାଏ ଯେ, ଶକ୍ତିଶାଳୀ ମଣିଷ ସର୍ବଦା ଉଦାର ଓ ନୀତିନିଷ୍ଠ ହୋଇଥାଏ। ଏବେ ପୁରୁଷଠାରେ ୱାଇ କ୍ରୋମୋଜମ୍‌ର ଅବକ୍ଷୟ, ଶୁକ୍ରାଣୁର ସଂଖ୍ୟା ହ୍ରାସ, ପୁଂ–ହରମୋନ୍ କ୍ଷରଣରେ ଅନିୟମିତତା ଇତ୍ୟାଦି ତା'ପୁରୁଷପଣକୁ ହ୍ରାସ କରିଦେବାରୁ ସେ ଏପରି କରୁନି ତ?

ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

## ଏଇ ଭାରତରେ

ଘରେ ପ୍ଲାଷ୍ଟିକ୍ ଉପକରଣର ବ୍ୟବହାର କମ୍ କରି ପ୍ରଦୂଷଣ ଦୂର କରିବା ଲାଗି ଆସାମର ଜଣେ ବ୍ୟକ୍ତିଙ୍କ ଉଦ୍ୟମ ପ୍ରଶଂସନୀୟ। ଗୁଆହାଟୀ ନିବାସୀ କେଶବାନନ୍ଦ ବୋରା ବାଉଁଶରେ ବିଭିନ୍ନ ଗୃହ ଉପକରଣ ସାମଗ୍ରୀ ତିଆରି କରି ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରିବାର ପ୍ରୟାସ କରିବା ସହ ଲୋକମାନଙ୍କୁ ଜୀବିକା ଯୋଗାଇ ଦେଉଛନ୍ତି। ତାଙ୍କୁ ବର୍ତ୍ତମାନ ୩୦ ବର୍ଷ ବୟସ। ବାଉଁଶର ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏଥିରେ କୌଣସି କେମିକାଲ ଦିଆଯାଉନାହିଁ ଓ ଏହାକୁ ବ୍ୟବହାର କରିବା ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉତ୍ତମ ବୋଲି ସେ କହିଛନ୍ତି। ଏହା ଏବେ ପ୍ଲାଷ୍ଟିକ୍ ଉପକରଣର ବିକଳ୍ପ ହୋଇପାରିଛି। ଏହି ସାମଗ୍ରୀଗୁଡ଼ିକୁ ଗୁଆହାଟୀର ବାଉଁଶ କାରିଗରମାନଙ୍କ ଦ୍ୱାରା ତିଆରି କରାଯାଉଛି। କେଶବାନନ୍ଦ ଏହାକୁ ମଧ୍ୟ ଅନଲାଇନ ମାର୍କେଟ ସହ ଯୋଡିଛନ୍ତି। ଏହି ସାମଗ୍ରୀ ପ୍ରସ୍ତୁତ କରିବା ସହ ସେ ସ୍ଥାନୀୟ କାରିଗରମାନଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରି ସ୍ୱାବଲମ୍ବୀ କରାଇବାରେ ଲାଗିଛନ୍ତି। ଏହାଦ୍ୱାରା ୫୦୦ରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହୋଇସାରିଲେଣି। ଏଥିପାଇଁ ସେ ୨୦୧୬ରେ ବୁମ୍ବରକ୍ରାଫ୍ଟ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି କାର୍ଯ୍ୟ କରିଆସୁଛନ୍ତି। ବୁମ୍ବରକ୍ରାଫ୍ଟ ଏବେ ୪୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ବାଉଁଶ ନିର୍ମିତ ଜିନିଷ ପ୍ରସ୍ତୁତ କରୁଛି ଓ ଏବେ ସୁଦ୍ଧା ୨୫୦୦ ଉତ୍ପାଦ ବିକ୍ରି କରିସାରିଲାଣି। ଲଭ୍‌ଲୀ ପ୍ରଫେଶନାଲ ୟୁନିଭର୍ସିଟିରୁ ବିଟେକ୍ ହାସଲ କରିବା ପରେ କେଶବ ଏକ ଅନ୍‌ଲାଇନ୍ ଗ୍ରୋସରୀ ଶପିଂ ଏଣ୍ଟରପ୍ରାଇଜ୍‌ରେ କାମ କରୁଥିଲେ। ପରେ ସେ ଗୁଆହାଟୀ ଫେରି ଏହି ଏହି କାର୍ଯ୍ୟରେ ଲାଗିଛନ୍ତି ଓ ଏଥିରେ ୧ ହଜାର ଲୋକଙ୍କୁ ଜୀବିକା ଯୋଗାଇଦେବା ଲାଗି ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ବୋରା। ତାଙ୍କର ଏପରି ସାଧୁ ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଯୁବବର୍ଗ ତାଙ୍କଠାରୁ ପ୍ରେରଣା ଗ୍ରହଣ କରି ପରିବେଶ ପ୍ରଦୂଷଣକୁ ରୋକିବା ସହ ନିଜ ଗୋଡ଼ରେ ନିଜେ ଠିଆ ହେବା ଉଚିତ।

## ଚିରନ୍ତନୀ

ଦେହର ପ୍ରସାଧନ ରହେ ପଡ଼ି ଦେହେ ଖାଲି
ମନର ବାସନା ଗୋ
ସବୁ ଦାଗ ଯାଏ ଜାଳି!
ନିରାଶ କବି ଯଥା ଆକାଶରେ ଗାଏ ଗୀତ
ତେସନ ଜୀବନ ହିଁ
ମଉଳଇ ଆରେ ମିତ!
(ମରଣ ପାଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଝିଅମାନେ ସରଳବିଶ୍ୱାସୀ ହେବା ଅନୁଚିତ

ମହାଶୟ,

ଆଜିକାର ଯୁଗରେ ବହୁ ଝିଅ ଭାବପ୍ରବଣତାରେ ଭାସିଯାଇ ଓ ସରଳବିଶ୍ୱାସୀ ହୋଇ ବିପଦରେ ପଡୁଛନ୍ତି। ସବୁବେଳେ ଏହାକୁ ନେଇ ଲୋମହର୍ଷଣକାରୀ ଖବରମାନ ପ୍ରକାଶ ପାଉଛି। ଠକମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀମାନଙ୍କୁ ଅତି ସହଜରେ ପ୍ରତାରଣା କରିପାରନ୍ତି। ଝିଅ ବି ମିଠା କଥାରେ ଭଳିଯାଇ ଭୁଲ୍ ରାସ୍ତାକୁ ଆଦରି ନିଅନ୍ତି। ପରେ ସବୁ ସତ ଜାଣିଲା ପରେ କାନ୍ଦିବା ଛଡା ସେମାନଙ୍କ ପାଖରେ ଅନ୍ୟ ଉପାୟ ନ ଥାଏ। ଅପରିଚିତ ହେଉ କି ପରିଚିତ ହେଉ ଯୁବକମାନଙ୍କୁ ସହଜରେ ବିଶ୍ୱାସ କରିବା ଉଚିତ ନୁହେଁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଚାଷୀଙ୍କ ଦୁଃଖ ଅଭାବୀ ବିକ୍ରି

ମାଲକାନଗିରି ଅଞ୍ଚଳରେ ଏ ବର୍ଷ ବିଶେଷ ଭାବରେ ତରଭୁଜ ଉତ୍ପାଦିତ ହୋଇଛି। ଓଡ଼ିଶା ବାହାରୁ ବ୍ୟବସାୟୀମାନେ ଆସି ଅତି ଅଳ୍ପ ମୂଲ୍ୟରେ ତାହା କିଣି ନେଉଛନ୍ତି। କିନ୍ତୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତରଭୁଜ ମିଳୁ ନାହିଁ ଏବଂ ଲୋକେ ଅଧିକ ମୂଲ୍ୟ ଦେଇ ତାହା କିଣୁଛନ୍ତି। ମାଲକାନଗିରି ଅଞ୍ଚଳରେ ତରଭୁଜ ସଡ଼ିପଚି ଯାଉଛି କିନ୍ତୁ ସରକାରୀ ସାହାଯ୍ୟ ଶୂନ୍ୟ। ଏହିପରି ଅଭାବି ବିକ୍ରି ନୂଆ କଥା ନୁହେଁ। ପୂର୍ବରୁ ଆଳୁ, ଟମାଟୋର ଅବସ୍ଥା ଏହିପରି ହୋଇଥିଲା। ସରକାର ଇଚ୍ଛା କଲେ ବିଭିନ୍ନ ଉପାୟରେ ଅଭାବି ବିକ୍ରୀ ବନ୍ଦ କରିପାରିବେ ଓ ଚାଷୀ ତାହାର ଫସଲର ଉଚିତ ମୂଲ୍ୟ ପାଇପାରିବ। ଲୋକମାନେ ଅଳସୁଆ ହୋଇ ମାଗଣା ଖାଇ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ସେବନ କରୁଛନ୍ତି। ଏହି ଲୋକଙ୍କୁ କାମ ଯୋଗାଇଦେଇ ଟଙ୍କା ଦେଲେ ଦେଶର ଜିଡିପି ବଢ଼ନ୍ତା।

ସଦାନନ୍ଦ ଭୋଇ, ବୁଢାରଜା, ଶାନ୍ତିନଗର, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୪ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଗଣଶିକ୍ଷା ମନ୍ତ୍ରୀ

ନିମାପଡ଼ା, ୨୬।୩ (ଡି.ଏନ.ଏ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ନିମାପଡ଼ା, ବଳଙ୍ଗା, ରେଞ୍ଚ ଓ ନୂଆସନ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ଖୋଲାଯାଇଥିବା ସ୍ୱତନ୍ତ୍ର କରୋନା ଆଇସୋଲେଶନ ୱାର୍ଡ ବୁଲି ଦେଖିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାଶ ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ମୁଖ୍ୟତଃ ସତର୍କତା, ସଚେତନତା, ସାମାଜିକ ଦୂରତା ରକ୍ଷା ଉପରେ ସେ ଗୁରୁତ୍ୱ ଦେଇଥିଲେ। ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ବିଡିଓ ମନୋଜ କୁମାର ବେହେରା, ଏସ୍‌ଡିପିଓ ପ୍ରଦୀପ ଦଳାଇ ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନ ଜେନା ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଆଜିଠୁ ସବୁ ବ୍ଲକ୍‌ରେ ଦିଆଯିବ ଖାଉଟି ସାମଗ୍ରୀ

**ଖୋର୍ଦ୍ଧା ଅଫିସ, ୨୬।୩:** କରୋନା ସଂକ୍ରମଣକୁ ଏଡାଇବା ଲାଗି ସରକାର ଆଗୁଆ ଚାରି ମାସର ଭତ୍ତା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମଗ୍ରୀ ହିତାଧିକାରୀଙ୍କ ଘରେ ପହଞ୍ଚାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାରଠାରୁ ଖୋର୍ଦ୍ଧା ଜିଲାର ସମସ୍ତ ବ୍ଲକ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟି ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଗୁରୁବାର ବିଭିନ୍ନ ପଞ୍ଚାୟତରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି।

## ଆଜିଠୁ ଇନ୍ଦିରା ମଇଦାନରେ ପିପିଲି ହାଟ

**ପିପିଲି, ୨୬।୩ (ସ୍ୱ.ପ୍ର/ଡି.ଏନ.ଏ):** କରୋନା ଭୂତାଣୁ ସଂକ୍ରମଣ ଏଡାଇବା ପାଇଁ ସରକାର ଲକ୍‌ଡାଉନ୍ ଘୋଷଣା କରିଥିବା ବେଳେ ପିପିଲି ହାଟକୁ ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଛି। ପିପିଲି ହାଟରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ପ୍ରଶାସନ ଏହି ପଦକ୍ଷେପ ନେଇଛି। ତେବେ ଇନ୍ଦିରା ମଇଦାନରେ ଅସ୍ଥାୟୀ ପିପିଲି ସାପ୍ତାହିକ ହାଟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତି ସୋମବାର ଓ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପିପିଲି ସାପ୍ତାହିକ ହାଟ ଇନ୍ଦିରା ମଇଦାନରେ ଚାଲିବ। ଏ ନେଇ ଉକ୍ତ ପଡିଆରେ ଗୁରୁବାର ବୈଠକ ହୋଇଥିଲା। ଏଥିରେ ତହସିଲଦାର ସପନ କୁମାର ନନ୍ଦ, ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା, ବିଧାୟକ ପ୍ରତିନିଧି ତଥା ଆମ୍ରା ଅଧକ୍ଷ ଧରଣୀଧର ସାହୁ, ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ଅଶୋକ ଅଗ୍ରୱାଲ, ସିଦ୍ଧେଶ୍ୱର ଦେବ ବ୍ୟବସାୟୀ ସଂଘ ସଭାପତି ଧୀରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟବସାୟୀଙ୍କ ବସିବା ସ୍ଥାନର ବ୍ୟବଧାନ ୧୦ ଫୁଟ ରଖିବା ଓ ଗ୍ରାହକଙ୍କ ଠିଆ ହେବା ସ୍ଥାନକୁ ଧଳା ଗାର ପକାଇବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏସି ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା କହିଛନ୍ତି।

# ଖୋଲାସ୍ଥାନକୁ ଉଠିଲା ପରିବା ହାଟ



ୟୁନିଟ୍-୧ ସ୍କୁଲ୍ ପଡ଼ିଆରେ ବ୍ୟବସାୟୀମାନେ ବେପାର ପାଇଁ ପ୍ରସ୍ତୁତ ହେଉଛନ୍ତି।



ରାଜମହଲରୁ ଏଜି ଛକ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ପରିବା ବେପାର।

- ପ୍ରଥମ ଦିନରେ ରାସ୍ତା ପାର୍ଶ୍ୱରେ ବସି ବିକିଲେ
- ୪୫ ଦିନ ପର୍ଯ୍ୟନ୍ତ ଚାଲିବ ଅସ୍ଥାୟୀ ହାଟ
- ଗ୍ରସେରି ହାଟରେ ଯୁଗ୍ମ, ଅଯୁଗ୍ମ ନିୟମ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)**

ପରିବା ଓ ଗ୍ରସେରୀ ଦୋକାନରେ କରୋନା ଭାଇରସ୍ ସଂକ୍ରମଣ ରୋକିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଗହଳି ହେଉଥିବା ପରିବା ହାଟକୁ ଖୋଲାସ୍ଥାନକୁ ଉଠାଇନିଆଯାଉଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ଥିବା ୧୭ ହାଟକୁ ଖୋଲା ସ୍ଥାନକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର ନିଷ୍ପତ୍ତି ହୋଇଛି। ଗୁରୁବାର ୧ନଂ. ପରିବା ହାଟକୁ ୟୁନିଟ୍-୧ ସ୍କୁଲ୍ ପଡ଼ିଆକୁ ସ୍ଥାନାନ୍ତର କରାଯାଇଛି। ହାଟର ୧୪ଶହ ପରିବା ବ୍ୟବସାୟୀଙ୍କ ପାଇଁ ସେଠାରେ ବ୍ୟବସ୍ଥା ହୋଇ ନ ଥିବାରୁ ପ୍ରଥମ ଦିନରେ ସେମାନଙ୍କୁ ରାଜମହଲ ଛକରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବସି ବେପାର କରିବାକୁ ସୁଯୋଗ ଦିଆଯାଇଥିଲା। ତେବେ ପ୍ରବଳ ଖରା ଯୋଗୁ ଖୋଲା ଆକାଶତଳେ ବେପାର କରିବା ବେଶ୍ କଷ୍ଟକର ହୋଇପଡିଥିଲା। ଆଉ କେତେକ ବ୍ୟବସାୟୀ ସ୍କୁଲ୍ ପଡିଆରେ ରହି ବେପାର ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ତେବେ ଶୁକ୍ରବାରଠାରୁ ସେମାନେ ସମସ୍ତେ ଆସନ୍ତା ୪୫ ଦିନ ପାଇଁ ଉକ୍ତ ସ୍କୁଲ୍ ପଡିଆରେ ବ୍ୟବସାୟ କରିବେ। ଏଥିପାଇଁ ପ୍ରତି ବ୍ୟବସାୟଙ୍କୁ ୧୦ ଫୁଟର ସ୍ଥାନ ଦିଆଯିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ବ୍ୟବସାୟୀଙ୍କୁ ପରାମର୍ଶ ଦିଆଯାଇଛି। ସେହିଭଳି ଦୋକାନ ମଧ୍ୟରେ ୩୦ ଫୁଟ ଦୂରତ୍ୱ ରହିବ ଓ ଏଥିପାଇଁ କୌଣସି ଭଡ଼ା ଦେବାକୁ ପଡ଼ିବନି ବୋଲି ବିଏମ୍‌ସି ଦକ୍ଷିଣ-ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ୟୁନିଟ୍-୪ ପରିବା ହାଟକୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ପ୍ରଥମ ଦିନରେ ବ୍ୟବସାୟୀମାନେ ଅସ୍ଥାୟୀ ଭାବେ ଏଜି ଅଫିସ୍ ପାଚେରୀ କଡ଼ରୁ ଭୌମନଗର ପୂଜା ମଣ୍ଡପ ରାସ୍ତା ପାର୍ଶ୍ୱରେ ବେପାର କରିଥିଲେ। ସେହିଭଳି ସହରରେ ଗହଳି ହେଉଥିବା ଭେଣ୍ଡିଂଜୋନ ଦୋକାନ ସ୍ଥାନାନ୍ତର ଉପରେ ମଧ୍ୟ ଆଲୋଚନା ଚାଲିଛି। ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେବାକୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ସମସ୍ତ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ରଥ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ୟୁନିଟ୍-୧ ମାର୍କେଟରେ ଥିବା ଗ୍ରସେରୀ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଦୋକାନକୁ ନମ୍ବରିଂ କରାଯାଇଥିବାବେଳେ ଯୁଗ୍ମ ଓ ଅଯୁଗ୍ମ ନିୟମ ଲାଗୁ କରାଯାଇଛି। ଏହି ଅନୁସାରେ ଶୁକ୍ରବାରଠାରୁ ପ୍ରତି ବ୍ୟବସାୟୀ ଦିନେ ଛାଡ଼ି ଦିନେ ଦୋକାନ ଖୋଲିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏହାର ତଦାରଖ ପାଇଁ ୟୁନିଟ୍-୧ ମାର୍କେଟ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

# ଗାଡ଼ିରେ ଦିନିକିଆ ପାସ୍ ଲଗାଇଲା ପୋଲିସ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)**



ଜଣେ ପୋଲିସ ସ୍କୁଟିରେ ପାସ୍ ଲଗାଉଛନ୍ତି।

ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କୌଣସି ପାସ୍ ଆବଶ୍ୟକ ନାହିଁ। ସେମାନେ କେବଳ ଆଇକାର୍ଡ ଦେଖାଇ ଯାଇପାରିବେ ବୋଲି ପୋଲିସ ଡିଜି ଅଭୟ କହିଛନ୍ତି। ହେଲେ ବ୍ୟାଙ୍କ୍ ଓ ଅନ୍ୟ ଜରୁରୀ ସେବା ଯୋଗାଉଥିବା ସଂସ୍ଥା ପାଇଁ ପାସ୍‌ର ଆବଶ୍ୟକତା ରହିଥିବା ସୂଚନା ମିଳିବା ପରେ ଏଥିପାଇଁ ଏବେ ଡିସିପି ଅଫିସ ଆଗରେ ପୁଣି ଭିଡ଼ ଦେଖିବାକୁ ମିଳୁଛି। ସେଠାରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ହେଉଛି। ଲୋକେ ପାଖାପାଖି ଛିଡାହୋଇ ଲାଇସେନ୍ସ ସେଲରୁ ପାସ୍ ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଗୁରୁବାର ପୋଲିସ ବିଭିନ୍ନ ଛକରେ ଚେକିଂ କରି ଜରୁରୀ ଆବଶ୍ୟକତା ଥିବା ଲୋକଙ୍କୁ ଦିନିକିଆ ପାସ୍ ଦେଇଛି। ଯେଉଁମାନେ ରୋଗୀ ନେଇ ଯାଉଛନ୍ତି କିମ୍ବା ଅନ୍ୟ ଜରୁରୀ ସେବାରେ ନିୟୋଜିତ ଅଛନ୍ତି ସେମାନଙ୍କୁ ଏହି ପାସ୍ ଦିଆଯାଉଛି। ଏଜି ଛକରେ ଏକାଧିକ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯିବା ପରେ କେତେକ ଗାଡ଼ିରେ ପାସ୍ ଲଗାଯାଇଥିଲା। ଏଭଳି ବ୍ୟବସ୍ଥାକୁ ଜରୁରିସେବା ଯୋଗାଉଥିବା ବ୍ୟକ୍ତିମାନେ ସ୍ୱାଗତ କରିଛନ୍ତି।




ଲକ୍‌ଡାଉନ୍ ପାଇଁ ଗୁରୁବାର ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂ ଖାଁ ଖାଁ।

## ବସ୍‌ଉଠ, ମାଡ଼ ଘଟଣା: ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)**

ଲକ୍‌ଡାଉନ୍ ଜାରି ରହିଥିବାବେଳେ ଉଲ୍ଲଂଘନକାରୀଙ୍କୁ ପୋଲିସ ପିଟିବା ସହ ବସ୍‌ଉଠ କରି ଦଣ୍ଡ ଦେଉଥିବା ଦେଖିବାକୁ ମିଳୁଛି। ଏହି ଘଟଣା ଏବେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ବୁଧବାର ଶହୀଦନଗରରେ ପୋଲିସ ୩ ଜଣ ବାଇକ୍ ଚାଳକଙ୍କୁ ରାସ୍ତା ଉପରେ ବସ୍‌ଉଠ କରିବା ସହ ତାତିଯାଇଥିବା ପିଚୁରାସ୍ତାରେ ବସାଇ ଦେଇଥିଲା। ଆଉ କେତେଜଣଙ୍କୁ ଆଣ୍ଠେଇବାକୁ ମଧ୍ୟ ପୋଲିସ ବାଧ୍ୟ କରିଥିଲା। ବଲାଙ୍ଗୀର ଓ ଭବାନୀପାଟଣା ଅଞ୍ଚଳରେ ସାଇକେଲରେ ଗ୍ରସେରି ନେଇ ଫେରୁଥିବା ଲୋକଙ୍କୁ ପୋଲିସ ଅମାନୁଷିକ ଭାବେ ମାଡ ମାରିଥିଲା। ଏହା ମାନବାଧିକାରର ଉଲ୍ଲଂଘନ ହୋଇଥିବାରୁ ଆଇନ୍ ସେବା ସଂସ୍ଥା କ୍ଲାପ୍ ସଭାପତି ଡ. ବିକାଶ ଦାସ ଏନ୍‌ଏଚ୍‌ଆରସ୍‌ରେ ଏକ ପିଟିଶନ ଦାଖଲ କରିଛନ୍ତି। ଡ. ଦାସ କହିଛନ୍ତି, ବଜାରରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା ଲାଗି ଲୋକଙ୍କୁ ବାହାରକୁ ଯିବା ପାଇଁ ସରକାର ଅନୁମତି ଦେଇଛନ୍ତି। ତେଣୁ ଲୋକମାନେ ଘରୁ ବାହାରୁଛନ୍ତି। ମାତ୍ର ପୋଲିସ ସେମାନଙ୍କ କଥା ନ ଶୁଣି ଅମାନୁଷିକ ଭାବେ ମାଡ ମାରିବା ସହ ବସ୍‌ଉଠ କରୁଛି। ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ, କିନ୍ତୁ ରାସ୍ତା ଉପରେ ବସ୍‌ଉଠ ବା ମାଡ ମାରିପାରିବ ନାହିଁ। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ କରିବାକୁ ସେ କମିଶନଙ୍କୁ ଅନୁରୋଧ କରିଥିବା କହିଛନ୍ତି।

# ସଙ୍କଟ ବେଳେ ଋଣ ଆଦାୟ ଜୁଲମ

**ନୟାଗଡ ଅଫିସ, ୨୬।୩**

କରୋନା କଟକଣା ଯୋଗୁ ରୋଜଗାର ଠପ୍ ହୋଇଯାଇଛି। ଖାଇବା ପାଇଁ ପାଖରେ ଅର୍ଥ ନାହିଁ। ନୟାଗଡ଼ ଜିଲାରେ ବହୁ ଗରିବ ଲୋକ ଏଭଳି ଜୀବନ ବିତାଉଛନ୍ତି। ଏଭଳିସ୍ଥଳେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଋଣ ଆଦାୟ ପାଇଁ ଜୁଲମ ଆରମ୍ଭ କରିଦେଇଛି। ନୟାଗଡ଼ ବ୍ଲକର ଏଭଳି ଏକ ସଂସ୍ଥାର ଶାଖା ପରିଚାଳକ ଓ କିଛି ଋଣଗ୍ରହୀତାଙ୍କ ଟେଲିଫୋନ କଥାବାର୍ତ୍ତାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଶାଖା ପରିଚାଳକଙ୍କ କଟୁ କଥା ଶୁଣିବାକୁ ମିଳିଛି। ଶାଖା ପରିଚାଳକ ବିରକ୍ତ ହୋଇ ଋଣୀ ସଭ୍ୟାଙ୍କୁ କହୁଛନ୍ତି, ଋଣ ନେଲାବେଳକୁ ନେଇ ଯାଉଛ। ପରିଶୋଧ ବେଳକୁ କରୋନା ନାଁ ନେଇ ଖସିଯିବାକୁ ଉଦ୍ୟମ କରୁଛ। ଟଙ୍କା କେଉଁଠୁ ଆଣିବ, କିପରି ଦେବ ଆମେ କହିପାରିବୁ ନାହିଁ। ତୁମର ଦୋକାନ ଥାଉ କି ନ ଥାଉ ଆମର କିଛି ଯା'ଆସେ ନାହିଁ। ଋଣୀ ସଭ୍ୟା ଜରିମାନା ଦେବୁ କହିବା ପରେ ବି କିଛି ଫରକ ପଡି ନ ଥିଲା। ବରଂ ଅଧିକ ଉତ୍ତେଜିତ ହୋଇ ଶାଖା ପରିଚାଳକ କହିଥିଲେ ଇଜ୍ଜତ୍ ଯିବା ପୂର୍ବରୁ ଟଙ୍କା ଦେଇ ଦିଅନ୍ତୁ, ନଚେତ୍ କିଛି ଭଲ ହେବନି। ୩୨ଟି ଗୋଷ୍ଠୀ ମଧ୍ୟରୁ ରାଜାବଗିଚା, କଇଥଗାଡିଆର ଅନେକ ଋଣ ଟଙ୍କା ଦେଇସାରିଲେଣି। ତୁମେ ସଞ୍ଚୟ ଟଙ୍କାରୁ ଦେଇଦିଅ ବୋଲି କହିଛନ୍ତି। ଶେଷରେ ଋଣୀସଭ୍ୟା ଫୋନ କାଟିଦେଇଛନ୍ତି। ଏଭଳିସ୍ଥଳେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାର ରହିଲା।

## ୩୭ ବିଦେଶ ଫେରନ୍ତାଙ୍କ ଉପରେ କଡ଼ା ନଜର

କେନ୍ଦୁଝର, ୨୫।୩ (ଡ଼ି.ଏନ୍.ଏ.)- କରୋନାକୁ ନେଇ ଜିଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୩୭ଜଣ ଫେରନ୍ତା କେନ୍ଦୁଝର ଜିଲାକୁ ଆସିଛନ୍ତି। ଜିଲା ପ୍ରଶାସନ ତରଫରୁ ସ୍ୱାସ୍ଥ୍ୟ ବିଭାଗର ତତ୍ତ୍ୱାବଧାନରେ ସେମାନଙ୍କୁ କଡ଼ା ନଜର ମଧ୍ୟରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଇତିମଧ୍ୟରେ ୮ଜଣ ବ୍ୟକ୍ତି ତାଙ୍କର ହୋମ୍ କ୍ୱାରାଣ୍ଟାଇନ୍ ସମୟ ଅତିକ୍ରାନ୍ତ କରି ସାରିଲେଣି। ଅନ୍ୟ ୨୯ଜଣ ବିଦେଶ ଫେରନ୍ତା ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି। ତେବେ ଲକ୍‌ଡାଉନ୍‌କୁ ବେଖାତିର କରି ବାହାରେ ବୁଲାବୁଲି କରୁଥିବା ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ରାଜ୍ୟରୁ ଜିଲାକୁ ଫେରି ହୋମ୍ କ୍ୱାରାଣ୍ଟାଇନ୍ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଜିଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଥିବା ଜଣା ପଡ଼ିଛି।

## କେରଳରେ ଫସିଛନ୍ତି ୬୫ ଓଡ଼ିଆ ଛାତ୍ରୀଛାତ୍ର
### ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ

**ବାଲେଶ୍ୱର ଅଫିସ, ୨୬।୩**

କେରଳ ରାଜ୍ୟ ତ୍ରିଶୁର ଜିଲା ପୁରୁନାଟୁକୁରା ଅଞ୍ଚଳର ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ବିଏଡ୍ କରୁଥିବା ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଯାଜପୁର, ଜଗତ୍‌ସିଂହପୁର ଜିଲାର ୬୫ଜଣ ଛାତ୍ରୀଛାତ୍ର ଫଶି ରହିଛନ୍ତି। ସେମାନେ ରହିଥିବା ମେସ୍‌ରେ ପିଇବା ପାଣି, ଖାଦ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଦେଖାଦେଇଛି। ଦେଶବ୍ୟାପୀ ଲକ୍‌ଡାଉନ୍ ଯୋଗୁ ସେମାନେ ବାହାରକୁ ମଧ୍ୟ ବାହାରି ପାରୁନାହାନ୍ତି। ଶାରୀରିକ ସମସ୍ୟା ଅପେକ୍ଷା ସେମାନେ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ବୋଲି ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଇମେଲ ଜରିଆରେ ଅବଗତ କରାଇଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଫଶି ରହିଥିବା ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## କୀଟନାଶକ ମିଳୁନି, ପରିବାରେ ବଢୁଛନ୍ତି ପୋକ
### ସାର ଦୋକାନ ଖୋଲିବାକୁ ଚାଷୀଙ୍କ ଦାବି

**ଜଟଣୀ, ୨୬।୩ (ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ପାଇଁ ସରକାରଙ୍କ ଲକ୍‌ଡାଉନ ଘୋଷଣା ପରେ ଜଟଣୀରେ ଦୋକାନ ବଜାର ବନ୍ଦ ରହୁଛି। ସାର ଓ କୀଟନାଶକ ଦୋକାନ ବନ୍ଦ ରହୁଥିବାରୁ ଏକର ଏକର ଜମିରେ ହୋଇଥିବା ବିଭିନ୍ନ ପରିବା ଚାଷରେ ପୋକ ଲାଗୁଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଦୋକାନ ଖୋଲୁ ନ ଥିବାରୁ ପୋକ ମାରିବାକୁ କୀଟନାଶକ ମିଳୁନାହିଁ। ଜଟଣୀ ବ୍ଲକ କନ୍ତିଆ ଗ୍ରାମର ଚାଷୀ ପଦ୍ମଚରଣ ସୁବୁଦ୍ଧି କୁହନ୍ତି, ୫ ଏକର ଜମିରେ ତରଭୁଜ, କଖାରୁ ଓ ଅନ୍ୟ ପନିପରିବା ଚାଷ କରିଛି। ସେଥିରେ ପୋକ ଲାଗି ନଷ୍ଟ ହେବାକୁ ବସିଲାଣି। ଦୋକାନ ବନ୍ଦ ରହୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। ତାଙ୍କ ଭଳି ଅନେକ ଚାଷୀ ଏପରି ଅସୁବିଧାର ସମ୍ମୁଖୀନ ହୋଇ ଚିନ୍ତାରେ ପଡ଼ିଛନ୍ତି। ଏଣୁ ସରକାରଙ୍କ ନିର୍ଦ୍ଧାରିତ ସମୟରେ ସାର ଦୋକାନ ଖୋଲିବାକୁ ସେ ଦାବି କରିଛନ୍ତି। ଏ ନେଇ ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ କୁହନ୍ତି, ଜିଲା କୃଷି ଅଧିକାରୀଙ୍କ ସହ ଏ ବିଷୟରେ ଆଲୋଚନା ହୋଇଛି। ନିର୍ଦ୍ଧାରିତ ସମୟରେ ଗହଳି ନ କରି ସାର ବିକ୍ରୟ କରୁଥିବା ଡିଲରଙ୍କୁ ଦୋକାନ ଖୋଲିବାକୁ କୁହାଯାଇଛି।

## ତେଲଙ୍ଗାନାରେ ଫସିଛନ୍ତି ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ



**ପଦ୍ମପୁର, ୨୬।୩ (ଡି.ଏନ୍.ଏ.):** କରୋନାର ମୁକାବିଲା ଲାଗି ସମଗ୍ର ଦେଶରେ ଲକ୍ ଡାଉନ୍ ଲାଗୁ ହୋଇଥିବା ଘରକୁ ଫେରି ନ ପାରି ଓଡ଼ିଶାର ଭଦ୍ରକ ଜିଲାର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ତେଲଙ୍ଗାନା ରାଜ୍ୟର ମେହବୁବନଗରରେ ଫଶି ରହିଛନ୍ତି। କାମ ବନ୍ଦ ହୋଇଯାଇଥିବା ବେଳେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା ପାଇଁ ସେମାନଙ୍କ ପାଖରେ ପଇସା ନାହିଁ। ବାହାରକୁ ବାହାରିଲେ ପୋଲିସଠାରୁ ମାଡ଼ ଖାଇବାକୁ ପଡୁଛି। ଏପରି ସ୍ଥିତିରେ ସେମାନେ ଓଡ଼ିଶା ଫେରିବା ପାଇଁ ସାମାଜିକ ଗଣମାଧ୍ୟମରେ ଜିଲା ପ୍ରଶାସନ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ମଧ୍ୟରେ ସର୍ବାଧିକ ବାସୁଦେବପୁର ବ୍ଲକର ଲୁଙ୍ଗା, ଗୁଆଗଡ଼ିଆ ଓ ଭଦ୍ରକ ବ୍ଲକର ସାହାଡ଼ା ସାବରଙ୍ଗ ପଞ୍ଚାୟତର ଶ୍ରମିକ ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ପାଇଁ ଶ୍ରମିକମାନେ ଆକୁଳ ନିବେଦନ କରିଛନ୍ତି।

## ମୋବାଇଲ ଟାୱାର ଉପରକୁ ଚଢିଗଲେ ମାନସିକ ବିକାରଗ୍ରସ୍ତ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)**

ଗୁରୁବାର ଅପରାହ୍ନ ୫ଟାରେ ବିଧାନସଭା ଏକ ନମ୍ବର ଗେଟ ନିକଟ ମୋବାଇଲ୍ ଟାୱାର ଉପରକୁ ଚଢିଯାଇଥିଲେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅଗ୍ନିଶମ ବିଭାଗକୁ ନାକେଦମ ହେବାକୁ ପଡିଥିଲା। ଘଣ୍ଟାଏ ପରେ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ କାବୁ କରିନେବା ସହ ଅତ୍ୟାଧୁନିକ ମେସିନ ସାହାଯ୍ୟରେ ତଳକୁ ଆଣିଥିଲେ। ଏହାପରେ କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଥାନାକୁ ନେଇଯାଇଥିଲା।


**ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ**

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, PIU- ଢେଙ୍କାନାଳ (ଓଡ଼ିଶା),
ପ୍ଲଟ୍ ନଂ-1768, କଳିଙ୍ଗ ଆଇ ହସ୍ପିଟାଲ୍ ନିକଟ, ଦକ୍ଷିଣକାଳି ରୋଡ଼, ଢେଙ୍କାନାଳ -759001,
ଟେଲିଫୋନ୍ – 06762226850/830, ଇମେଲ: piudhenkanal@nhai.org

ଏନ୍‌ଏଚ୍‌ଏଆଇ/ପିଆଇୟୁ/ଡିକେଏନ୍‌ଏଲ୍/Adv./2020/734, 25.03.2020

**ସାଧାରଣ ବିଜ୍ଞପ୍ତି**

ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାରି ସଂଶୋଧିତ ଫି ନିୟମ 2008 ଅନୁସାରେ ଲମ୍ୱ 58.000 କିମି ପାଇଁ ଓଡ଼ିଶା ରାଜ୍ୟର ଏନ୍‌ଏଚ୍- 5 ର କିମି 337.010 ଠାରୁ କିମି 413.000 ସୁନାଖଳା- ଭୁବନେଶ୍ୱର ସେକ୍‌ସନ ପାଇଁ 375.500 କିମି ଖୋର୍ଦ୍ଧା ଜିଲ୍ଲାର ଗୁଡିପଡ଼ା ଠାରେ ଟୋଲ୍ ପ୍ଲାଜା ନିମନ୍ତେ ଟୋଲ୍ ଫି ଆଦାୟକୁ 01.04.2020 ଠାରୁ ନିମ୍ନ ପ୍ରକାରେ ସଂଶୋଧନ କରାଯାଉଛି ।

| ଯାନର ପ୍ରକାର | ଏକକ ଯାତ୍ରା ପାଇଁ ଫି | ଗୋଟିଏ ଦିନରେ ଫେରସ୍ତ ଯାତ୍ରା ପାଇଁ ଫି | ଗୋଟିଏ ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ନିମନ୍ତେ ଫି | ଫି ପ୍ଲାଜାର ଜିଲ୍ଲା ମଧ୍ୟରେ ପଂଜୀକୃତ ବାଣିଜ୍ୟିକ ଯାନ ପାଇଁ ଏକକ ଯାତ୍ରା ନିମନ୍ତେ ଫି |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | 75 | 110 | 2425 | 35 |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | 115 | 175 | 3915 | 60 |
| ବସ୍ କିମ୍ବା ଟ୍ରକ୍ (ଦୁଇଟି ଆକ୍ସେଲ୍) | 245 | 370 | 8200 | 125 |
| ତିନୋଟି ଆକ୍ସିଲ୍ ବିଶିଷ୍ଟ ବାଣିଜ୍ୟିକ ଯାନ | 270 | 405 | 8950 | 135 |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ) | 385 | 580 | 12865 | 195 |
| ଓଭରସାଇଜ୍ ଯାନ (ସାତ ବା ଅଧିକ ଆକ୍ସେଲ୍) | 470 | 705 | 15660 | 235 |

ବର୍ଷ 2020-21 ପାଇଁ ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ 20 କିମି ବ୍ୟବଧାନ ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ନିମନ୍ତେ ମୂଲ୍ୟ ହେବ ଟ.275.00 ।

ସ୍ୱା-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ



**ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ**

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, PIU- ଢେଙ୍କାନାଳ (ଓଡ଼ିଶା),
ପ୍ଲଟ୍ ନଂ-1768, କଳିଙ୍ଗ ଆଇ ହସ୍ପିଟାଲ୍ ନିକଟ, ଦକ୍ଷିଣକାଳି ରୋଡ଼, ଢେଙ୍କାନାଳ -759001,
ଟେଲିଫୋନ୍ – 06762226850/830, ଇମେଲ: piudhenkanal@nhai.org

ଏନ୍‌ଏଚ୍‌ଏଆଇ/ପିଆଇୟୁ/ଡିକେଏନ୍‌ଏଲ୍/Adv./2020/734, 25.03.2020

**ସାଧାରଣ ବିଜ୍ଞପ୍ତି**

ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାରି ସଂଶୋଧିତ ଫି ନିୟମ 2008 ଅନୁସାରେ ଲମ୍ୱ 57.600 କିମି ପାଇଁ ଓଡ଼ିଶା ରାଜ୍ୟର ଏନ୍‌ଏଚ୍- 5 ର କିମି 362.000 ଠାରୁ କିମି 419.600 ସୁନାଖଳା- ପୁଇଁତୋଳା ସେକ୍‌ସନ ପାଇଁ 389.609 କିମି ଗଞ୍ଜାମ ଜିଲ୍ଲାର ଗୁରାପଲ୍ଲୀ ଠାରେ ଟୋଲ୍ ପ୍ଲାଜା ନିମନ୍ତେ ଟୋଲ୍ ଫି ଆଦାୟକୁ 01.04.2020 ଠାରୁ ନିମ୍ନ ପ୍ରକାରେ ସଂଶୋଧନ କରାଯାଉଛି ।

| ଯାନର ପ୍ରକାର | ଏକକ ଯାତ୍ରା ପାଇଁ ଫି | ଗୋଟିଏ ଦିନରେ ଫେରସ୍ତ ଯାତ୍ରା ପାଇଁ ଫି | ଗୋଟିଏ ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ନିମନ୍ତେ ଫି | ଫି ପ୍ଲାଜାର ଜିଲ୍ଲା ମଧ୍ୟରେ ପଂଜୀକୃତ ବାଣିଜ୍ୟିକ ଯାନ ପାଇଁ ଏକକ ଯାତ୍ରା ନିମନ୍ତେ ଫି |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | 85 | 125 | 2765 | 40 |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | 135 | 200 | 4465 | 65 |
| ବସ୍ କିମ୍ବା ଟ୍ରକ୍ (ଦୁଇଟି ଆକ୍ସେଲ୍) | 280 | 420 | 9355 | 140 |
| ତିନୋଟି ଆକ୍ସିଲ୍ ବିଶିଷ୍ଟ ବାଣିଜ୍ୟିକ ଯାନ | 305 | 460 | 10205 | 155 |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ) | 440 | 660 | 14670 | 220 |
| ଓଭରସାଇଜ୍ ଯାନ (ସାତ ବା ଅଧିକ ଆକ୍ସେଲ୍) | 535 | 805 | 17860 | 270 |

ବର୍ଷ 2020-21 ପାଇଁ ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ 20 କିମି ବ୍ୟବଧାନ ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ନିମନ୍ତେ ମୂଲ୍ୟ ହେବ ଟ.275.00 ।

ସ୍ୱା-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ

## ସଂକ୍ଷେପରେ

### ୨ ବାଇକ୍ ଜବତ, ୪ ଗିରଫ

**ଦେବଗଡ,୨୬।୩(ଡି.ଏନ.ଏ):** ଲକ୍ ଡାଉନ୍ ଘୋଷଣା କରାଯାଇଛି। ଯାନବାହାନ ଚଳାଚଳ ଉପରେ ନିୟନ୍ତ୍ରଣ କରାଯାଇଥିଲେ ମଧ କେତେକ ଜନସାଧାରଣ ଏହାକୁ ମାନୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ କେତେକ ବାଇକ୍ ଚାଳକଙ୍କୁ ଅଟକ ରଖି ପୋଲିସ ଗାଡି ଜବତ କରିଛି। ଦେବଗଡ ଥାନାରେ ଗୋଟିଏ ଓ କୁଣ୍ଢେଇଗୋଲା ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି। ପୋଲିସ ୪ ଜଣଙ୍କୁ ଗିରଫ କରିଛି। ୨ଟି ବାଇକ ଜବତ୍ କରିଛି।

### ୨ ଦିନରେ ୨୯ ଗିରଫ

**ଝାରସୁଗୁଡା ଅଫିସ,୨୬।୩:** କରୋନା ମୁକାବିଲା କରିବା ପାଇଁ ସମଗ୍ର ଦେଶରେ ଲକ୍ ଡାଉନ୍ ସମେତ ବିଭିନ୍ନ କଟକଣା କରାଯାଇଛି। ଏପରି ସ୍ଥଳରେ ମଧ ଲୋକେ ଘରୁ ବାହାରକୁ ବାହାରୁଛନ୍ତି। ତେବେ ଏଭଳି ଘରୁ ମୋଟରସାଇକଲ ନେଇ ବାହାରକୁ ଆସୁଥିବା ୩ ଶହରୁ ଅଧିକ ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରିଛି ଝାରସୁଗୁଡା ପୋଲିସ। ସେହିପରି ବୁଧବାର ଓ ଗୁରୁବାର ବିନା କାରଣରେ ବାହାରେ ବୁଲୁଥିବା ଓ ଦୋକାନ ଖୋଲିଥିବା ଅଭିଯୋଗରେ ମୋଟ ୨୯ ଜଣଙ୍କୁ ଗିରଫ କରାଯାଇଛି।

### ପଡିଲା ଲକ୍ଷ୍ମଣ ରେଖା

**ବେଲପାହାଡ଼,୨୬।୩ (ଡ଼ି.ଏନ୍.ଏ):** କରୋନା ସଂକ୍ରମଣକୁ ରୋକିବା ପାଇଁ ତଥା ଲୋକଙ୍କ ମଧରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ପକ୍ଷରୁ ଅସ୍ଥାୟୀ ପରିବା ହାଟ ଓ ଔଷଧ ଦୋକାନ ଗୁଡ଼ିକରେ ଲକ୍ଷ୍ମଣ ରେଖା ଟଣାଯାଇଛି । ଲୋକେ ରେଖାଙ୍କିତ ଚିହ୍ନରେ ଛିଡ଼ା ହୋଇ ଦୋକାନରୁ ଆବଶ୍ୟକ ସାମଗ୍ରୀ କିଣୁଛନ୍ତି।

### ଲକ୍‌ଡାଉନ୍ ଗାଇଡ୍ ଉଲ୍ଲଂଘନ, ୧୦ଗିରଫ

**ଜୁନାଗଡ,୨୬।୩(ଡି.ଏନ୍.ଏ):** ଭାରତରେ କରୋନା ଭୁତାଣୁ ସଂକ୍ରମଣ ରୋକିବାକୁ ସାରାଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡା ପଦକ୍ଷେପ ନିଆଯାଉଛି। ଗୁରୁବାର କଳାହାଣ୍ଡି ଜିଲା ଜୁନାଗଡ ଥାନା ପୋଲିସ ଲକ୍‌ଡାଉନକୁ ଉଲ୍ଲଂଘନ କରିବା ଅଭିଯୋଗରେ ୧୦ଜଣଙ୍କୁ ଗିରଫ କରିଛି। ଏ ନେଇ ଜୁନାଗଡ ଥାନା ଭାରପ୍ରାପ୍ତ ଅଧିକାରୀ ଉତ୍ତମ କୁମାର ସାହୁ ଏକ ପ୍ରେସ ବିବୃତରେ ଜଣାଇଛନ୍ତି।

# ଝାରସୁଗୁଡ଼ା ବ୍ଲଡ୍‌ବ୍ୟାଙ୍କ୍‌ରେ ରକ୍ତ ଅଭାବ

**ଝାରସୁଗୁଡ଼ା ଅଫିସ,୨୬।୩**

- ଡାକ୍ତରଖାନାରେ ପଡ଼ି ରହିଛନ୍ତି ଗୁରୁତର ରୋଗୀ
- ଲକ୍‌ଡାଉନ ଯୋଗୁ ରକ୍ତଦାନ ଶିବିର ବାତିଲ
- ଆସୁ ନାହାନ୍ତି ରକ୍ତଦାତା
- ସମ୍ବଲପୁର ପରେ ଝାରସୁଗୁଡ଼ାରେ ସମାନ ସ୍ଥିତି




କରୋନା ଭୂତାଣୁ ସଂକ୍ରମଣରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସମଗ୍ର ଭାରତରେ ୨୧ ଦିନ ପାଇଁ ଲକ୍ ଡାଉନ ଘୋଷଣା କରାଯାଇଛି। କୌଣସି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ବ୍ଲଡ୍‌ବ୍ୟାଙ୍କ୍‌ରେ ରକ୍ତ ଅଭାବ ଦେଖାଦେବା ଏକ ବଡ ସମସ୍ୟା ଭାବେ ଠିଆ ହୋଇଛି। ଗତ ୨୦ ତାରିଖରୁ ରକ୍ତ ଅଭାବ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ରକ୍ତ ଅଭାବରୁ ବହୁ ଗୁରୁତର ରୋଗୀ ଏବେ ବି ବିଭିନ୍ନ ଡାକ୍ତରଖାନାରେ ପଡି ରହିଛନ୍ତି। କରୋନା କଟକଣା ଯୋଗୁ ଚଳିତ ମାସ ୧୯, ୨୨ ଓ ୩୧ ତାରିଖରେ ହେବାକୁ ଥିବା ରକ୍ତଦାନ ଶିବିର ବାତିଲ ହେବାରୁ ଏପରି ସ୍ଥିତି ଦେଖା ଦେଇଛି। ଅନ୍ୟପକ୍ଷେ କୌଣସି ରକ୍ତଦାତା ମଧ୍ୟ ରକ୍ତଦାନ କରିବାକୁ ବ୍ଲଡ୍ ବ୍ୟାଙ୍କ୍‌କୁ ଆସୁନାହାନ୍ତି। ଏପରି ସ୍ଥଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ଚୁପ୍ ହୋଇ ବସିଛି। କେବଳ ଜରୁରୀ ପରିସ୍ଥିତି ପାଇଁ ଓ ପଜିଟିଭ, ଏ ପଜିଟିଭ, ବି ପଜିଟିଭ ଓ ଏବି ପଜିଟିଭର ୩ଟି ଲେଖାଏଁ ୟୁନିଟ ରକ୍ତ ରଖା ଯାଇଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ରକ୍ତଭଣ୍ଡାରର ଦୂରତା ପ୍ରାୟ ୮ କି.ମି. । ଲକ୍ ଡାଉନ୍ ଯୋଗୁ ଲୋକେ ମୁଖ୍ୟ ଚିକିତ୍ସାଳୟରୁ ରକ୍ତ ଭଣ୍ଡାରକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ କିଶୋର ସାହୁ ନାମକ ଜଣେ ବ୍ୟକ୍ତି କହିଛନ୍ତି, ସେ ତାଙ୍କ ଜଣେ ସମ୍ପର୍କୀୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ରକ୍ତ ପାଇଁ ପ୍ରାୟ ୮ କି.ମି. ଦୂର ମଙ୍ଗଳ ବଜାରକୁ ଆସିବାକୁ ପଡିଛି। ଏହି ରାସ୍ତାରେ ଆସିଲେ ପୋଲିସକୁ ବହୁ ଉତ୍ତର ଦେବାକୁ ପଡୁଛି। ଏଣୁ ଯଦି ଡାକ୍ତରଖାନା ପରିସରରେ ରକ୍ତ ଭଣ୍ଡାର ଥାନ୍ତା ତେବେ ଏଭଳି ହଇରାଣ ହେବାକୁ ପଡି ନ ଥାନ୍ତା। ସେହିଭଳି ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ ବେଦବ୍ୟାସ ଦେହୁରୀ କୁହନ୍ତି, ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ତାଙ୍କୁ ବହୁ ହଇରାଣ ହେବାକୁ ପଡିଛି। କହୁ କଷ୍ଟରେ ଜଣେ ରକ୍ତଦାତା ଯୋଗାଡ କରି ରକ୍ତ ଭଣ୍ଡାରକୁ ଆସିଥିଲୁ। ରକ୍ତ ନେବା ପରେ ମୋର ସମ୍ପର୍କୀୟଙ୍କୁ ଦିଆଯାଇଥିଲା। ତେବେ ଏ ସମ୍ପର୍କରେ ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡା. ଏସ୍.ଜୋଜୋଙ୍କୁ ପଚାରିବାରୁ କରୋନା କଟକଣା ପାଇଁ ରକ୍ତ ଦାନ ଶିବିରଗୁଡିକ ଶେଷ ମୁହୂର୍ତ୍ତରେ ବାତିଲ ହୋଇଯାଇଛି। ବର୍ତ୍ତମାନ ସାମାଜିକ ଦୂରତ୍ୱ ତଥା ଜନଗହଳିକୁ ବାରଣ କରାଯାଇଥିବାରୁ ରକ୍ତଦାନ ଶିବିର ଆୟୋଜନ ସମ୍ଭବ ହୋଇ ପାରୁନାହିଁ। ବ୍ୟକ୍ତିଗତ ଭାବେ ରକ୍ତଦାତା ଆସିଲେ ରୋଗୀଙ୍କ ଆବଶ୍ୟକତା ପୂରଣ ହେଉଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ରକ୍ତଭଣ୍ଡାର ମଧ୍ୟରେ ଥିବା ଦୂରତ୍ୱ ସମ୍ପର୍କରେ ସେ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଜାଗା ଚିହ୍ନଟ କରାଯାଇଛି। ପରବର୍ତ୍ତୀ ସମୟରେ ଏହା ସ୍ଥାନାନ୍ତର ହେବ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ସହର ମଙ୍ଗଳବଜାରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହର ବାହାରକୁ ସ୍ଥାନାନ୍ତର କରାଯାଇ ସେଠାରେ ଜନସାଧାରଣଙ୍କୁ ଉନ୍ନତ ମାନର ସେବା ଯୋଗାଇବାକୁ ସ୍ୱାସ୍ଥ୍ୟ ବିଭାଗ ଯୋଜନା କରିଥିଲା। ଗତ ବର୍ଷ ମେ'ମାସରେ ଏହି ପରିବର୍ତ୍ତନ କରାଯାଇଥିଲା। ହେଲେ ଏହି ପରିବର୍ତ୍ତନ ବେଳେ କିନ୍ତୁ ରକ୍ତ ଭଣ୍ଡାରକୁ ଜିଲା ନୂଆ ମୁଖ୍ୟ ଚିକିତ୍ସାଳୟ ସହିତ ସଂଯୋଗ କରାଯାଇ ନ ଥିଲା। ସ୍ୱାସ୍ଥ୍ୟ ବିଭାଗର ଏହି ଅବହେଳା ଯୋଗୁ ଲୋକେ ପ୍ରତିଦିନ ମୁଖ୍ୟ ଚିକିତ୍ସାଳୟରୁ ମଙ୍ଗଳ ବଜାରସ୍ଥିତ ରକ୍ତ ଭଣ୍ଡାର ପର୍ଯ୍ୟନ୍ତ ପ୍ରାୟ ୮ କି.ମି. ଦୂରକୁ ଯାଇ ହଇରାଣ ହୋଇ ଆସୁଛନ୍ତି।

## ଘରେ ପହଞ୍ଚିଲା ଆଗୁଆ ଭତ୍ତାଟଙ୍କା

**ସମ୍ବଲପୁର,୨୬।୩ (ବ୍ୟୁରୋ)**

କରୋନ କଟକଣା ପରେ ସରକାର ବିଭିନ୍ନ ଯୋଜନାରେ ପେନସନ ପାଉଥିବା ହିତାଧିକାରୀମାନଙ୍କୁ ୪ ମାସର ଆଗୁଆ ଭତ୍ତା ପ୍ରଦାନ କରାଯିବାକୁ ଘୋଷଣା କରିଥିଲେ। ଏହି ଯୋଜନାରେ ସମ୍ବଲପୁର ମହାନଗର ନିଗମ ବିଭିନ୍ନ ୱାର୍ଡରେ ୨୮ ହଜାର ୩ ଶହ, ରେଢାଖୋଲ ଏନଏସି, କୁଚିଣ୍ଡା ଏନଏସି ସହ ୯ ଟି ବ୍ଲକରେ ମୋଟ ୧ ଲକ୍ଷ ୨୧ ହଜାର ୭୨୧ ଜଣ ହିତାଧିକାରୀ ଉପକୃତ ହେବେ। ଶୁକ୍ରବାରଠାରୁ ମାନେଶ୍ୱର ଓ ଯୁଯୁମୁରା ବ୍ଲକ, ରେଢାଖୋଲ ଏନଏସି, କୁଚିଣ୍ଡା ଏନଏସିରେ ଭତ୍ତା ବଣ୍ଟନ ଆରମ୍ଭ ହୋଇଛି। ଶନିବାର ଠାରୁ ଅନ୍ୟବ୍ଲକରେ ଟଙ୍କା ବଣ୍ଟନ କରାଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ଏପ୍ରିଲଠାରୁ ଜୁଲାଇ ମୋଟ ୪ ମାସର ଭତ୍ତା ବଣ୍ଟନ କରାଯାଉଛି।

# ଷ୍ଟେଶନରେ ଆଶ୍ରୟ ନେଲେ ଯବାନ

**ସମ୍ବଲପୁର,୨୬।୩ (ବ୍ୟୁରୋ)**


ସମ୍ବଲପୁର ରୋଡ ( ଫାଟକ) ଷ୍ଟେଶନରେ ନିରଞ୍ଜନ ବାରିକ ବସିଛନ୍ତି।

- କରୋନା କଟକଣା ଯୋଗୁ ହୋଟେଲରୁ ବିଦା କରି ଦିଆଗଲା
- ଷ୍ଟେଶନରେ କଟିଲା ୪ ଦିନ

କରୋନା କଟକଣା ଯୋଗୁ ଜଣେ ଯବାନଙ୍କୁ ହୀନସ୍ତା ହେବାକୁ ପଡିଛି। ଲକ୍‌ଡାଉନ ଘୋଷଣା ପରେ ତାଙ୍କୁ ହୋଟେଲରୁ ଜୋରଜବରଦସ୍ତ ବାହାର କରି ଦିଆଯାଇଥିଲା। ଏପରି ପରିସ୍ଥିତିରେ ଟ୍ରେନ ଓ ବସ୍ ଚଳାଚଳ ବନ୍ଦ ଥିବାରୁ ଘରକୁ ଫେରି ପାରି ନ ଥିଲେ। ଶେଷରେ ସେ ସମ୍ବଲପୁର ଷ୍ଟେଶନରେ ଆଶ୍ରୟ ନେଇଥିଲେ। ପରେ ତାଙ୍କୁ ଏକ ଧର୍ମଶାଳାକୁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଛି।

ସୂଚନା ଅନୁଯାୟୀ, ଇଣ୍ଡୋ-ତିବ୍ବତିଆନ୍ ବର୍ଡର ପୋଲିସ ଫୋର୍ସ (ଆଇଟିବିପିଏଫ୍)ର ନିରଞ୍ଜନ ବାରିକ ଉତ୍ତରାଖଣ୍ଡରେ କାର୍ଯ୍ୟରତ ଅଛନ୍ତି। ଏକ କୋର୍ଟ କାମରେ ସେ ଛୁଟିରେ ଆସି ସମ୍ବଲପୁରରେ ପହଞ୍ଚି ଥିଲେ। ଲକ୍ ଡାଉନ ଘୋଷଣା ହେବା ପରେ ସେ ରହୁଥିବା ଏକ ହୋଟେଲରୁ ତାଙ୍କୁ ଜୋରଜବରଦସ୍ତ ବାହାର କରିଦିଆଗଲା। ଗୁରୁବାର ପର୍ଯ୍ୟନ୍ତ ସେ ସମ୍ବଲପୁର ଷ୍ଟେଶନରେ କାଟିଥିବା କହିଛନ୍ତି। ଗଞ୍ଜାମ ଜିଲା ବ୍ରହ୍ମପୁର ମୂଳବାସିନ୍ଦା ନିରଞ୍ଜନଙ୍କ କହିବା ଅନୁସାରେ ତାଙ୍କର ଫ୍ୟାମିଲ କୋର୍ଟରେ ଏକ ମାମଲା ଥିବାରୁ ସେ ସମ୍ବଲପୁରକୁ ଗତ ୨୦ ତାରିଖରେ ଆସିଥିଲେ। ଅଶୋକ ଟକିଜ ରୋଡରେ ଥିବା ଏକ ହୋଟେଲରେ ରହିଥିଲେ। ନିଜ ଓକିଲଙ୍କ ସହ ସେ ଏ ନେଇ ଆଲୋଚନା କରିବା ପରେ ଆସନ୍ତା ୨୪ରେ ଉକ୍ତ ମାମଲାର ଶୁଣାଣି ଥିବା ସେ କହିଥିଲେ। ହେଲେ ଲକ୍‌ଡାଉନ ଘୋଷଣା ହେବା ପରେ ତାଙ୍କ ସମସ୍ୟା ବଢ଼ି ଯାଇଥିଲା। ହୋଟେଲ ଛାଡିବାକୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ତାଙ୍କୁ ବାଧ୍ୟ କରିଥିଲେ। ଯେତେ କାକୁତିମିନତି ହେଲାପରେ ମଧ ସେମାନେ କିଛି ନ ଶୁଣି ତାଙ୍କୁ ହୋଟେଲରୁ ତଡି ଦେଇଥିଲେ। ସହରରେ ଅନ୍ୟ ହୋଟେଲ ଗୁଡିକ ବନ୍ଦ ରହିଥିଲା। ସବୁଠି ପୋଲିସର ଯାଞ୍ଚ ଓ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡି ଥିଲା। ଏଥିରୁ ବର୍ତ୍ତିବା ପାଇଁ ସେ ରେଳ ଷ୍ଟେଶନରେ ରହି ୨୪ ତାରିଖରେ ଫ୍ୟାମିଲି କୋର୍ଟରେ ହାଜର ହୋଇଥିଲେ। ହେଲେ ଲକ୍ ଡାଉନ ହେବାରୁ ସେ ଆଉ ଘରକୁ ଫେରି ପାରି ନ ଥିଲେ। ଭୋକ ଉପାସରେ ତାଙ୍କ ଦିନ କଟିଥିଲା। ଏଭଳି ପରିସ୍ଥିତରେ ତାଙ୍କ ପର୍ସ ହଜିଯାଇଥିଲା। ପାଖରେ ଥିବା କିଛି ଟଙ୍କା, ଏଟିଏମ୍ କାର୍ଡ, ପାନ୍‌କାର୍ଡ, ପରିଚୟ ପତ୍ର ମଧ ଚୋରି ହୋଇଯାଇଥିଲା। ଯାହା ତାଙ୍କୁ ଆହୁରି ସମସ୍ୟାରେ ପକାଇଥିଲା। ମମତା ପଣ୍ଡା ନାମ୍ନୀ ଜଣେ ସମ୍ପର୍କୀୟଙ୍କୁ ସେ ଫୋନ କରି ସହଯୋଗ ମାଗିଥିଲେ। ଏ ସଂକ୍ରାନ୍ତରେ ମମତା ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ କେତେଜଣ ସ୍ୱେଚ୍ଛାସେବୀ ସମ୍ବଲପୁର ରୋଡ ( ଫାଟକ) ଷ୍ଟେଶନରେ ପ୍ରଥମେ ରନ୍ଧା ଖାଦ୍ୟ ପହଞ୍ଚାଇ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ମଧ ଏଥିରେ ସହଯୋଗ କରାଯାଇଥିଲା। ତାଙ୍କୁ ଏବେ କ୍ଷେତରାଜପୁର ମାରୱାଡି ଧର୍ମଶାଳାରେ ଆଶ୍ରୟ ଦିଆଯାଇଛି। ସେହିପରି ସମ୍ବଲପୁର ଶାନ୍ତିନଗର ଗୋପାଳମାଳ ଅଞ୍ଚଳର ଜଣେ ଯୁବକ ଗତ ୨୪ରେ ଦିଲ୍ଲୀରୁ ଫେରିଛନ୍ତି। ସେ ଘରକୁ ନ ଯାଇ ପାରି ଫାଟକ ଷ୍ଟେଶନ ଘୂରି ବୁଲୁଥିଲେ। ସାମାଜିକ କର୍ମୀମାନେ ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗୁରୁବାର ଅପରାହ୍ନରେ ତାଙ୍କୁ ସଦର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ କ୍ଷେତରାଜପୁର ମାରୱାଡି ପଞ୍ଚାୟତ ଧର୍ମଶାଳାରେ ରଖାଯାଇଛି।

## ବିବାହ ଭୋଜିରୁ ବାପାପୁଅଙ୍କୁ ଉଠାଇନେଲା ପୋଲିସ

**ଭଟଲି,୨୬।୩(ଡି.ଏନ.ଏ)**

**ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ**

କରୋନା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଜାରି ହୋଇଛି। ଘରୁ ନ ବାହାରିବା ସହିତ କୌଣସି ପ୍ରକାର ଭୋଜି ମହୋତ୍ସବ ନ କରିବା ପାଇଁ କଟକଣା ଜାରି କରାଯାଇଛି। ଏହି କଟକଣାକୁ ନ ମାନିଲେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ଜଣେ ଶିକ୍ଷକ ଓ ତାଙ୍କ ବାପା ଅଡୁଆରେ ପଡିଛନ୍ତି। ଉଭୟଙ୍କୁ ପୋଲିସ ବିବାହ ଭୋଜିରୁ ଉଠାଇନେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗୁରୁବାର ବରଗଡ଼ ଜିଲା ଭଟଲି ଥାନା ଅଞ୍ଚଳରେ ଜଣେ ଶିକ୍ଷକଙ୍କ ବିବାହ ଭୋଜିର ଆୟୋଜନ କରାଯାଇଥିଲା। ଖବର ପାଇ ଭଟଲି ପୋଲିସ ଭୋଜିସ୍ଥଳରୁ ବର ଏବଂ ତାଙ୍କ ବାପାଙ୍କୁ ଉଠାଇ ଆଣିଥିଲା। ସାମାଜିକ ଦୂରତା ଉଲ୍ଲଂଘନ ସହିତ କୋରନା କଟକଣା ନ ମାନିବା ଯୋଗୁ ପୋଲିସ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ଭଟଲି ଥାନାରେ ଦଫା ୧୮୮, ୨୬୯, ୨୭୦ରେ ଏକ ମାମଲା(ନଂ. ୫୧/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଉକ୍ତ ଶିକ୍ଷକଙ୍କ ବୁଧବାର ବିବାହ ସମ୍ପନ୍ନ ହୋଇଥିଲା। ଗୁରୁବାର ଭୋଜି ପାଇଁ ସେ ଅନୁମତି ମାଗିଥିଲେ ମଧ ପୋଲିସ ପ୍ରଶାସନ ମନା କରିଥିଲା। ଏହା ସତ୍ତ୍ୱେ ସେ ନିମନ୍ତ୍ରିତ ଅତିଥିମାନଙ୍କୁ ଗୋଟିଏ ସ୍ଥାନରେ ଠୁଳ କରି ଭୋଜିର ଆୟୋଜନ କରିଥିଲେ। ଖବର ପାଇ ପୋଲିସ ଭୋଜିସ୍ଥଳରେ ଚଢ଼ାଉ କରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଟ୍ରେନିଂ ଡିଏସ୍‌ପି ଦିନେଶ କୁମାର ନାୟକ, ସ୍ଥାନୀୟ ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର, ଭଟଲି ଥାନାଧିକାରୀ ରଞ୍ଜିତ କୁମାର ନାୟକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ଆଳୁ ପିଆଜ ଗୋଦାମରେ ଚଢ଼ାଉ

**ବଲାଙ୍ଗୀର ଅଫିସ, ୨୬।୩**

ବଲାଙ୍ଗୀର ସହରର କେତେଜଣ ଅସାଧୁ ବେପାରୀ ସେମାନଙ୍କ କଳାବେପାର ଆରମ୍ଭ କରିଦେଇଛନ୍ତି। ଆଳୁ, ପିଆଜ, ଚାଉଳ, ତେଲ, ଡାଲି, ପନିପରିବା ମୂଲ୍ୟକୁ ଅହେତୁକ ବୃଦ୍ଧି ଓ ଗଚ୍ଛିତ କରି ରଖିଥିବା ଅଭିଯୋଗ ପରେ ଜିଲା ପ୍ରଶାସନ ଓ ପୋଲିସ ଟିମ୍ ପକ୍ଷରୁ ଗୁରୁବାର ବିଭିନ୍ନ ଗୋଦାମରେ ଚଢ଼ାଉ କରାଯାଇଥିଲା। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ଅନ୍ୟ ପୋଲିସ କର୍ମଚାରୀ ବଲାଙ୍ଗୀର ଡେଲିମାର୍କେଟସ୍ଥିତ ବିଜୟ ଆଳୁ ଭଣ୍ଡାର, ମାରୁତି ଆଳୁ ଗୋଦାମ ଓ ପବନ କୁମାର ଏଣ୍ଡ କୋ. ଗୋଦାମରେ ସକାଳ ୮ଟାରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଖୁଚୁରା ବେପାରୀମାନେ ହୋଲସେଲରଙ୍କଠାରୁ ଅଧିକ ଟଙ୍କା ଦେଇ ଆଳୁ, ପିଆଜ କିଣିଥିବା କହିଥିଲେ। ପୂର୍ବର ଆଳୁ ଓ ପିଆଜ ଷ୍ଟକ ଥିଲେ ମଧ ଏହି ହୋଲସେଲରମାନେ କରୋନା ମହାମାରୀକୁ ନେଇ ୨୧ଦିନର ଲକ୍ ଡାଉନ୍ ଘୋଷଣା ପରେ ଆଳୁ କେଜି ୧୮ ଟଙ୍କାରୁ ୩୦ ଟଙ୍କା ଓ ପିଆଜ କେଜି ୨୦ ଟଙ୍କାରୁ ୨୮ ଟଙ୍କାକୁ ବଢ଼ାଇଥିବା ଜଣାପଡିଥିଲା। ଏହି ତିନି ହୋଲସେଲର ସେମାନଙ୍କର ୱେବିଲ, ଜିଏସ୍‌ଟି ବିଲ ଦେଖାଇ ପାରି ନ ଥିଲେ।

## ଦୋକାନ, ବଜାରରେ ସାମାଜିକ ଦୂରତା



**ସମ୍ବଲପୁର, ୨୬।୩ (ବ୍ୟୁରୋ):** କରୋନା ସଂକ୍ରମଣକୁ ମୁକାବିଲା ପାଇଁ ଜିଲାରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସହର ପରି ଗାଁରେ ବି ଲକ୍ ଡାଉନର ପ୍ରଭାବ ପଡିଛି। ଗ୍ରାମାବାସୀ ନିଜ ଗାଁ ରାସ୍ତାକୁ ବାଉଁଶ ବାଡ଼ ଦେଇ ସିଲ କରିଦେଇଛନ୍ତି। ଯୁବକମାନେ ଛକରେ ଜଗି ବସିଛନ୍ତି। ଗ୍ରାମକୁ ଯିଏ ଆସିଲେ ତାର ନାମ ଠିକଣା ଓ କେଉଁ କାମ ପାଇଁ ଆସୁଛନ୍ତି ପଚାରୁଛନ୍ତି। ଆବଶ୍ୟକ ଜରୁରୀ କାମ ହେଲେ ହାତ ଧୋଇବାକୁ କହୁଛନ୍ତି ଓ ଗ୍ରାମକୁ ପ୍ରବେଶ କରିବାକୁ ଦେଉଛନ୍ତି। ନ ହେଲେ ଗାଁ ଛକରୁ ଫେରି ଯିବାକୁ କହୁଛନ୍ତି। ସେହିପରି ଦୋକାନ ବଜାରରେ ଭିଡକୁ ନେଇ

**ସଚେତନ ଗ୍ରାମବାସୀ,ସିଲ୍ କଲେ ରାସ୍ତା**

ମହାନଗର ନିଗମ ଓ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାର ସକାଳେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଦୋକାନ ଓ ପସରା ସମ୍ମୁଖରେ ଗୋଲ ଚିହ୍ନ ଦେଇ ଗ୍ରାହକମାନଙ୍କୁ ଛିଡା ହେବାକୁ କୁହାଯାଇଥିଲା। ଗ୍ରାହକମାନେ ମଧ ଦୂରରେ ଛିଡା ହୋଇ କିରାନା ସାମଗ୍ରୀ ଓ ପନିପରିବା କିଣୁଥିବା ଦେଖିବାକୁ ମିଳୁଥିଲା।

# ତେଲଙ୍ଗାନାରେ ଅଟକି ରହିଛନ୍ତି ୫୦ଶ୍ରମିକ


ତେଲଙ୍ଗନାରେ ଫସି ରହିଥିବା ଶ୍ରମିକମାନେ।

**ବିନିକା, ୨୬।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ତଥା ପଡୋଶୀ ବଲାଙ୍ଗୀର ଜିଲାର ୫୦ରୁ ଅଧିକ ଶ୍ରମିକ କାମ କରିବାକୁ ଯାଇ ତେଲଙ୍ଗାନାରେ ଅଟକି ରହିଛନ୍ତି। ସମଗ୍ର ଦେଶରେ ଲକ୍‌ଡାଉନ ଯୋଗୁ ସେମାନେ ଘରକୁ ଫେରି ପାରୁନାହାନ୍ତି। ପ୍ରଶାସନ ଅବିଳମ୍ବେ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେଉ ବୋଲି ସେମାନେ ଫୋନ ଯୋଗେ ଜଣାଇଛନ୍ତି। ବିନିକା ବ୍ଲକ ସିଂଘିଯୁବାର ସରୋଜ କର୍ଣ୍ଣ, କାହ୍ନା ଅମାତ୍, କୃଷ୍ଣ ପଧାନଙ୍କ ସମେତ ୫୦ଜଣ ଶ୍ରମିକ ବଲାଙ୍ଗୀର ଜିଲା ଲୋଇସିଂହାର ଜଣେ ବ୍ୟକ୍ତିଙ୍କ ଜରିଆରେ ଗତ ଫେବୃୟାରୀ ୧୦ତାରିଖରେ କାମ କରିବାକୁ ତେଲଙ୍ଗାନାର ମିୟାପୁର ଯାଇଥିଲେ। କିଛିଦିନ କାମ କଲା ପରେ କରୋନା ଭାଇରସ୍ ମହାମାରୀ ଘୋଷିତ ହେଲା। ସାରା ଭାରତରେ ଲକ୍ ଡାଉନ୍ ପରିସ୍ଥିତି ଉପୁଜିବା ପରେ ଏହି ଯୁବ ଶ୍ରମିକଙ୍କ ଜୀବନ ଦୁର୍ବିଷହ ହୋଇ ପଡିଛି। ପାଖରେ ଅର୍ଥ ନ ଥିବାରୁ ଭୋକଉପାସରେ ଦିନ କାଟୁଛନ୍ତି। ଏ ନେଇ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ପଚାରିବାରୁ ତେଲଙ୍ଗାନାରେ ଅଟକି ରହିଥିବା ଶ୍ରମିକମାନଙ୍କ ଠିକଣା ଓ ମୋବାଇଲ୍ ନମ୍ବର ଦେଲେ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବିଶାଖାପାଟଣାରେ ଫସିଛନ୍ତି କଳାହାଣ୍ଡିର ୨୫ଶ୍ରମିକ

**ଭବାନୀପାଟଣା,୨୬।୩(ସ୍ୱ.ପ୍ର)**


କଳାହାଣ୍ଡିର ଶ୍ରମିକମାନେ ସୋସିଆଲ ମିଡିଆରେ ଉଦ୍ଧାର ପାଇଁ ନିବେଦନ କରୁଛନ୍ତି।

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକର ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ ବିଶାଖାପାଟଣାକୁ କାମ କରିବାକୁ ଯାଇ ସେଠାରେ ଫସି ରହିଛନ୍ତି। ଏହି ପରିସ୍ଥିତିରେ ସେମାନେ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ, କଳାହାଣ୍ଡି ଜିଲାପାଳ,ଏସ୍‌ପି ଓ ଜନ ପ୍ରତିନିଧିଙ୍କୁ ଉଦ୍ଧାର କରିବା ପାଇଁ ଆକୁଳ ନିବେଦନ କରିଛନ୍ତି। ସୂଚନା ଅନୁସାରେ କଳାହାଣ୍ଡି ଜିଲା ଜୁନାଗଡ, କଳମପୁର, କୋକସରା, ଗୋଲାମୁଣ୍ଡା, କେସିଙ୍ଗା ଆଦି ବ୍ଲକର ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ ବିଶାଖାପାଟଣା ନିକଟବର୍ତ୍ତୀ ଅଚ୍ୟୁତାପୁରମରେ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ଏହି ସମୟରେ କରୋନା ଭୂତାଣୁ ସଂକ୍ରମଣକୁ ନେଇ ଗତ ୨୪ ତାରିଖରେ ଦେଶରେ ଲକ୍‌ଡାଉନ ଘୋଷଣା ପରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଉକ୍ତ କାରଖାନା ବନ୍ଦ କରାଯାଇଥିଲା। ଏପରିକି ଶ୍ରମିକମାନଙ୍କୁ କାର୍ଯ୍ୟ କରିଥିବା ୨ମାସର ଦରମା ମଧ ଦିଆଯାଇ ନଥିଲା। ଫଳରେ ଅର୍ଥାଭାବରୁ ସେମାନେ ଫେରି ନପାରି ସେଠାରେ ଅଟକି ରହିଛନ୍ତି। ପାଖରେ ଟଙ୍କା ନ ଥିବାରୁ ଭୋକ ଉପାସରେ ରହିଛନ୍ତି। ଏହି ପରିସ୍ଥିତିରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ସୋସିଆଲ ମିଡିଆରେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାତିଯାକ ଅନିଦ୍ରା**
**ମୁଗୁରା ପଛ ମେଲା ।**

ମୁଗୁରା ପଛପଟ ଠିକ୍ ଭାବରେ ବନ୍ଧା ହୋଇ ନ ଥିଲେ ବା କଣା ଥିଲେ କି ଖୋଲାଥିଲେ ମାଛ ସେଇବାଟେ ଖସି ଯାଇଥାଏ। ଦି'ପଟ ଆଡିବନ୍ଧ ଯେତେ ଟାଣ କଲେ ବା ଚାରିପଟ ଘଳିଆ ଯେତେ ମାରିଲେ ବି ଲାଭ କିଛି ମିଳି ପାରି ନ ଥାଏ। କୌଣସି କାମ କରିବା ପୂର୍ବରୁ ସବୁ ପ୍ରକାର ସତର୍କତା ଅବଲମ୍ବନ ନ କଲେ ସମସ୍ତ ଶ୍ରମ ଅଚିରେ ପଣ୍ଡ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ରଜାପୁଅ ଗଧ ବାଛିଲେ ଭଲ**
**ବଜାରେ ନୁହନ୍ତି ଘୋଡ଼ା ତା ତୁଲ।**

ରଜା ପୁଅ, ତାଙ୍କ କଥାରେ କଥା କହିବାକୁ ସାହସ ନ ଥାଏ। ସେ ଯଦି ଗଧକୁ ଭଲ ବୋଲି ବାଛନ୍ତି ତା'ହେଲେ ଗଧ ହିଁ ଭଲ ବା ଶ୍ରେଷ୍ଠ ବୋଲି ସର୍ବମାନ୍ୟ ହୋଇଥାଏ। ସାଧାରଣତଃ ବଡ଼ଲୋକମାନେ ନିଜ ଧନ, ମାନ ତଥା ପ୍ରତିଷ୍ଠା ବଳରେ ନିଜକୁ ବଡ଼ଲୋକ ବୋଲାଉଥିବା ବେଳେ ତାଙ୍କ କଥା ବେଦବାକ୍ୟ ପରି ସତ୍ୟ ବୋଲି ପ୍ରତୀୟମାନ ହୋଇଥାଏ। ଫଳସ୍ୱରୂପ ସେ ଯାହା କହିଲେ ବି ତାଙ୍କୁ ଉତ୍ତର ଦିଆଯାଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



“ମେଗା ବ୍ୟାଙ୍କ ମିଶ୍ରଣ ନେଇ କାର୍ଯ୍ୟକ୍ରମ ଜାରି ରହିଛି। ଏହା ଏପ୍ରିଲ ୧ ଠାରୁ କାର୍ଯ୍ୟକାରୀ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି।

– ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



“କୋଭିଡ ୧୯– ଲକ୍‌ଡାଉନ ଲାଗି ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ଆଗାମୀ ୨ ତ୍ରୈମାସରେ ଦେଶର ଜିଡିପି ବିକାଶ ହାର ୩% ଟପିବ ନାହିଁ।

–ପ୍ରଣବ ସେନ୍, ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍

# ପିଡିଏସ୍‌ରେ ମିଳିବ ଅତିରିକ୍ତ ୫ କିଲୋ ଖାଦ୍ୟଶସ୍ୟ

ନୂଆଦିଲ୍ଲୀ,୨୬।୩



ଲକ୍‌ଡାଉନ ସମୟରେ ଦେଶର ୮୦ କୋଟି ରାଶନକାର୍ଡଧାରୀ ଯେଭଳି କେହି ଭୋକିଲା ନ ରୁହନ୍ତି ତାକୁ ଧ୍ୟାନରେ ରଖି ସରକାର ଗୁରୁବାର ଅତିରିକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଣ ପିଛା ଅତିରିକ୍ତ ୫ କିଲୋ ଖାଦ୍ୟଶସ୍ୟ ଏବଂ ପରିବାର ପିଛା ଏକ କିଲୋ ଡାଲି ଆଗାମୀ ୩ ମାସ ଯାଏ ପ୍ରଦାନ କରାଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ହିତାଧିକାରୀ ଏବେ ଯେତେ ପରିମାଣର ସବ୍‌ସିଡି ଖାଦ୍ୟଶସ୍ୟ ଲାଭ କରୁଛନ୍ତି ତାଠାରୁ ଅତିରିକ୍ତ ଭାବେ ଲୋକଙ୍କୁ ସାମଗ୍ରୀ ପ୍ରଦାନ କରାଯିବ। ଏବେ ଲୋକମାନେ ସବସିଡି ଦରରେ କିଲୋ ପିଛା ୨ ଟଙ୍କା ଦାମରେ ଗହମ ଏବଂ କିଲୋ ପ୍ରତି ୩ ଟଙ୍କାରେ ଚାଉଳ ପାଇ ପାରୁଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଲୋକଙ୍କୁ ଏହି ସୁବିଧା ସୁଯୋଗ ପ୍ରଦାନ କରାଯିବ। ଦେଶର ୮୦ କୋଟି ଗରିବ ଲୋକଙ୍କୁ ଆଗାମୀ ୩ ମାସ ଯାଏ ଅତିରିକ୍ତ ୫ କିଲୋ ଖାଦ୍ୟଶସ୍ୟ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମରେ ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଲୋକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ଡାଲି ଚୟନ କରିପାରିବେ। ୨ଟି କିସ୍ତିରେ ରାଶନକାର୍ଡଧାରୀମାନେ ଏହି ଖାଦ୍ୟଶସ୍ୟ ନେଇ ପାରିବେ। ସରକାରୀ ତଥ୍ୟ ମୁତାବକ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ନିକଟରେ ୫୮.୪୯ ଲକ୍ଷ ଟନର ଖାଦ୍ୟ ଶସ୍ୟ ରହିଛି। ଏହା ମଧ୍ୟରେ ୩୦.୯୭ ଲକ୍ଷ ଟନ୍ ଚାଉଳ ରହିଥିବା ବେଳେ ୨୭.୫୨ ଲକ୍ଷ ଟନ୍ ଗହମ ରହିଛି।

କରୋନା ପ୍ରଭାବକୁ କମ୍ କରିବା ଲାଗି ସାରା ଦେଶରେ ଏବେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହା ଦ୍ୱାରା ଦେଶର ବିଭିନ୍ନବର୍ଗ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶେଷ କରି ଗରିବ ଲୋକଙ୍କ ସହାୟତା କରିବା ଲାଗି ସରକାର ଗୁରୁବାର ୧.୭ ଲକ୍ଷ କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି। ଲକ୍‌ଡାଉନ ପରଠାରୁ କଟକଣା ବଢାଯାଇଛି। ଗରିବ ଲୋକ ଏବଂ ଶ୍ରମିକ ଶ୍ରେଣୀ ଯେଭଳି ଅସୁବିଧା ସାମ୍ନା ନ କରନ୍ତି ତାକୁ ଧ୍ୟାନରେ ରଖି ସରକାର ପ୍ୟାକେଜ ଘୋଷଣା କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ଘୋଷଣା ହୋଇଥିବା ୨୧ ଦିନିଆ ଲକ୍‌ଡାଉନ ସମୟରେ ଯେଭଳି କେହି ଭୋକିଲା ନ ରହି ଯାନ୍ତି ତାକୁ ସରକାର ଧ୍ୟାନରେ ରଖିଛନ୍ତି। ଖାଦ୍ୟ ଏବଂ ଅର୍ଥ ଯେଭଳି ଲୋକଙ୍କ ନିକଟରେ ପହଞ୍ଚିବ ତାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ସରକାର ଅନ୍ୟ ଦିଗଗୁଡିକୁ ମଧ୍ୟ ଧ୍ୟାନରେ ରଖିଛନ୍ତି ବୋଲି ସୀତାରାମନ କହିଛନ୍ତି।

# ବନ୍ଦ ହୋଇପାରେ ବ୍ୟାଙ୍କ ସେବା

**ନୂଆଦିଲ୍ଲୀ,୨୬।୩:** କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ଏବେ ସାରା ଦେଶରେ କଟକଣା ଲାଗୁ କରୁଛନ୍ତି। ଏହି ସମୟରେ କିଛି ବଛାବଛା ବ୍ୟାଙ୍କ ଶାଖା ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରୁଛି। ଅତି ଆବଶ୍ୟକ ନ ହେଲେ ବ୍ୟାଙ୍କ ନ ଆସିବାକୁ ଲୋକଙ୍କୁ କୁହାଯାଇଛି। ଅନ୍‌ଲାଇନ କାରବାର ଉପରେ ଫୋକସ କରିବାକୁ ଲୋକଙ୍କୁ ପରାମର୍ଶ ରହିଛି। ସାରା ଦେଶରେ କାମ କରୁଥିବା ବ୍ୟାଙ୍କ କର୍ମଚାରୀମାନେ କରୋନା ଭୂତାଣୁ ସଂକ୍ରମଣର ଶିକାର ହେବା ନେଇ ଆଶଙ୍କା ରହିଛି। ବର୍ତ୍ତମାନ ବ୍ୟାଙ୍କ ଶାଖାଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଏବଂ ପ୍ରମୁଖ ବ୍ୟାଙ୍କଗୁଡିକ ବିଚାର କରୁଥିବା ପ୍ରକ୍ରିୟା ସହ ଜଡିତ ୪ଜଣ ଉଚ୍ଚ ଅଧିକାରୀ କହିଛନ୍ତି।

ଦେଶର ଅଧିକାଂଶ ଲୋକ ଏବେ ମଧ୍ୟ ନଗଦ ଉପରେ ନିର୍ଭର କରୁଛନ୍ତି। ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ କରାଯାଇଥିବା ବେଳେ ବ୍ୟାଙ୍କ ଜରୁରୀ ସେବା ମଧ୍ୟ ଥିବାରୁ ଶାଖାଗୁଡିକୁ ବନ୍ଦ କରାଯାଇନାହିଁ। ପ୍ରମୁଖ ସହରଗୁଡିକରେ କେବଳ ୫ କିମି ମଧ୍ୟରେ ଗୋଟିଏ ବ୍ୟାଙ୍କ ଶାଖା ଖୋଲା ରଖିବା ନେଇ ମଧ୍ୟ ବିଚାର କରାଯାଉଛି। ଏ ନେଇ ସରକାର ଏବେ ଯାଏ ବିଧିବଦ୍ଧ ଭାବେ କିଛି ସ୍ପଷ୍ଟ କରି ନ ଥିବା ଅଧିକାରୀ କହିଛନ୍ତି। ଦେଶର ୭୦% ଲୋକ ନଗଦ ଉପରେ ନିର୍ଭର କରୁଛନ୍ତି। ଅତି ଜରୁରୀ ସେବା ପାଇଁ ନିର୍ଦ୍ଦିଷ୍ଟ ଦିନ ଏବଂ କର୍ମଚାରୀଙ୍କୁ କମ୍ ରଖିବା ନେଇ ମଧ୍ୟ ବିଚାର କରାଯାଉଥିବା ଅନ୍ୟ ଜଣେ ଅଧିକାରୀ କହିଛନ୍ତି। ଗ୍ରାମାଞ୍ଚଳର ଲୋକମାନେ ଡିଜିଟାଲ ନେଣଦେଣ ସହିତ ସକ୍ରିୟ ଭାବେ ଜଡିତ ନ ଥିବା ଯୋଗୁ ଏନେଇ ଗାଇଡଲାଇନ ଆସିପାରେ ବୋଲି ଶୁଣାଯାଉଛି। ସରକାର ଏହି ସମୟରେ ବ୍ୟାଙ୍କ ଖାତାରେ ସିଧାସଳଖ ଅର୍ଥ ପ୍ରଦାନ କରିବାକୁ ଥିବା ବେଳେ ଏ ନେଇ ଶାଖାରେ ଭିଡ ଲାଗିବ। ଏଭଳି ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ବ୍ୟାଙ୍କଗୁଡିକ ସେମାନଙ୍କ ସ୍ତରରେ ପ୍ରସ୍ତୁତି କରୁଥିବା କୁହାଯାଇଛି।

**କରୋନା ପ୍ରଭାବ**




# ପିଏମ୍-କିଷାନରେ ୮ କୋଟି କୃଷକଙ୍କୁ ଆର୍ଥିକ ସହାୟତା

**ନୂଆଦିଲ୍ଲୀ,୨୬।୩:** ଲକ୍‌ଡାଉନରେ ପ୍ରଭାବିତ କୃଷକଙ୍କୁ ସହାୟତା କରିବା ଲାଗି ସରକାର ଗୁରୁବାର ପଦକ୍ଷେପ ଘୋଷଣା କରିଛନ୍ତି। ଏପ୍ରିଲ ପ୍ରଥମ ସପ୍ତାହରେ ଦେଶର ୮.୬୯ କୋଟି କୃଷକଙ୍କୁ ସରକାର ୨୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବେ। ପିଏମ୍ କିଷାନରେ କୃଷକଙ୍କୁ ଏବେ ବର୍ଷକୁ ୬୦୦୦ ଟଙ୍କା ପ୍ରଦାନ କରାଯାଉଛି। ଏହାର ପ୍ରଥମ କିସ୍ତି କୃଷକଙ୍କୁ ପ୍ରଦାନ କରିବା ନେଇ ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ସମ୍ମାନନିଧି ଯୋଜନା ଅନ୍ତର୍ଗତ ଏହି ଅର୍ଥ ରାଶି ସରକାର ପ୍ରଦାନ କରୁଛନ୍ତି। ୩ଟି ସମାନ କିସ୍ତିରେ କୃଷକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଏହି ରାଶି ପ୍ରଦାନ କରାଯାଉଛି। କୃଷକଙ୍କ ଲାଗି ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ ବ୍ୟବସ୍ଥା ଅନ୍ତର୍ଗତ ଏହାର ଏକ ତୃତୀୟାଂଶ ଅର୍ଥକୁ ଅଗ୍ରୀମ ପ୍ରଦାନ ବ୍ୟବସ୍ଥା ସରକାର ହାତକୁ ନେଇଛନ୍ତି। ଏପ୍ରିଲ ପ୍ରଥମ ସପ୍ତାହରେ ୮.୬୯ କୋଟି କୃଷକଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସୀତାରାମନ କହିଛନ୍ତି।



## ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମିଳିବ ୩ ମାଗଣା ସିଲିଣ୍ଡର

**ନୂଆଦିଲ୍ଲୀ,୨୬।୩:** ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଏପ୍ରିଲ ମାସଠାରୁ ଜୁନ ଯାଏ ୩ ମାଗଣା ସିଲିଣ୍ଡର ଉପଲବ୍ଧ ହେବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ଗୁରୁବାର ସ୍ପଷ୍ଟ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ରାଜକୋଷକୁ ୧୩ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ। କରୋନା ଭାଇରସ ବ୍ୟାପିବା ଯୋଗୁ ଏବେ ସାରା ଦେଶକୁ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟରେ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ସରକାର ଏଭଳି ପଦକ୍ଷେପ ହାତକୁ ନେଇଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଏଭଳି ପଦକ୍ଷେପ ଲୋକଙ୍କ ଲାଗି ମଙ୍ଗଳକାରୀ ହୋଇପାରିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଗ୍ରାମୀଣ,ସହରାଞ୍ଚଳ ଗରିବ, କୃଷକ, ସ୍ୱାସ୍ଥ୍ୟ କର୍ମୀ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଧ୍ୟାନରେ ରଖି ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ୨୦୧୬ରେ ଆସିଥିବା ଉଜ୍ଜ୍ୱଳା ଯୋଜନାରେ ସରକାର ୮ କୋଟି ହିତାଧିକାରୀଙ୍କୁ ଏଲପିଜି ବଣ୍ଟନ କରୁଛନ୍ତି।

## କର୍ମଚାରୀ ଭବିଷ୍ୟନିଧି ଯୋଗଦାନ ଦେବେ ସରକାର

**ନୂଆଦିଲ୍ଲୀ,୨୬।୩:** ବର୍ତ୍ତମାନ ସମୟରେ ସରକାର କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିରେ ଆଗାମୀ ୩ ମାସ ଲାଗି ଦେୟର ଯୋଗଦାନ ଦେବେ। ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଯୋଗଦାନ ସରକାର ରଖିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହା ଦ୍ୱାରା ସଙ୍ଗଠିତ କ୍ଷେତ୍ରର ୪.୮ କୋଟି କର୍ମଚାରୀ ଲାଭବାନ ହୋଇପାରିବେ। ବର୍ତ୍ତମାନର ଜଟିଳ ସମୟରେ କର୍ମଚାରୀ ଭବିଷ୍ୟନିଧି ଯୋଗଦାନ ଯେଭଳି ନ ରହିଯାଏ ତାକୁ ଧ୍ୟାନରେ ରଖି ସରକାର ପଦକ୍ଷେପ ନେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

**OFFICE OF THE**
**CHIEF DISTRICT MEDICAL AND PUBLIC HEALTH OFFICER, BALASORE**

Advertisement No.: 5291 Date: 25.03.2020

**WALK-IN-INTERVIEW**

Walk-in-Interview for filling up following contractual post on daily wages basis under CDM&PHO, Balasore.

| Sl. No. | Name of the Post | No. of Post | Remuneration | | Date of Walk-in-Interview | Place |
|---|---|---|---|---|---|---|
| | | | As per Labour & ESI Deptt. | COVID-19 Incentives | | |
| 1 | Staff Nurse | 24 Nos. | @ Rs.388/- Per Day | @ Rs.612/- Per Day | 30.03.2020 | Office of the CDM&PHO/ DTU, Balasore |
| 2 | Pharmacist | 12 Nos. | @ Rs.388/- Per Day | @ Rs.612/- Per Day | 30.03.2020 | |
| 3 | Lab Technician | 14 Nos. | @ Rs.388/- Per Day | @ Rs.612/- Per Day | 31.03.2020 | |
| 4 | Radiographer | 8 Nos. | @ Rs.448/- Per Day | @ Rs.552/- Per Day | 31.03.2020 | |
| 5 | MPHW(F) | 116 Nos. | @ Rs.388/- Per Day | @ Rs.462/- Per Day | 01.04.2020 | |
| 6 | MPHW(M) | 140 Nos. | @ Rs.388/- Per Day | @ Rs.462/- Per Day | 02.04.2020 | |

For more details visit the Dist. webiste i.e. **www.baleswar.nic.in.**

**Sd./- Dr. Banerji Prasad Chhotray**
**Chief District Medical & Public Health Officer, Balasore**

# ନିବେଶକଙ୍କ ୧୧.୧୨ ଲକ୍ଷ କୋଟି ଲାଭ

ନୂଆଦିଲ୍ଲୀ,୨୬।୩



ଗତ ୩ ଦିନ ଧରି ଦେଶର ପୁଞ୍ଜି ବଜାର କାରବାର ଉନ୍ନତ ରହିବା ଯୋଗୁ ଏହି ସମୟରେ ନିବେଶକଙ୍କୁ ୧୧.୧୨ ଲକ୍ଷ କୋଟି ଟଙ୍କାର ଲାଭ ହୋଇଛି। ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର କାରବାର ୧୪୧୦.୯୯ ପଏଣ୍ଟ ବା ୪.୯୪% ଉଚ୍ଚରେ ରହି ୨୯,୯୪୬.୭୭ ପଏଣ୍ଟରେ ବନ୍ଦ ହୋଇଥିଲା। ଗତ ୩ ଦିନରେ ସୂଚକାଙ୍କ ୩୯୬୫.୫୩ ପଏଣ୍ଟ ବଢିଛି। ଉକ୍ତ ସମୟ ମଧ୍ୟରେ ବିଏସ୍ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୧୧.୧୨ ଲକ୍ଷ କୋଟି ଟଙ୍କା ଛୁଇଁଥିବା ଷ୍ଟକ ବଜାର ଡିପୋଜିଟୋରୀ ଡାଟାରୁ ସାମ୍ନାକୁ ଆସିଛି। ସରକାର ଘୋଷଣା କରିଥିବା ୧.୭୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ବଜାର ଉପରେ ସକାରାତ୍ମକ ପ୍ରଭାବ ପକାଇଥିବା ବିଶେଷଜ୍ଞମାନେ କହିଛନ୍ତି। ଏହି ସମୟରେ ଇଣ୍ଡସ୍ଇଣ୍ଡ ବ୍ୟାଙ୍କର ଶେୟାର କାରବାରରେ ପ୍ରାୟ ୪୫.୦୭% ବୃଦ୍ଧି ଘଟିଛି। ଏହବାଦ ଭାରତୀ ଏୟାରଟେଲ, ଲାର୍ସନ ଆଣ୍ଡ ଟୁବ୍ରୋ, ବଜାଜ ଫାଇନାନ୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ବଜାଜ ଅଟୋର ଶେୟାର ଉନ୍ନତ ସ୍ଥିତିରେ ରହିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ୧୫୦୮ କମ୍ପାନୀର କାରବାର ଅତି ଭଲ ରହିଛି। ୭୬୯ କମ୍ପାନୀର କାରବାର ନିମ୍ନରେ ରହିଥିବା ବେଳେ ୧୭୨ଟିର କାରବାର ଅପରିବର୍ତ୍ତିତ ରହିଛି। ବିଏସ୍ଇର ମିଡ୍ କ୍ୟାପ ଏବଂ ସ୍ମଲ କ୍ୟାପ୍ ସୂଚୀ ଯଥାକ୍ରମେ ୩.୪୯% ଏବଂ ୩.୭୩% ବୃଦ୍ଧି ଘଟିଛି।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଓଏସ୍‌ବିସିଏଲ୍ ଦେଲା ୫ କୋଟି

ଭୁବନେଶ୍ୱର,୨୬।୩

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଣ୍ଠିକୁ ଓଡ଼ିଶା ଷ୍ଟେଟ ବେଭରେଜେସ କର୍ପୋରେଶନ ଲିମିଟେଡ(ଓଏସ୍‌ବିସିଏଲ୍)ପକ୍ଷରୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। କୋଭିଡ-୧୯ର ପ୍ରତିରୋଧ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଯୋଗଦାନ ରଖାଯାଇଥିବା କୁହାଯାଇଛି। ବାତ୍ୟା ଫନୀ ସମୟରେ ମଧ୍ୟ ଏହା ରିଲିଫ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରିଥିଲା। ଏହାବାଦ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଲାଭାଂଶ ବାବଦ ଏହା ୮.୯୯ କୋଟି ଟଙ୍କା ସରକାରଙ୍କୁ ପ୍ରଦାନ କରିଛି।

# ଫେସ୍‌ମାସ୍କର ମୂଲ୍ୟ ଉପରେ ଜୁନ ଯାଏ କଟକଣା

**ନୂଆଦିଲ୍ଲୀ,୨୬।୩:** ୩ ପ୍ଲାଏ ଫେସ୍‌ମାସ୍କର ମୂଲ୍ୟ ଉପରେ ସରକାର ସୀମା ନିର୍ଦ୍ଧାରଣ କରିଛନ୍ତି। ଏହି ମାସ୍କଗୁଡିକ ମେଲ୍ଟ ବ୍ଲାଉନ ନନ୍-ଓଭନ ଫ୍ୟାବ୍ରିକରେ ପ୍ରସ୍ତୁତ ହେଉଛି। ଏହାର ପ୍ରତି ମାସ୍କ ପିଛା ମୂଲ୍ୟ ଜୁନ ଶେଷ ଯାଏ ୧୬ ଟଙ୍କା ରହିବ ବୋଲି ଖାଉଟି ବ୍ୟାପାର ସଚିବ ପଓ୍ୱନ ଅଗ୍ରଓ୍ୱାଲ ସୂଚନା ଦେଇଛନ୍ତି। ୨୧ ମାର୍ଚ୍ଚରେ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ୨ ପ୍ଲାଏ ଏବଂ ୩ ପ୍ଲାଏ ସର୍ଜିକାଲ ମାସ୍କ ପିଛା ମୂଲ୍ୟ ଯଥାକ୍ରମେ ୮ ଟଙ୍କା ଏବଂ ୧୦ ଟଙ୍କା ନିର୍ଦ୍ଧାରଣ କରିଥିଲେ। ଫେବୃୟାରୀ ୧୨ର ଧାର୍ଯ୍ୟ ମୂଲ୍ୟ ମୁତାବକ ୩ ପ୍ଲାଏ ମେଲ୍ଟ ଡାଉନ ଫେସ୍ ମାସ୍କ ବିକ୍ରି ହେବ। ଏ ନେଇ ସରକାର ଫେସ୍‌ମାସ୍କ ମାନୁଫାକଚରଙ୍କ ସହ ଆଲୋଚନା କରିଛନ୍ତି। ମୂଲ୍ୟରେ ସ୍ୱଚ୍ଛତା ନ ରହିବା ଯୋଗୁ ଏହାକୁ ନେଇ ବିଭିନ୍ନ ଅସୁବିଧା ଉପୁଜିଥିବା ସରକାର ଜାଣିବାକୁ ପାଇଛନ୍ତି। ଏଣୁ ଏଭଳି ମାସ୍କ ଉପରେ ୧୬ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଅଗ୍ରଓ୍ୱାଲ ସୂଚନା ଦେଇଛନ୍ତି। ୨ ପ୍ଲାଏ ଏବଂ ୩ ପ୍ଲାଏ ସର୍ଜିକାଲ ମାସ୍କର ଖୁଚୁରା ମୂଲ୍ୟ ସମାନ ରହିବ। ଏହି ମୂଲ୍ୟ ଜୁନ ୩୦ ଯାଏ ବଳବତ୍ତର ରହିବ। ବର୍ତ୍ତମାନ ସାନିଟାଇଜର ଏବଂ ମାସ୍କ ଚାହିଦା ବଢିଥିବାରୁ ଯୋଗାଣ ଯେଭଳି ବାଧାପ୍ରାପ୍ତ ନ ହୁଏ ତାକୁ ବିଚାର କରାଯାଉଛି ବୋଲି ଅଗ୍ରଓ୍ୱାଲ କହିଛନ୍ତି।



## ସାନିଟାଇଜର ପ୍ରସ୍ତୁତି ଲାଗି ଅଧିକ କମ୍ପାନୀଙ୍କୁ ଅନୁମତି

କରୋନା ପାଇଁ ଏବେ ସାରା ଦେଶରେ ସାନିଟାଇଜର ଚାହିଦା ପ୍ରବଳମାତ୍ରାରେ ବୃଦ୍ଧି ଘଟିଛି। ଏବେ ଲକ୍‌ଡାଉନ ଚାଲିଥିବା ବେଳେ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ ଲାଭ କରିବାକୁ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ତାକୁ ସରକାର ବିଚାର କରୁଛନ୍ତି। ସାନିଟାଇଜର ଚାହିଦାକୁ ନଜରରେ ରଖି ୫୦୦ରୁ ଅଧିକ କମ୍ପାନୀ ଏବଂ ୧୦୦ ବିଶୋଧନାଗାରକୁ ଏହା ପ୍ରସ୍ତୁତ କରିବା ଲାଗି ସରକାର ଅନୁମତି ଦେଇଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS

FINANCE

**HINDUSTAN FINANCE LIMITED**
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ**
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

ଘରେ ବସି ସମସ୍ତ ପ୍ରକାର **ଋଣ** ପାଆନ୍ତୁ
**ମୁଦ୍ରା ଯୋଜନା**
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
**ଏକ୍ସା ଫାଇନାନ୍ସ**
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
୧% ସୁଧ ୫୦% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଆମେରିକା ଚଳଚ୍ଚିତ୍ର ଦୁନିଆର ଅଭିନେତ୍ରୀ ଲୌରା ବେଲ ବଣ୍ଡି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିଛି। ୩୮ ବର୍ଷୀୟା ଏହି ଅଭିନେତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ବୁଧବାର ସେ ତାଙ୍କ ଇନ୍ଷ୍ଟାଗ୍ରାମରେ ଏକ ଭିଡ଼ିଓ ଶେୟାର କରିବା ସହ କୋଭିଡ-୧୯ ପଜିଟିଭ ଥିବା କହିଛନ୍ତି। ସେ ତାଙ୍କ ଭିଡ଼ିଓରେ ପ୍ରଶଂସକଙ୍କୁ କହିଛନ୍ତି, ମୁଁ କରୋନାରେ ପୀଡ଼ିତା ହେଲେ ଏହାକୁ ନେଇ କେହି ବ୍ୟତିବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। କାରଣ ମୋର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ମୋ ଡାକ୍ତରଙ୍କ ପରାମର୍ଶ କ୍ରମରେ ମୁଁ ଖାଦ୍ୟ ଖାଇବା ସହ କିଛି କିଛି ପ୍ରାକୃତିକ ଚିକିତ୍ସା ମଧ୍ୟ କରୁଛି ବୋଲି ଲୌରା କହିଛନ୍ତି।

# ଠିକଣା ଦେଖିଲେ ଲାଗୁଛି ଡର



**କାନପୁର:** ଏବେ କରୋନା ଭାଇରସ୍ ପାଇଁ ସବୁଆଡେ ଭୟର ବାତାବରଣ। ପାଖ ପଡ଼ିଶା ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବମାନଙ୍କୁ ବି ଲୋକେ ଘରେ ପୁରାଇବାକୁ ରାଜି ହେଉନାହାନ୍ତି । ଏହି ଭାଇରସ୍ ସଂକ୍ରମଣରେ ଚାଇନା ପରେ ସବୁଠୁ ଅଧିକ ଲୋକ ମୃତ୍ୟୁବରଣ କଲେଣି ଇଟାଲିରେ। ଇଟାଲିର ଭୟଙ୍କର ସ୍ଥିତି ଏବେ ସମସ୍ତଙ୍କୁ ଛାନିଆ କରିଛି। ଏମିତି ଏକ ସମୟରେ ଯଦି ଇଟାଲିରୁ କାହା ପାଖକୁ କିଛି ଜିନିଷ ଆସେ ତାହେଲେ ପରିସ୍ଥିତି କ'ଣ ହେବ ଭାବି ପାରୁଛନ୍ତି... ଏମିତି ଏକ ଅସ୍ୱାଭାବିକ ପରିସ୍ଥିତି ଦେଖିବାକୁ ମିଳିଥିଲା ଉତ୍ତରପ୍ରଦେଶ କାନପୁରର ମାଲରୋଡ ଠାରେ ଥିବା କାନାଡ଼ା ବ୍ୟାଙ୍କ ଶାଖାରେ। ଏହି ବ୍ୟାଙ୍କକୁ ଗତ ମଙ୍ଗଳବାର ଦିନ ଏକ କୋରିଅର ଆସିଥିଲା। ବ୍ୟାଙ୍କ କର୍ମଚାରୀମାନେ ପ୍ରଥମେ କିଛି ନ ଦେଖି କୋରିଅର ରିସିଭ ତ କରି ଦେଇଥିଲେ, କିନ୍ତୁ କିଛି ସମୟ ପରେ ଯେତେବେଳେ କୋରିଅରରେ କର୍ମଚାରୀମାନେ ଠିକଣା ଦେଖିଥିଲେ ସେତେବେଳେ ହଠାତ୍ ଭୟରେ ଥରିବାକୁ ଲାଗିଥିଲେ। କାରଣ କୋରିଅରଟି ଆସିଥିଲା ଇଟାଲିରୁ। ଏକଥା ଜାଣିବା ପରେ ପୁରା ବ୍ୟାଙ୍କରେ ହଠାତ୍ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବ୍ୟାଙ୍କର କୌଣସି କର୍ମଚାରୀ କୋରିଅରଟିକୁ ଛୁଇଁବାକୁ ପ୍ରସ୍ତୁତ ନଥିଲେ। ବହୁ କଷ୍ଟରେ କୋରିଅରଟିକୁ ଏକ ବାକ୍ସ ଭିତରେ ଅଲଗା ସ୍ଥାନରେ ରଖାଯାଇଥିଲା। କୋରିଅରଟିକୁ ବାରମ୍ବାର ସାନିଟାଇଜ୍ କରିବା ସହ ୪୮ ଘଣ୍ଟା ପରେ ହିଁ ତାକୁ ଖୋଲାଯିବା ପାଇଁ ସ୍ଥିର କରାଯାଇଥିଲା।



# କରୋନା ଭୟ: ଜୋର୍‌ରେ ହସିବା ମନା

**ନୂଆଦିଲ୍ଲୀ:** କରୋନା ଭାଇରସ୍ ସଂକ୍ରମଣକୁ ନେଇ ଏବେ ସମସ୍ତେ ସତର୍କ। ସେଥିପାଇଁ ଏବେ ସମସ୍ତେ ସାନିଟାଇଜ୍ ସହ ସାମାଜିକ ଦୂରତା ଉପରେ ଜୋର ଦେଉଛନ୍ତି। କିନ୍ତୁ କରୋନା ସଂକ୍ରମଣ ବ୍ୟକ୍ତି ଜୋର୍‌ରେ ହସୁଥିବାବେଳେ ବି ରୋଗ ସଂକ୍ରମଣ ହେବାର ସମ୍ଭାବନା ରହିଛି। ଆଇସିଏମଆର୍ ଏବଂ ଏମ୍ସ ପକ୍ଷରୁ ଜାରି ହୋଇଥିବା ନୂଆ ଗାଇଡ୍ ଲାଇନ୍‌ରୁ ଏହା ଜଣାପଡ଼ିଛି। ବିଭିନ୍ନ ଅନୁସନ୍ଧାନରୁ ବି ଏହା ଜଣାପଡ଼ିଛି। ନୂଆ ଗାଇଡ୍ ଲାଇନ୍ ଅନୁସାରେ ଜୋର୍‌ରେ ହସିବା ସମୟରେ କରୋନା ଭାଇରସ୍ ଡ୍ରପଲେଟ୍ ମାଧ୍ୟମରେ ବାହାରକୁ ବାହାରିଥାଏ ଏବଂ ଆଖପାଖରେ ଥିବା ଲୋକଙ୍କୁ ସଂକ୍ରମିତ କରିଥାଏ। କିଛି ଦିନ ତଳେ ଚାଇନାର ବିଶେଷଜ୍ଞମାନେ ମତ ଦେଇଥିଲେ କି ସଂକ୍ରମିତ ବ୍ୟକ୍ତିର ମଳରେ ବି କରୋନା ଭାଇରସ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ। ପୂର୍ବ ଗାଇଡ୍ ଲାଇନ୍ ଅନୁସାରେ କାଶ, ଛିଙ୍କ ହେଲେ ରୁମାଲ ଦେଇ ଛିଙ୍କନ୍ତୁ। ଦେହରେ କିମ୍ବା ମୁହଁରେ ହାତ ଲଗାନ୍ତୁ ନାହିଁ। ତେଣୁ ଭଲଭାବେ ହାତ ଧୋଇବା ସହ ସାନିଟାଇଜ୍ ଉପରେ ଗୁରୁତ୍ୱ ଦେବା ଉଚିତ୍। ସେହିପରି ମଦ କିମ୍ବା ଧୂମ୍ରପାନ ବି କରିବା ଉଚିତ୍ ନୁହେଁ। କାରଣ ଏହା ଫଳରେ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବହୁତ କମି ଯାଇଥାଏ। ରକ୍ତଚାପ ରୋଗୀ ଖୁବ୍ କମ୍ ଲୁଣ ଖାଆନ୍ତୁ। ଏହିପରି ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥାକୁ ମାନିବା ଉଚିତ୍।

## କରୋନା ସାଜିଲା ବାଧକ

# ବିବାହ ସ୍ଥଗିତ ରଖିଲେ ଉପ ଜିଲାପାଳ

କରାନା ଭାଇରସ ସଂକ୍ରମଣକୁ ରୋକିବାକୁ ସରକାର ସାରା ଦେଶକୁ ୨୧ ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଫଳରେ ସାରା ଦେଶ ଏକ ପ୍ରକାର ଠପ୍ ହୋଇଯାଇଛି କହିଲେ ଚଳେ। ନିକଟରେ ଛତିଶଗଡ଼ ରାୟପୁରର ଉପ ଜିଲାପାଳ ଶୀତଲ ବଂଶଲ ଆଇଏଫ୍‌ଏସ୍ ଅଧିକାରୀ ଆୟୁଷଙ୍କୁ ବିବାହ କରିବାକୁ ଥିବା ବେଳେ ସେ ତାଙ୍କ ବିବାହ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଶୀତଲ କହିଛନ୍ତି ଯଦି ଆମେ ଏହି ସମୟରେ ବିବାହ କରିବୁ ତେବେ ଏହା ସମାଜକୁ ଭୁଲ ବାର୍ତ୍ତା ଦେବ। ତେଣୁ କରୋନା ସଂକ୍ରମଣକୁ ରୋକିବାକୁ କରାଯାଇଥିବା ଲକ୍‌ଡାଉନ୍‌କୁ ସମ୍ମାନ ଜଣାଇ ଆମେ ବିବାହ ସ୍ଥଗିତ ରଖିଛୁ ବୋଲି ଶୀତଲ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଅର୍ଥାତ୍ ମାର୍ଚ୍ଚ ୨୬ରେ ଏମାନଙ୍କ ବିବାହ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା।



# ଏନ୍‌ବିଟିର ଷ୍ଟେହୋମ୍ ଇଣ୍ଡିଆ ଉଇଥ୍ ବୁକ୍‌ସ ଟ୍ରେଣ୍ଡ

**ନୂଆଦିଲ୍ଲୀ:** ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରୁଥିବା କରୋନା ଭାଇରସ୍ ସଂକ୍ରମଣ ରୋକିବା ସକାଶେ ବିଭିନ୍ନ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ସହ ବହୁ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କେତେକ ସ୍କୁଲ ପାଠ୍ୟକ୍ରମ ଶେଷ କରିବା ସକାଶେ ଏକ୍ସଟ୍ରା କ୍ଲାସର ବ୍ୟବସ୍ଥା କରାଇଥିବା ବେଳେ ଅନେକ ସ୍କୁଲ କର୍ତ୍ତୃପକ୍ଷ ଏ ନେଇ କୌଣସି ବନ୍ଦୋବସ୍ତ କରିନାହାନ୍ତି। ତେବେ କ୍ୱାରାଣ୍ଟାଇନ୍ ସମୟ ଅତିବାହିତ କରିବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏଚ୍‌ଆର୍‌ଡି) ଓ ନ୍ୟାଶନାଲ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ପକ୍ଷରୁ ଏକ ନୂତନ ପ୍ରୟାସ ଆରମ୍ଭ କରାଯାଇଛି। ଏଚ୍‌ଆର୍‌ଡି ଓ ଏନ୍‌ବିଟି ପକ୍ଷରୁ ହାସ୍‌ଟ୍ୟାଗ୍ ଷ୍ଟେହୋମ୍ ଇଣ୍ଡିଆ ଉଇଥ୍ ବୁକ୍‌ସ ଟ୍ରେଣ୍ଡ ଆରମ୍ଭ ହୋଇଛି, ଯେଉଁଥିରେ ପିଲାମାନେ କେତେକ ସିଲେକ୍ଟେଡ୍ ଓ ବେଷ୍ଟ ସେଲିଂ ବହି ସାମିଲ କରାଯାଇଛି। କ୍ୱାରାଣ୍ଟାଇନରେ ରହିଥିବା ବେଳେ ସ୍କୁଲ ପିଲାମାନେ ଉକ୍ତ ବହିଗୁଡ଼ିକୁ ମାଗଣାରେ ଡାଉନ୍‌ଲୋଡ୍ କରି ପଢ଼ିପାରିବେ। ଏନ୍‌ବିଟି ୱେବ୍‌ସାଇଟ୍ (https://nbtindia.gov.in.)ରୁ ବିନା ଦେୟରେ ବହି ଡାଉନଲୋଡ୍ କରିହେବ। ଏହି ସାଇଟ୍‌ରେ ଓଡ଼ିଆ, ଇଂଲିଶ୍, ହିନ୍ଦୀ, ବଙ୍ଗଳା, ଅସମିୟା, ଗୁଜରାଟୀ, ମାଲାୟାଲମ, ମରାଠି, ମିଜୋ, ପଞ୍ଜାବୀ, ତାମିଲ, ଉର୍ଦ୍ଦୁ, କନ୍ନଡ ଆଦି ଭାଷାରେ ଲେଖାଯାଇଥିବା ବହି ଉପଲବ୍ଧ ହେବ।

nbt.india
एकः सूते सकलम्
राष्ट्रीय पुस्तक न्यास, भारत
मानव संसाधन विकास मंत्रालय, भारत सरकार
NATIONAL BOOK TRUST, INDIA
Ministry of Human Resource Development, Govt. of India



# ଇନ୍‌ଷ୍ଟାଗ୍ରାମରୁ ଫଟୋ ଡିଲିଟ୍ କଲେ କନିକା କପୁର


**ମୁମ୍ବାଇ:** ବଲିଉଡ୍ ଗାୟିକା କନିକା କପୁର କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଖବର ଶୁଣିବାକୁ ମିଳିଥିଲା। ସେ ଲଣ୍ଡନରୁ ଫେରି ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଏକଥା ନିଜେ କନିକା ଟ୍ୱିଟ୍ କରି ଫ୍ୟାନ୍‌ମାନଙ୍କୁ ଜଣାଇଥିଲେ। ଏବେ କନିକାଙ୍କୁ ନେଇ ପୁଣି ଚର୍ଚ୍ଚା ହେଉଛି। କାରଣ କନିକା ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଫଟୋଟିକୁ ଡିଲିଟ୍ଅ କରିଦେଇଛନ୍ତି। ଯେଉଁଥିରେ ସେ କରୋନା ପଜିଟିଭ୍ ସମ୍ପର୍କିତ ଖବର ଫ୍ୟାନ୍‌ମାନଙ୍କୁ ସୂଚନା ଦେଇଥିଲେ। ସେ ଏଥିରେ ଲେଖିଥିଲେ, ତାଙ୍କଠାରେ ଫ୍ଲୁ'ର ଲକ୍ଷଣ ଦେଖାଦେଇଥିଲା। ଏହାର ପରୀକ୍ଷା କରିବାରୁ ଜଣାପଡ଼ିଥିଲା ସେ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ମୁଁ ଠିକ୍ ଅଛି। ବ୍ୟସ୍ତ ହେଲେ ପରିସ୍ଥିତି ଆହୁରି ବିଗିଡ଼ିଯିବ ବୋଲି ଲେଖିଥିଲେ। କିନ୍ତୁ କନିକା ଏହି ଫଟୋଟିକୁ ଏବେ ଇନ୍‌ଷ୍ଟାଗ୍ରାମରୁ ହଟାଇ ଦେଇଛନ୍ତି। ତେବେ ସେ କାହିଁକି ଏମିତି କଲେ ସେ ସମ୍ପର୍କରେ କୌଣସି ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ।

# 'ଭାରତରେ ସଂକ୍ରମିତଙ୍କ ଦ୍ୱାରା ୪ ଲୋକଙ୍କୁ ସଂକ୍ରମଣ ହେବା ଆଶଙ୍କା'

**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ଯୋଗୁ ସାରା ଭାରତରେ ଲକ୍ ଡାଉନ୍ ଘୋଷଣା କରାଯାଇଛି। ସାମାଜିକ ଦୂରତା ପାଇଁ ଏଭଳି କରାଯାଇଛି। ଏହାଦ୍ୱାରା ସଂକ୍ରମଣର ଆଶଙ୍କା କମ୍ ରହିଥାଏ ବୋଲି ଭାରତୀୟ ମେଡିକାଲ ରିସର୍ଚ୍ଚ ପରିଷଦ(ଆଇସିଏମ୍‌ଆର୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଭାରତରେ ଜଣେ କରୋନା ସଂକ୍ରମିତଙ୍କ ଦ୍ୱାରା ୪ ସୁସ୍ଥ ଲୋକଙ୍କୁ ସଂକ୍ରମଣ ହେବା ଆଶଙ୍କା ରହିଥାଏ ବୋଲି ଏଥିରେ ପ୍ରକାଶ ପାଇଛି। ଏକ ସର୍ଭେ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ମ୍ୟାଥମେଟିକାଲ ମଡେଲିଂ ଅନ୍ତର୍ଗତ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଭାରତରେ ଫେବୃୟାରୀ ଶେଷ ସୁଦ୍ଧା ହୋଇଥିବା କରୋନା ସଂକ୍ରମଣ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ପ୍ରାଥମିକ ଷ୍ଟେଜ୍‌ରେ କରୋନା ସଂକ୍ରମିତ ଜଣେ ଭାରତୀୟଙ୍କଠାରୁ ହାରାହାରି ୧.୫ ଜଣ ଲୋକଙ୍କୁ ସଂକ୍ରମଣ ହୋଇଥାଏ। ତେବେ ସଙ୍କଟଜନକ ସ୍ଥିତିରେ ଜଣେ ସଂକ୍ରମିତଙ୍କ ଦ୍ୱାରା ୪ ସୁସ୍ଥ ଲୋକଙ୍କୁ ସଂକ୍ରମଣ ହେବାର ଆଶଙ୍କା ରହିଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ସଂକ୍ରମଣ କମ୍ ହେଲେ ଭୂତାଣୁ ସଂକ୍ରମଣର ଶେଷସ୍ତରରେ ପହଞ୍ଚିଥିବା ଆକଳନ କରାଯାଇଥାଏ। ସେହିପରି ନୂଆ ସଂକ୍ରମଣ ଘଟଣା ଘଟିଲେ କରୋନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଅପରିହାର୍ଯ୍ୟ ହୋଇପଡ଼ିଥାଏ। ତେବେ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଗଲେ ସଂକ୍ରମଣ ୬୨ରୁ ୮୯ ପ୍ରତିଶତ ପର୍ଯ୍ୟନ୍ତ କମିଯାଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।

आयुर्विज्ञान अनुसंधान परिषद भारतीय
INDIAN COUNCIL OF MEDICAL RESEARCH
NEW DELHI
नई दिल्ली
icmr
INDIAN COUNCIL OF MEDICAL RESEARCH
Serving the nation since 1911

# ଲକ୍‌ଡାଉନ୍‌ରେ ଘରୁ ବାହାରି ପୋଲିସଙ୍କଠାରୁ ମାଡ଼ ଖାଇଲେ ସୁନୀଲ ଗ୍ରୋଭର






**ମୁମ୍ବାଇ:** କରୋନା ଭାଇରସ ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ସରକାର ସାରା ଦେଶରେ ୨୧ ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ଲକ୍‌ଡାଉନ କର୍ଫ୍ୟୁ ସହ ସମାନ ବୋଲି ପ୍ରଧାନମନ୍ତ୍ରୀ କହିଥିବା ବେଳେ କେତେକ ଲୋକ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳିଛି। ଏହି ସମୟରେ ଘରେ ରହିବାକୁ ସମସ୍ତେ ବାଧ୍ୟ। ହେଲେ ଆବଶ୍ୟକତା ନ ଥାଇ ଯେଉଁମାନେ ଘର ବାହାରକୁ ଆସୁଛନ୍ତି ପୋଲିସ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଲକ୍‌ଡାଉନ ସମୟରେ ଲୋକଙ୍କ ପାଇଁ ସୋସିଆଲ ମିଡିଆ ଏବେ ଏକମାତ୍ର ସାହାରା ପାଲଟିଛି। ଲକ୍‌ଡାଉନ ସମୟରେ ସାଧାରଣ ଲୋକ ଓ ସେଲିବ୍ରିଟି ନିଜର ଭିନ୍ନ ଭିନ୍ନ ଭିଡିଓ ଓ ଫଟୋ ଶେୟାର କରୁଛନ୍ତି। ଇତିମଧ୍ୟରେ କମେଡିଆନ ସୁନୀଲ ଗ୍ରୋଭରଙ୍କ ଏକ ମିମ ଭାଇରାଲ ହେବାରେ ଲାଗିଛି। ସୁଲୀଲ ନିଜେ ଇନ୍ଷ୍ଟାଗ୍ରାମରେ ୨ଟି ମିମ୍ସ ଶେୟାର କରିଥିବା ବେଳେ କ୍ୟାପଶନ୍‌ରେ ଲେଖିଛନ୍ତି, ଭଗବାନଙ୍କ ପାଇଁ ଘରେ ରୁହନ୍ତୁ। କାରଣ ବାହାରକୁ ଆସିଲେ ପୋଲିସର ମାଡ ଖାଇବାକୁ ପଡ଼ିବ। ଶେୟାର ହୋଇଥିବା ଗୋଟିଏ ମିମ୍‌ରେ ସୁନୀଲ ଘରୁ ବାହାରୁଥିବା ବେଳେ ଅନ୍ୟଟିରେ ପୋଲିସ ତାଙ୍କୁ ମାଡ଼ ମାରୁଥିବା ଦେଖିବାକୁ ମିଳିଛି। ସୁନୀଲ ନିଜର ଏହି ୨ଟି ମିମ ଜରିଆରେ ଲୋକଙ୍କୁ ଘରେ ରହିବାକୁ ସଚେତନ କରିଛନ୍ତି। ଏହି ମିମ୍ସ ଏପର୍ଯ୍ୟନ୍ତ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ୟୁଜର୍ସ ଲାଇକ ଓ ଶେୟାର କରିସାରିଲେଣି। ଏହାପୂର୍ବରୁ କେତେକ ସେଲିବ୍ରିଟି ମଧ୍ୟ ଭିଡିଓ ଜରିଆରେ ପ୍ରଂଶସକଙ୍କୁ ଘରେ ରହିବାକୁ ନିବେଦନ କରିସାରିଛନ୍ତି।

# ଭେଣ୍ଟିଲେଟରର ବିକଳ୍ପ ଅଟୋମେଟିକ୍ ଏମ୍ବୁ ବ୍ୟାଗ୍

**ନୂଆଦିଲ୍ଲୀ:** କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ଗୁରୁତର କରୋନା ସଂକ୍ରମିତଙ୍କ ଲାଗି ଭେଣ୍ଟିଲେଟର ଗୁରୁତ୍ୱପୂର୍ଣ୍ଣ। ଏପରିସ୍ଥଳେ ଦେଶରେ ମାତ୍ର ୪୪ ହଜାର ଭେଣ୍ଟିଲେଟର ରହିଛି। କିନ୍ତୁ ଏହାର ଆବଶ୍ୟକତା ପୂରଣ ଲାଗି ଭାରତୀୟ ଡାକ୍ତର ରାଜୀବ ଚୌହ୍ୱାନ ଏକ ବିକଳ୍ପ ଭେଣ୍ଟିଲେଟର ତିଆରି କରିଛନ୍ତି। ଗୁରୁତର କରୋନା ସଂକ୍ରମିତଙ୍କ ପାଇଁ ଅଟୋମେଟିକ୍ ଏମ୍ବୁ ବ୍ୟାଗ୍ ତିଆରି କରିଛନ୍ତି। ଏହାର ଉପଯୋଗ ଦ୍ୱାରା ଗୁରୁତର କରୋନା ସଂକ୍ରମିତଙ୍କ କ୍ଷେତ୍ରରେ ନିଃଶ୍ୱାସପ୍ରଶ୍ୱାସ ନେବା ସହଜ ହୋଇଥାଏ। ଭେଣ୍ଟିଲେଟର ତୁଳନାରେ ଏହାର ଦାମ ମଧ୍ୟ ଯଥେଷ୍ଟ କମ୍ ରହିଛି। ଭେଣ୍ଟିଲେଟର ଦାମ ୧୦ରୁ ୧୨ ଲକ୍ଷ ଟଙ୍କା ଥିବାବେଳେ ଏହାର ପରିଚାଳନା ଲାଗି କର୍ମଚାରୀଙ୍କ ଆବଶ୍ୟକତା ମଧ୍ୟ ରହିଥାଏ। ଅପରପକ୍ଷରେ ଅଟୋମେଟିକ୍ ଏମ୍ବୁ ବ୍ୟାଗ୍‌ର ଦାମ ୧୫ରୁ ୧୭ ହଜାର ଟଙ୍କା ରହିଥିବାବେଳେ ଏହାକୁ ବ୍ୟବହାର କରିବା ସୁବିଧା ଜନକ। ୨୦୧୮ଠାରୁ ରାଜୀବ ଏହି ଅଟୋମେଟିକ୍ ଏମ୍ବୁ ବ୍ୟାଗ୍ ତିଆରି ଆରମ୍ଭ କରିଥିଲେ।



# ନୂଆ ଚାମ୍ପିୟନ

**ରଣଜୀ ଟ୍ରଫିରେ ଏଥର ସୌରାଷ୍ଟ୍ର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଫାଇନାଲରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବେଙ୍ଗଲକୁ ହରାଇ ସୌରାଷ୍ଟ୍ର ପ୍ରଥମଥର ପାଇଁ ଏହି ସଫଳତା ହାସଲ କରିଛି। ରାହୁଲ ଦଲାଲ ସର୍ବାଧିକ ରନ୍ ସଂଗ୍ରହ କରିଥିବା ବେଳେ ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ସର୍ବାଧିକ ଉଇକେଟ ହାସଲ କରିଛନ୍ତି...**



ନିର୍ମଳ କୁମାର ମିଶ୍ର

କରୋନା ଭାଇରସ୍ ସମଗ୍ର ବିଶ୍ୱରେ ତା'ର କାୟାବିସ୍ତାର କରି ଆତଙ୍କ ସୃଷ୍ଟି କରିଥିବା ବେଳେ କ୍ରୀଡା ଜଗତ ଉପରେ ଏହାର ମଧ୍ୟ ବ୍ୟାପକ ପ୍ରଭାବ ପଡିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ଘରୋଇ କ୍ରିକେଟର ସବୁଠାରୁ ସମ୍ମାନଜନକ ଟ୍ରଫି ହାସଲ ପାଇଁ ଚଳିତ ସିଜନରେ ପରସ୍ପରକୁ ଭେଟିଥିଲେ ସୌରାଷ୍ଟ୍ର ଏବଂ ବେଙ୍ଗଲ। ଘରୋଇ କ୍ରିକେଟର ଏହି ୮୬ତମ ସଂସ୍କରଣରେ ଅନେକ ନୂତନ ପ୍ରତିଭା ସାମନାକୁ ଆସିଥିବା ବେଳେ ନୂତନ ରେକର୍ଡ ସ୍ଥାପନ ସହିତ ଅନେକ ବିପର୍ଯ୍ୟୟ ମଧ୍ୟ ଦେଖିବାକୁ ମିଳିଛି। ସୌରାଷ୍ଟ୍ର ଏବଂ ବେଙ୍ଗଲ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଫାଇନାଲ ମ୍ୟାଚ ଖେଳାଯାଇଥିଲା। କ୍ରମାଗତ ଭାବେ ୨ବର୍ଷ ପାଇଁ ସୌରାଷ୍ଟ୍ର କ୍ରିକେଟ ଦଳ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ବେଙ୍ଗଲ ୮ଥର ଚାମ୍ପିୟନ କର୍ନାଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ସୌରାଷ୍ଟ୍ର ଏବଂ ଏଲିଟ୍ ଗ୍ରୁପ-ଏ ରେ ସ୍ଥାନ ପାଇଥିବା ବେଙ୍ଗଲ ଗ୍ରୁପ୍ ପର୍ଯ୍ୟାୟରେ ବେଶ୍ ଦମଦାର ଖେଳ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ଏଲିଟ୍ ଗ୍ରୁପ୍-ଏ ରେ ଗୁଜରାଟ ୮ଟି ମ୍ୟାଚରୁ ୫ଟି ବିଜୟ ଏବଂ ୩ଟି ଡ୍ର ସହିତ ମୋଟ ୩୫ ପଏଣ୍ଟ ସହ ବେଙ୍ଗଲ ଦଳ ୮ଟି ମ୍ୟାଚରୁ ୪ଟି ବିଜୟ, ୧ଟି ପରାଜୟ ଏବଂ ୩ଟି ଡ୍ର ସହ ୩୨ପଏଣ୍ଟ ହାସଲ କରିଥିଲା। ସେହିପରି ମୋଟ ୩୧ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଥିବା ବେଳେ ସୌରାଷ୍ଟ୍ର ଦଳ ୮ଟି ମ୍ୟାଚରୁ ୩ଟି ବିଜୟ ୪ଟି ଡ୍ର ଏବଂ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଶକ୍ତିଶାଳୀ ସୌରାଷ୍ଟ୍ର ଦଳ ଗତ ୮ଟି ସିଜିନ୍ ମଧ୍ୟରେ ୪ଥର ଫାଇନାଲରେ ପ୍ରବେଶ କରିବା ଦଳର ଶକ୍ତିର ପରିଚୟ ଦେଇଥିଲା।

ଡିସେମ୍ବର ୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ତାରିଖରେ ଶେଷ ହୋଇଥିବା ଚଳିତ ୮୬ତମ ସଂସ୍କରଣରେ ମୋଟ ୧୬୯ଟି ମ୍ୟାଚ ଖେଳାଯାଇଥିଲା। ୩୮ଟି ଦଳ ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୮୫ତମ ସଂସ୍କରଣରେ ସୌରାଷ୍ଟ୍ର ଦଳ ତା'ର ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ଫାଇନାଲରେ ବିଦର୍ଭ ଦଳ ଠାରୁ ହାରିଯାଇଥିଲା। ଗତ ସଂସ୍କରଣରେ ବିଦର୍ଭ ଦଳ ତାର ୨ୟ ଟାଇଟଲ ହାସଲ କରିଥିବା ବେଳେ ମିଲିନ୍ଦ କୁମାର ୧୩୩୧ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ ଏବଂ ଆଶୁତୋଷ ଅମନ ୬୮ଟି ଉଇକେଟ ନେବାକୁ ସକ୍ଷମ ହୋଇଥିଲେ।

ଏଥର ରଣଜୀ ଟ୍ରଫିରେ ଅନେକ ଗୁଡିଏ ଘରୋଇ ରେକର୍ଡ ସ୍ଥାପନ ହୋଇଥିବା ବେଳେ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ ମ୍ୟାଚରେ ମଧ୍ୟ ପ୍ରଦେଶର ବୋଲର ରବି ଯାଦବ ଉତ୍ତରପ୍ରଦେଶ ବିପକ୍ଷରେ ହାଟ୍ରିକ୍ ନେଇ ରେକର୍ଡ କରିଥିଲେ। ଚଣ୍ଡିଗଡ ନୂତନ ଦଳ ରୂପେ ରଣଜୀ ଟ୍ରଫି ଖେଳିଥିବା ବେଳେ ଚଣ୍ଡିଗଡ ଏବଂ ମଣିପୁର ମଧ୍ୟରେ ଖେଳାଯାଇଥିବା ପ୍ଲେଟ୍ ଗ୍ରୁପ ମ୍ୟାଚ ରଣଜୀ ଇତିହାସର ୬୦,୦୦୦ ତମ ମ୍ୟାଚ ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଚଳିତ ସଂସ୍କରଣରେ ପ୍ରତ୍ୟେକ ମ୍ୟାଚରେ ଉଇକେଟ ସିଲେକସନ୍ ଜଣେ ନିରପେକ୍ଷ କ୍ୟୁରେଟରଙ୍କ ହାତରେ ରହିଥିଲା। ବିସିସିଆଇର ନିଷ୍ପତ୍ତି କ୍ରମେ ପ୍ରଥମ ଥର ପାଇଁ ନକ୍ ଆଉଟ୍ ମ୍ୟାଚଗୁଡିକରେ ଅନ୍ତର୍ଜାତୀୟ ମ୍ୟାଚଗୁଡିକ ପରି ଆବଶ୍ୟକ ଡିଆରଏସ୍‌ର ବ୍ୟବସ୍ଥା ଲାଗୁ କରାଯାଇଥିଲା ଏବଂ ଏଥିରେ ହକ୍ ଆଇ ଏବଂ ଅଲଟ୍ରା ଏଜ୍‌ର ବ୍ୟବସ୍ଥା ରହି ନ ଥିଲା। ଚଳିତ ସଂସ୍କରଣରେ ଅନେକ ରଣଜୀ ଖେଳାଳି ସେମାନଙ୍କର ପୂର୍ବ ଦଳ ପରିବର୍ତ୍ତନ କରିଥିବାର ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ଷ୍ଟୁଆର୍ଟ ବିନ୍ନି, ଉନ୍ମୁକ୍ତ ଚାନ୍ଦ, ରବିନ୍ ଉଥାପ୍ପା, ଯଶପାଲ ସିଂ, ମିଲିନ୍ଦ କୁମାର, ଶ୍ରୀକାନ୍ତ ମୁଣ୍ଡେ, ଆର ବିନୟ କୁମାର ପରି ତାରକା ଖେଳାଳି।

ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ଜୟଦେବ ଉନାଡକଟ୍ ଚଳିତ ରଣଜୀ ଟ୍ରଫିରେ ସର୍ବାଧିକ ଉଇକେଟ୍ ୬୭ଟି ନେଇ କର୍ନାଟକର ପେସ୍ ବୋଲର ଡୋଡା ଗଣେଶଙ୍କ ଗୋଟିଏ ସିଜିନ୍‌ରେ ଥିବା ୬୨ଟି ଉଇକେଟ୍ ରେକର୍ଡକୁ ଦୀର୍ଘ ୨୧ବର୍ଷ ପରେ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ୨୦୧୯-୨୦ରେ ଅରୁଣାଚଳ ପ୍ରଦେଶର ରାହୁଲ ଦଲାଲ ସର୍ବାଧିକ ୧୩୪୦ ରନ୍ ସଂଗ୍ରହ କରିଛନ୍ତି। ମୁମ୍ବାଇ ବ୍ୟାଟସମ୍ୟାନ ସର୍ଫରାଜ ଖାନ୍ ମଧ୍ୟ ୯୦୦ ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରି ଚର୍ଚ୍ଚାରେ ରହିଛନ୍ତି। ମୁମ୍ବାଇ ଦଳର କ୍ରମାଗତ ବିଫଳତା ଉପରେ ସୁନୀଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର ଏବଂ ସଚିନ ତେନ୍ଦୁଲକର ନିଜର ମତାମତ ରଖିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଫ୍ରଣ୍ଟଲାଇନ୍ ପେସ ବୋଲରମାନଙ୍କ ଆଘାତ ସମସ୍ୟା ବ୍ୟାଟସମ୍ୟାନ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ମ୍ୟାଚଗୁଡିକରେ ବ୍ୟାଟିଂ ବିଫଳତା ଏବଂ ଉପଯୁକ୍ତ ଗେମପ୍ଲାନର ଅଭାବ ରଣଜୀ ବିଫଳତାର ଅନ୍ୟତମ କାରଣ।

ସିଦ୍ଧାର୍ଥ ଦେଶାଇ, ତୁଷାର ଦେଶପାଣ୍ଡେ, ବିଜୟ ଶଙ୍କର, ଶୁଭମ ଗିଲ, କରୁନ୍ ନାୟାରଙ୍କ ପରି ଖେଳାଳିମାନେ ନିଜ ନିଜ ଦଳ ପକ୍ଷରୁ ବେଶ ସଫଳତା ପାଇ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ଅପେକ୍ଷା କରିଥିବା ବେଳେ ଜଣେ ଭଲ ଅଫସ୍ପିନର ମିଳିବାର ସ୍ୱପ୍ନ ବିସିସିଆଇ ଏବଂ ଚୟନକର୍ତ୍ତାମାନଙ୍କ ପାଇଁ ଅଧୁରା ରହିଛି।

ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଫାଇନାଲ ମ୍ୟାଚର ପିଚ୍‌କୁ ନେଇ ବେଙ୍ଗଲ ଦଳର କୋଚ ଅରୁଣଲାଲ ନୈରାଶ୍ୟଜନକ ବୋଲି ମନ୍ତବ୍ୟ ଦେବା ଏବଂ ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଅଭିଯୋଗ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏପରି ସ୍ଲୋ ଏବଂ ଲୋ ପିଚ୍ ଯୋଗୁଁ ଖେଳାଳିମାନେ ତାଙ୍କର ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବା ସମ୍ଭବ ହେବନାହିଁ ବୋଲି ସେ କହିଛନ୍ତି। ୫ଦିନ ଧରି ଖେଳାଯିବାକୁ ଥିବା ଏହି ଫାଇନାଲ ମ୍ୟାଚ ପ୍ରଥମ ଦିନରୁ ଘଟଣା ବହୁଳ ରହିଥିଲା। ସୌରାଷ୍ଟ୍ର ତାର ପ୍ରଥମ ଇନିଂସ୍‌ରେ ୪୨୫ ରନ୍ ସ୍କୋର କରିଥିବା ବେଳେ ପରବର୍ତ୍ତୀ ସମୟରେ ବେଙ୍ଗଲ ବ୍ୟାଟିଂ କରି ୩୮୧ରନ୍ ସଂଗ୍ରହ କରିଥିଲା। ସୌରାଷ୍ଟ୍ର ଦଳ ପକ୍ଷରୁ ପ୍ରଥମ ଇନିଂସ୍‌ରେ ୩ଟି ଅର୍ଦ୍ଧଶତକ ଅଭି ବାରୁଟ୍, ଭିଷଭରାଜ୍ ଜାଡେଜା ଏବଂ ଚେତେଶ୍ୱର ପୂଜାରାଙ୍କ ଦ୍ୱାରା ହୋଇଥିବା ବେଳେ ଦଳ ପକ୍ଷରୁ ଅର୍ପିତ ବାସବଦା ୧୦୬ ରନ୍‌ର ଏକ ସୁନ୍ଦର ଇନିଂସ ଖେଳିଥିଲେ। ବେଙ୍ଗଲ ପକ୍ଷରୁ ଏକମାତ୍ର ବୋଲର ରୂପେ ଆକାଶ ଦୀପ୍ ୪ଟି ଉଇକେଟ ନେଇଥିଲେ। ପରେ ବ୍ୟାଟିଂ କରି ବେଙ୍ଗଲ ଏହି ରୋମାଞ୍ଚକର ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ ମଧ୍ୟ ଦଳର ସମସ୍ତ ଖେଳାଳି ୩୮୧ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲେ। ପ୍ରଥମ ଇନିଙ୍ଗସ୍‌ର ଅଗ୍ରଣୀ ଆଧାରକୁ ଭିତ୍ତି କରି ସୌରାଷ୍ଟ୍ର ପ୍ରଥମ ଥର ପାଇଁ ରଣଜୀ ଇତିହାସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ବେଙ୍ଗଲ ପକ୍ଷରୁ ଅଭିଜ୍ଞ ଜାତୀୟ ଦଳର ଉଇକେଟ କିପର ରିଦ୍ଧିମାନ ସାହ ଏବଂ ସୁଦୀପ ଚାଟାର୍ଜୀ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ପ୍ରଥମ ଇନିଂସରେ ଦଳକୁ ଲିଡ୍ ଦେବାରେ ସକ୍ଷମ ହୋଇନଥିଲେ। ଏଥର ଓଡ଼ିଶା ମଧ୍ୟ ଭଲ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିବାରୁ ଓଡ଼ିଶାର ସମସ୍ତ ବର୍ଗର ଯୁବ କ୍ରିକେଟ୍ ଖେଳାଳିମାନଙ୍କ ଉପରେ ଏହାର ଅନୁକୂଳ ପ୍ରଭାବ ପଡିବା ବାସ୍ତବିକ ଖୁସିର କଥା।



ଟ୍ରଫି ସହ ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ

### ସଂସ୍କରଣ: ୮୬ତମ

**ତାରିଖ:** ୯ ଡିସେମ୍ବରରୁ ୧୩ ମାର୍ଚ୍ଚ
**ଚାମ୍ପିୟନ:** ସୌରାଷ୍ଟ୍ର (ପ୍ରଥମ ଟାଇଟଲ)
**ରନର୍ସଅପ:** ବେଙ୍ଗଲ
**ମ୍ୟାଚ୍ ସଂଖ୍ୟା:** ୧୬୯
**ଦଳ ସଂଖ୍ୟା:** ୩୮
**ସର୍ବାଧିକ ରନ:** ରାହୁଲ ଦଲାଲ(୧.୩୪୦ ରନ)
**ସର୍ବାଧିକ ଉଇକେଟ:** ଜୟଦେବ ଉନାଡକଟ(୬୭)
**ପ୍ଲେୟାର ଅଫ୍ ଦି ଫାଇନାଲ:** ଅର୍ପିତ ବାସବଦା

# ଅଲ୍‌ବିଦା ଜାଫର

**ଡେମୋଷ୍ଟିକ୍ ହେଭିୱେଟ୍ କୁହାଯାଉଥିବା ୱାସିମ ଜାଫର କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ରଣଜୀ ଟ୍ରଫିରେ ଜାଫରଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ସାବ୍ୟସ୍ତ ହୋଇଛି। ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ୧୧,୦୦୦ ରନ ସଂଗ୍ରହ କରିବା ସହ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି...**



ରୁଦ୍ର ପ୍ରସନ୍ନ ରଥ

ଖେଳ ଦୁନିଆର ଆଉ ଏକ ବଡ ଖବର ଉପରେ ପରଦା ଉଠିଛି। ଦୀର୍ଘ ୨୭ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ଭାରତୀୟ ଘରୋଇ କ୍ରିକେଟ୍‌ର ମୁକୁଟ ବିହୀନ ସମ୍ରାଟ୍ କୁହାଯାଉଥିବା ୱାସିମ୍ ଜାଫର ଅବସର ଘୋଷଣା କରିଛନ୍ତି। ଏଇ ମାର୍ଚ୍ଚରେ ହିଁ ସେ ସମସ୍ତ ପ୍ରକାରର କ୍ରିକେଟକୁ ଅଲବିଦା କହିଛନ୍ତି। ରଣଜୀ ଟ୍ରଫିରେ ସର୍ବାଧିକ ମ୍ୟାଚ୍ ଖେଳି ସର୍ବାଧିକ ରନ କରିଥିବା ଏହି ଖେଳାଳି ଜଣକ ଯେଉଁ ଧରଣର ବିଦାୟ ଆଶା କରୁଥିଲେ ହୁଏ ତ କରୋନା ଭାଇରସ କାରଣରୁ ତାଙ୍କୁ ମିଳିପାରିନାହିଁ। ମାତ୍ର ଘରୋଇ କ୍ରିକେଟ୍‌କୁ ଜାଫରଙ୍କ ଅବଦାନ ଅତୁଳନୀୟ ବୋଲି କୁହାଯାଇପାରେ।

୧୬ ଫେବୃୟାରୀ ୧୯୭୮ରେ ୱାସିମ୍‌ଙ୍କର ମୁମ୍ବାଇରେ ଜନ୍ମ। ମାତ୍ର ୧୫ ବର୍ଷ ବୟସରୁ ସେ ସ୍କୁଲ କ୍ରିକେଟ ଖେଳ ଆରମ୍ଭ କରିଥିଲେ। ଆରମ୍ଭରୁ ବଡ ବଡ ସ୍କୋର କରିବାରେ ୱାସିମ୍ ଦକ୍ଷ ଥିଲେ। ସେ ୪୦୦ ରନର ଇଂନିସ୍ ସ୍କୁଲ କ୍ରିକେଟରେ ଖେଳି ପ୍ରଥମ ଶ୍ରେଣୀ କ୍ରିକେଟ୍‌କୁ ଓହ୍ଲାଇଥିଲେ । ନିଜର ଦ୍ୱିତୀୟ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ସେ ପାଇଥିଲେ ୩୧୪ ରନ । ଖେଳିଲାବେଳେ ତାଙ୍କ ଟେମ୍ପରାମେଣ୍ଟ ଏପରି ଥିଲା ଯେ ଲୋକ ବିଶ୍ୱାସ କରିପାରୁ ନ ଥିଲେ ଯେ ସେ ନିଜର ଦ୍ୱିତୀୟ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳୁଛନ୍ତି। ସମସ୍ତେ ତାଙ୍କ ଖେଳର ପ୍ରଶଂସା କରିଥିଲେ ଆଉ ସେ ଭାରତ ପାଇଁ ଖେଳିବାକୁ ଯାଉଛନ୍ତି ବୋଲି ଅନେକ ଆଶା ପ୍ରକାଶ କରିଥିଲେ।

ରଣଜୀରେ ପଦାର୍ପଣ କରି ସେ ନିଜ ଖେଳକୁ ଆଗେଇ ନେଲେ। ରଣଜୀ ଖେଳି ଜାତୀୟ ଦଳରେ ସ୍ଥାନ ପାଇବାକୁ ତାଙ୍କୁ ଲାଗିଗଲା ପାଖାପାଖି ୮ ବର୍ଷ। ୨୦୦୦ ମସିହାରେ ସେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନିଜର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ଆରମ୍ଭ କଲେ। ପ୍ରଥମ ୪ଟି ଇନିଂସରେ ସେ କରିଥିଲେ ମାତ୍ର ୪୬ ରନ୍। ଲାଗୁଥିଲା ୱାସିମ୍‌ଙ୍କ କ୍ୟାରିୟର ଏଇଠି ସରିଗଲା। କିନ୍ତୁ ଏହା ସତ ହୋଇ ନ ଥିଲା।

୨୦୦୦ ରୁ ୨୦୦୮ ମଧ୍ୟରେ ଜାଫର ଖେଳିଥିଲେ ମୋଟ୍ ୩୧ଟି ଟେଷ୍ଟ। ୫ଟି ଶତକ ଏବଂ ୧୧ଟି ଅର୍ଦ୍ଧଶତକ ମଧ୍ୟରେ ଦୁଇଟି ଦ୍ୱିଶତକ ବି ଥିଲା। ଏହି ଟେଷ୍ଟ ଶତକ ସବୁ ଆସିଥିଲା ପାକିସ୍ତାନ, ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ। ୨୦୦୬ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇଟି ଏକ ଦିବସୀୟ ଖେଳି ୧୦ ରନ୍ ବି କରିଥିଲେ। ଜାଫର ୮ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ମାତ୍ର ୩୧ଟି ଟେଷ୍ଟ ଏବଂ ୨ଟି ଏକଦିବସୀୟ ମ୍ୟାଚ୍ ତାଙ୍କର ଦକ୍ଷତାକୁ ନିଶ୍ଚିତ ରୂପେ ପ୍ରତିପାଦିତ କରେ ନାହିଁ। ତେବେ ୨୦୦୮ରୁ ୨୦୨୦ ଯାଏ ସେ ନିୟମିତ ଭାବେ ରଣଜୀରେ ସକ୍ରିୟ ରହି ଆସିଥିଲେ। ୧୯୯୬ରୁ ୨୦୧୫ ଯାଏ ସେ ଖେଳୁଥିଲେ ମୁମ୍ବାଇ ତରଫରୁ। ପୁଣି ୨୦୧୫ ପରେ ସେ ଖେଳିଲେ ବିଦର୍ଭ ତରଫରୁ। ରଣଜୀ ଟ୍ରଫିରେ ସେ କରିଛନ୍ତି ୧୨, ୦୩୮ ରନ ଆଉ ଏଥିରେ ସାମିଲ୍ ଅଛି ୪୦ଟି ଶତକ। ଏହି ରନ ମଧ୍ୟରୁ ମୁମ୍ବାଇ ପକ୍ଷରୁ ସେ ୧୩୦ଟି ମ୍ୟାଚ୍ ଖେଳି ୧୦,୫୮୫ ରନ କରିଥିଲେ। ରଣଜୀରେ ୧୦,୦୦୦ ରନ କରିବାରେ ସେ ପ୍ରଥମ ଏବଂ ଏକମାତ୍ର ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ପୁଣି ୨୦୦୮-୦୯ ବର୍ଷରେ ସେ ମୁମ୍ବାଇ ତରଫରୁ ଖେଳି ୧୨୬୦ ରନ ସ୍କୋର କରିଥିଲେ। ଏହା ଏବେବି ଗୋଟିଏ ବର୍ଷରେ ସଂଗ୍ରହ କରାଯାଇଥିବା ଶ୍ରେଷ୍ଠ ୧୦ ସର୍ବାଧିକ ରନ ଭାବେ ପରିଗଣିତ ହୁଏ। ପୁଣି ସେ ୧୫୬ଟି ରଣଜୀ ମ୍ୟାଚ୍ ଖେଳି ନିଜ ନାମରେ ସର୍ବାଧିକ ରଣଜୀ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ କରିଛନ୍ତି। ଏସବୁ ରେକର୍ଡ ମାନଙ୍କ ମଧ୍ୟରୁ ଅନେକ ଭାଙ୍ଗିବା ଅସମ୍ଭବ ମନେହୁଏ। ଜାଫର ନିଜ ଅନ୍ତର୍ଜାତୀୟ କ୍ୟାରିୟର ଅପେକ୍ଷା ରଣଜୀରେ ନିଜର ପ୍ରଭାବୀ ପ୍ରଦର୍ଶନ ଯୋଗୁଁ ଭାରତୀୟ କ୍ରୀଡାପ୍ରେମୀଙ୍କ ପାଖରେ ବେଶ୍ ମନେ ରହିବେ।

ତାଙ୍କୁ ଅନେକ ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ୍‌ଙ୍କ ସହ ତୁଳନା କରୁଥିଲେ। ୨୦୦୦ ରୁ ୨୦୦୮ ମଧ୍ୟରେ ଜାଫର ଟେଷ୍ଟରେ ସୁଯୋଗ ମିଳିବା ମାତ୍ରେ ପ୍ରଦର୍ଶନ ଦେଇଥିଲେ ସତ ହେଲେ ୨୦୦୮ରେ ଆଇପିଏଲ ଆସିଲା ପରେ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ବାଧାପ୍ରାପ୍ତ ହେଲା। ନିଜ କ୍ୟାରିୟରରେ ୱାସିମ ଯେଉଁ ସଫଳତା ପାଇଛନ୍ତି ତାହା ଅନ୍ୟମାନଙ୍କ ପାଇ ଦୃଷ୍ଟାନ୍ତମୂଳକ। ଆଗକୁ ୱାସିମ୍ କ୍ରିକେଟର ଅନ୍ୟାନ୍ୟ ଦିଗ ସହ ପରୋକ୍ଷରେ ଜଡିତ ରହିବେ ବୋଲି ଆଶା କରାଯାଏ।



ୱାସିମ୍ ଜାଫର

### ସଂକ୍ଷେପରେ...

**ପୂରା ନାମ:** ୱାସିମ ଜାଫର
**ଜନ୍ମ ସ୍ଥାନ:** ମୁମ୍ବାଇ
**ଜନ୍ମ:** ୧୬ ଫେବୃୟାରୀ ୧୯୭୮
**ବୟସ:** ୪୨
**ବ୍ୟାଟିଂ:** ଡାହାଣହାତୀ
**ଟେଷ୍ଟ ମ୍ୟାଚ୍:** ୩୧
**ଦିନିକିଆ ମ୍ୟାଚ୍:** ୨
**ରଣଜୀ ମ୍ୟାଚ୍:** ୧୫୦
**ରଣଜୀ ଶତକ:** ୪୦
**ପ୍ରଥମ ଶ୍ରେଣୀ ମ୍ୟାଚ୍:** ୨୫୬
**ପ୍ରଥମ ଶ୍ରେଣୀ ଶତକ:** ୫୭
**କୋଚ୍:** କିଙ୍ଗ୍ସ ଏକାଦଶ ପଞ୍ଜାବ
**ବ୍ୟାଟିଂ ପରାମର୍ଶଦାତା:** ବାଂଲାଦେଶ

# ଏକମାତ୍ର ବିଶ୍ୱକପ୍ ବିଜୟ

**୧୯୭୫ ହକି ବିଶ୍ୱକପ୍ ଫାଇନାଲରେ ଧ୍ୟାନଚାନ୍ଦଙ୍କ ପୁଅ ଅାଶୋକ କୁମାର ବିଜୟ ସୂଚକ ଗୋଲ ଦେଇ ପାକିସ୍ତାନ ବିପକ୍ଷରେ ଭାରତକୁ ବିଜୟୀ କରାଇଥିଲେ। ଏହା ଥିଲା ଭାରତ ପ୍ରଥମ ବିଶ୍ୱକପ୍ ଟାଇଟଲ । ପରେ ଅବଶ୍ୟ ଭାରତ ଦ୍ୱିତୀୟଥର ଏହି ଐତିହାସିକ ସଫଳତାକୁ ଦୋହରାଇପାରି ନାହିଁ...**

ହକି ଭାରତର ଜାତୀୟ କ୍ରୀଡ଼ା ବିବେଚିତ ହେଉଛି। ଭାରତ ଅଲିମ୍ପିକ୍ସରେ ହକିରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛି। ତେବେ ହକି ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ଭାରତ ଅଲିମ୍ପିକ୍ସରେ ୮ଥର ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ୍ ପଦକ ସହ ମୋଟ ୧୧ଟି ପଦକ ହାସଲ କରିଛି। କିନ୍ତୁ ଭାରତ ଥରେ ମାତ୍ର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଆଜିକୁ ୪୫ ବର୍ଷ ତଳେ ଭାରତକୁ ଏହି ଐତିହାସିକ ସଫଳତା ମିଳିଥିଲା। ଅଜିତ୍ ପାଲ ସିଂଙ୍କ ନେତୃତ୍ୱରେ ୧୯୭୫ରେ ମାଲେସିଆ ରାଜଧାନୀ କୁଆଲାଲମ୍ପୁରରେ ଅନୁଷ୍ଠିତ ତୃତୀୟ ସଂସ୍କରଣରେ ଭାରତ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଅବଶ୍ୟ ଏହାର ପୂର୍ବ ସଂସ୍କରଣରେ ଭାରତ ୧୯୭୩ରେ ଫାଇନାଲରେ ନେଦରଲାଣ୍ଡଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

ମାର୍ଚ୍ଚ ୧୫ ତାରିଖରେ ଖେଳାଯାଇ ଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ ଗୋଲରେ ହରାଇ ବାଜି ମାରିଥିଲା। ଦୁଇବର୍ଷ ତଳେ ଫାଇନାଲ ପରାଜୟର ଗ୍ଲାନିକୁ ଭୁଲାଇବା ପାଇଁ ଭାରତ ଫାଇନାଲରେ ପାକିସ୍ତାନକୁ ହରାଇବା ପାଇଁ ପୂରା ଯୋଜନା କରିଥିଲା ଓ ପ୍ରାଣମୂର୍ଚ୍ଛା ଲଢେଇ କରିଥିଲା। ଅବଶ୍ୟ ଭାରତ ଏଥିରେ ସଫଳ ହୋଇଥିଲା। ସାରା ଦେଶର କ୍ରୀଡ଼ାପ୍ରେମୀ ଏହି ମ୍ୟାଚ୍‌ର ବିବରଣୀ ଶୁଣିବା ପାଇଁ ରେଡିଓରେ କାନ ଦେଇଥିଲେ।

ଫାଇନାଲରେ ପାକିସ୍ତାନ ତରଫରୁ ମହମ୍ମଦ ଜାହିଦ ଶେଖ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ସୁରଜିତ୍ ସିଂ ରାନ୍ଧୱା ୪୪ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍ ୧-୧ ସମାନସ୍ତରକୁ ଆଣିଥିଲେ। ଏହା ପରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। କିନ୍ତୁ ୫୧ତମ ମିନିଟ୍‌ରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ସୁପୁତ୍ର ଅଶୋକ କୁମାର ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ କରିବାକୁ ପାକିସ୍ତାନ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ସେତେବେଳେ ପାକିସ୍ତାନ ଏକ ଶକ୍ତିଶାଳୀ ଦଳ ରୂପେ ବିବେଚିତ ହେଉଥିଲେ ମଧ୍ୟ ଭାରତ ଆଗରେ ହାରି ମାନିଥିଲା। ଶେଷରେ ଭାରତ ବିଜୟୀ ହୋଇ ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ପଶ୍ଚିମ ଜର୍ମାନୀ ୪-୦ ଗୋଲରେ ମାଲେସିଆକୁ ହରାଇଥିଲା। ଏହାପୂର୍ବରୁ ଭାରତ ସେମିଫାଇଲରେ ଆୟୋଜକ ମାଲେସିଆକୁ ୩-୨ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପଟେ ପାକିସ୍ତାନ ୫-୧ରେ ପଶ୍ଚିମ ଜର୍ମାନୀକୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା। ପାକିସ୍ତାନ ୧୯୭୧ରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ପ୍ରଥମଥର ପାଇଁ ବିଶ୍ୱକପ୍ ଜିତିଥିବାରୁ ଏହି ସଫଳତା ଭାରତ ପାଇଁ ବିଶେଷ ଭାବେ ଗୁରୁତ୍ୱବହନ କରୁଥିଲା।

ଧ୍ୟାନଚାନ୍ଦଙ୍କ ପୁଅ ହୋଇଥିବାରୁ ଅଶୋକ କୁମାରଙ୍କ ଉପରେ ଚାପ ରହିଥିଲା ଓ ଦର୍ଶକମାନେ ତାଙ୍କଠାରୁ ଅଧିକ କିଛି ଆଶା କରୁଥିଲେ। ଶେଷରେ ଅବଶ୍ୟ ସଫଳତା ହାସଲ କରିଥିଲେ। ଫାଇନାଲ ମ୍ୟାଚ ଦିନ ସାରା ଭାରତରେ ଛୁଟି ଘୋଷଣା କରାଯାଇଥିଲା ଓ ସବୁ ଦେଶବାଶୀ ରେଡିଓରେ ମ୍ୟାଚ୍ ବିବରଣୀ ଶୁଣିଥିଲେ। ବିଜୟ ପରେ ମାଲେସିଆରେ ରହୁଥିବା ଭାରତୀୟ ସମୁଦାୟ ଏକାଠି ହୋଇ ଉତ୍ସବ ପାଳନ କରିଥିଲେ। ହଜାର ହଜାର ଲୋକ ଫଟୋ ଓ ଅଟୋଗ୍ରାଫ ନେବା ପାଇଁ ଲାଇନ୍‌ରେ ଛିଡା ହୋଇଥିଲେ। ସ୍ୱଦେଶରେ ପହଞ୍ଚିବା ପରେ ଭାରତୀୟ ଖେଳାଳିଙ୍କୁ ହିରୋ ଭଳି ସ୍ୱାଗତ କରାଯାଇଥିଲା। ୪୫ ବର୍ଷ ପରେ ଅବଶ୍ୟ ଏହି ଐତିହାସିକ ସଫଳତାକୁ ସମସ୍ତେ ଭୁଲିଯାଇଛନ୍ତି। ଦ୍ୱିତୀୟଥର ପାଇଁ ଭାରତ ଏପର୍ଯ୍ୟନ୍ତ ବିଶ୍ୱକପ୍ ଜିତିନାହିଁ। କିନ୍ତୁ ୧୯୭୫ର ଏହି ଚାମ୍ପିୟନ ଦଳକୁ ଯେଭଳି ସମ୍ମାନ ମିଳିବା କଥା ତାହା ମିଳିନାହିଁ ବୋଲି ଅଶୋକ କୁମାର କହିଛନ୍ତି। ଏହି ବିଜୟ ନେଇ ଉତ୍ସବ ମନାଇବା ତ ଦୂରର କଥା, ଆମକୁ କେହି ଟିକେ ଶ୍ରେୟ ଦେଇନାହାନ୍ତି। କ୍ରିକେଟର ଗ୍ଲାମର ଆଗରେ ହକି ଫିକା ପଡିଛି ବୋଲି ଅଶୋକ କୁମାର କହିଛନ୍ତି।



୧୯୭୫ ହକି ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଖେଳାଳି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୭/୨୦୨୦ Sambalpur, Friday, March 27 / 2020

## ସଂକ୍ଷେପରେ

### କରୋନା ନେଲା ଫାରାଙ୍କ ଜୀବନ



ଲଣ୍ଡନ,୨୬।୩- ମାରାତ୍ମକ କରୋନା ଭାଇରସ୍ ଯୋଗୁ ସୋମାଲିଆର କିମ୍ବଦନ୍ତୀ ଫୁଟବଲ ଖେଳାଳି ଅବଦୁଲକା ଦିର ମହମ୍ମଦ ଫାରାଙ୍କ ମୃତ୍ୟୁ ଘଟିଛି। ଏ ନେଇ କନଫେଡେରେଶନ ଅଫ୍ ଆଫ୍ରିକାନ ଫୁଟବଲ (ସିଏଏଫ୍) ଓ ସୋମାଲିଆ ଫୁଟ୍‌ବଲ ଫେଡେରେଶନ (ଏସ୍ଏଫ୍ଏଫ୍) ପକ୍ଷରୁ ଘୋଷଣା କରାଯାଇଛି। ଗତ ସପ୍ତାହରେ କରୋନାରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ୫୯ ବର୍ଷୀୟ ଫାରା ନର୍ଥୱେଷ୍ଟ ଲଣ୍ଡନ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଖେଳ କ୍ୟାରିୟର ଶେଷ କରିବା ପରେ ଫାରା ସୋମାଲିଆର ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟର ଆଡଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଫାରା ପ୍ରଥମ ଆଫ୍ରିକାନ ଫୁଟବଲ ଖେଳାଳି ଭାବେ କରୋନା ଭାଇରସରେ ପ୍ରାଣ ହରାଇଛନ୍ତି।

### ସହାୟତାର ହାତ ବଢ଼ାଇଲା ପିସିଆଇ

ନୂଆଦିଲ୍ଲୀ, ୨୬।୩ (ପି.ଟି.)- ମହାମାରୀ କରୋନା ଭାଇରସ୍ ଯୋଗୁ ସଙ୍କଟଜନକ ସ୍ଥିତିଦେଇ ପୂରା ବିଶ୍ୱ ଗତି କରୁଛି। ଏଭଳି ଏକ ସମୟରେ କରୋନା ଭାଇରସ୍‌ର ମୁକାବିଲା କରିବା ପାଇଁ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ସହାୟତାର ହାତ ବଢ଼ାଇଛି। ପିସିଆଇ କର୍ମଚାରୀ ସେମାନଙ୍କର ଗୋଟିଏ ଦିନର ଦରମା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। 'ଏହିଭଳି ଏକ ଜଟିଳ ସମୟରେ ପ୍ରଧାନମନ୍ତ୍ରୀଙ୍କ ନିବେଦନକ୍ରମେ ଆମେ ଏକାଠି ଠିଆ ହୋଇଛୁ। ପିସିଆଇର ସମସ୍ତ ସଦସ୍ୟ ଓ କର୍ମଚାରୀ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଗୋଟିଏ ଦିନର ଦରମା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି' ବୋଲି ପିସିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

# ଆଇସିସିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି

**ନୂଆଦିଲ୍ଲୀ, ୨୬।୩ (ପି.ଟି.)**


କୋଭିଡ୍-୧୯ ସଂକ୍ରମଣ ବିଶ୍ୱ କ୍ରୀଡ଼ାଜଗତକୁ ସ୍ଥିର କରିଦେଇଛି। ଏହିପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଡକାଯାଇଛି। ଏଥିରେ ସଦସ୍ୟମାନେ ସାମ୍ପ୍ରତିକ ପରିସ୍ଥିତିରେ ଆଇସିସିର ଆକସ୍ମିକ ଯୋଜନା ସମ୍ପର୍କରେ ଆଲୋଚନା ହେବ। ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ବୈଠକ ହେବ। ୨୦୨୦ରେ ଆଇସିସିର ହାଇପ୍ରୋଫାଇଲ ଇଭେଣ୍ଟ ପୁରୁଷ ଟି୨୦ ବିଶ୍ୱକପ୍ ଅକ୍ଟୋବର-ନଭେମ୍ବରରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ କେତୋଟି ଦ୍ୱିପାକ୍ଷିକ ସିରିଜ ଖେଳାଯିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ସିରିଜକୁ ଯଦି ବାତିଲ କରିବାକୁ ପଡ଼େ ତେବେ ପଏଣ୍ଟ ବ୍ୟବସ୍ଥା କିପରି କାର୍ଯ୍ୟକାରୀ କରିବା ହେବ ଆଦି ପ୍ରସଙ୍ଗ ନେଇ ଏହି ବୈଠକରେ ଆଲୋଚନା ହେବ। କରୋନା ଭାଇରସ୍‌ର ଆବିର୍ଭାବ ପରେ ଇଂଲଣ୍ଡ ଏହାର ଶ୍ରୀଲଙ୍କା ଟୁର୍‌କୁ ସ୍ଥଗିତ ରଖିଛି। କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇ ଇତିମଧ୍ୟରେ ୨୦,୦୦୦ ଲୋକ ମୃତ୍ୟୁବରଣ କରିସାରିଲେଣି। ବର୍ତ୍ତମାନ ଏଭଳି ପରିସ୍ଥିତି ଉପୁଜିଛି ଯେ, କେତେବେଳେ ସ୍ୱାଭାବିକ ଅବସ୍ଥା ଫେରିବ ତାହା ପୂର୍ବାନୁମାନ କରିବା କଷ୍ଟକର। ଯଦି ଲକ୍ ଡାଉନ୍ ୨ମାସ ଧରି ଜାରି ରୁହେ ତେବେ ସେଥିପାଇଁ ଆମକୁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ (ଏଫ୍‌ଟିପି) ଶେଷ ହୋଇ ପାରିବ କି ନା ସେନେଇ ସନ୍ଦେହ ରହିଛି ବୋଲି ଏକ ସଦସ୍ୟ ରାଷ୍ଟ୍ରର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଗେମ୍ସ ପାଇଁ ପଏଣ୍ଟ ବଣ୍ଟନ ବ୍ୟବସ୍ଥା ଜାରି ରଖାଯିବା ନା ସ୍ଥଗିତ ରଖାଯିବ ତାହା ମଧ୍ୟ ଏକ ପ୍ରସଙ୍ଗ। ଜୁନ୍ ଓ ଜୁଲାଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲାଦେଶ ଘରୋଇ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ସେହିପରି ଭାରତ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଖେଳିବା ଯୋଜନା ରହିଛି। ବର୍ତ୍ତମାନ ପରିସ୍ଥିତିରେ ପଏଣ୍ଟ ବଣ୍ଟନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯିବ ତାହା ଏକ ପ୍ରଶ୍ନ। ଉଭୟ ଦଳକୁ ୬୦ପଏଣ୍ଟ ଲେଖାଏଁ ବାଣ୍ଟିଦିଆଯିବ କି ନା ସେ ବିଷୟରେ ଆଲୋଚନା ହୋଇପାରେ। ଏବେକା ପରିସ୍ଥିତି ଅନୁଧ୍ୟାନ କରାଗଲେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ କୌଣସି ବିପଦ ଥିବା ବିଷୟ ମନେ ହେଉନାହିଁ। ମାତ୍ର ଯଦି ଲକ୍‌ଡାଉନ୍‌କୁ ୨ରୁ ୩ ମାସ ଜାରି ରଖାଯାଏ ତେବେ ସେ ସମୟର ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ହୁଏତ ଯାତାୟାତ କ୍ଷେତ୍ରରେ କଟକଣା ଜାରି କରିପାରେ। ଅନିର୍ଦ୍ଦିଷ୍ଟ କାଳ ପାଇଁ କ୍ରିକେଟ କାର୍ଯ୍ୟକଳାପ ସ୍ଥଗିତ ରଖାଯିବା ଦ୍ୱାରା ସଦସ୍ୟ ରାଷ୍ଟ୍ରଗୁଡ଼ିକର ରାଜସ୍ୱ ସ୍ରୋତରେ ଅଙ୍କୁଶ ଲାଗିବ। ଏହାର ଫଳାଫଳ କ'ଣ ହେବ ତାହା ଅନୁମାନ ଲଗାଇବା କଷ୍ଟକର। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସମ୍ଭବତଃ ସଭାପତି ସୌରଭ ଗାଙ୍ଗୁଲି ବୋର୍ଡ ବୈଠକରେ ପ୍ରତିନିଧିତ୍ୱ କରିପାରନ୍ତି। ଗାଙ୍ଗୁଲି ଯଦି ଭାଗ ନ ନିଅନ୍ତି ତେବେ ସମ୍ପାଦକ ଜୟ ଶାହା ଏଥିରେ ଅଂଶଗ୍ରହଣ କରିପାରନ୍ତି।

### ୫୦ ଲକ୍ଷ ଟଙ୍କା ଦାନ କରିବ ଏମ୍‌ସିଏ

ମୁମ୍ବାଇ,୨୬।୩(ପି.ଟି.)- କୋଭିଡ୍-୧୯ ମହାମାରୀର ରୂପ ନେଇ ସାରିଥିବା ବେଳେ ଏହି ଭାଇରସ୍‌ର ସଂକ୍ରମଣକୁ ରୋକିବା ପାଇଁ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ମହାରାଷ୍ଟ୍ର ସରକାରଙ୍କୁ ୫୦ଲକ୍ଷ ଟଙ୍କା ଦାନ କରିବ। ଏମ୍‌ସିଏ ସମ୍ପାଦକ ସଞ୍ଜୟ ନାଏକ ଏ ନେଇ ସୂଚନା ଦେଇଛନ୍ତି। ଗୁରୁବାର ଏମ୍‌ସିଏ ଆପେକ୍ସ କାଉନସିଲର ବୈଠକ ବସିଥିଲା। ଅର୍ଥ ଦାନ ନେଇ ଏହି ବୈଠକରେ ଆସୋସିଏଶନ ଅଧ୍ୟକ୍ଷ ଓ ସମ୍ପାଦକଙ୍କୁ ଅଧିକାର ପ୍ରଦାନ କରାଯାଇଥିଲା ବୋଲି ନାଏକ କହିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯିବ। ଯଦି ସରକାର ଆବଶ୍ୟକ କରନ୍ତି ତା'ହେଲେ କ୍ୱାରେଣ୍ଟାଇନ୍ ପାଇଁ ୱାଙ୍ଖଡେ ଷ୍ଟାଡିୟମକୁ ପ୍ରସ୍ତୁତ କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ଏମସିଏ ତରଫରୁ କୁହାଯାଇଛି।

# ସେଲ୍‌ଫ ଆଇସୋଲେଶନରେ ବିଶ୍ୱ ଚାମ୍ପିୟନ ଜୋଶୁଆ

**ଲଣ୍ଡନ,୨୬।୩**



ବିଶ୍ୱ ହେଭିୱେଟ୍ ବକ୍ସିଂ ଚାମ୍ପିୟନ ଆଣ୍ଟୋନୀ ଜୋଶୁଆ ନିଜକୁ ସେଲ୍‌ଫ ଆଇସୋଲେଶନରେ ରଖିଛନ୍ତି। ସେ କରୋନାରେ ପୀଡ଼ିତ ପ୍ରିନ୍ସ ଚାର୍ଲ୍ସଙ୍କୁ ଭେଟିଥିଲେ। ବ୍ରିଟେନର ରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ବଡ଼ ପୁଅ ପ୍ରିନ୍ସ ଚାର୍ଲ୍ସଙ୍କଠାରେ ପ୍ରଥମେ ଲକ୍ଷଣ ଦେଖା ଦେଇଥିଲା। ଜୋଶୁଆ ଏବେ ସ୍କଟ୍‌ଲାଣ୍ଡଠାରେ ନିଜକୁ ସେଲ୍‌ଫ ଆଇସୋଲେଶନରେ ରଖିଥିବା ଅଫିସିଆଲଙ୍କ ପକ୍ଷରୁ କୁହାଯାଇଛି। ଜୋଶୁଆଙ୍କ ଜଣେ ପ୍ରବକ୍ତା କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସେ ଘରେ ଆଇସୋଲେଶନରେ ରହିଛନ୍ତି। ସେ ଏବେ ସୁସ୍ଥ ଅଛନ୍ତି। କରୋନା ପୀଡ଼ିତଙ୍କ ଆରୋଗ୍ୟ କାମନା କରିଛନ୍ତି। ଜୋଶୁଆ ଚ୍ୟାଲେଞ୍ଜର କୁବ୍ରାଟ ପୁଲେଭଙ୍କ ବିପକ୍ଷରେ ଆଇବିଏଫ, ଡବ୍ଲ୍ୟୁବିଏ ଓ ଡବ୍ଲ୍ୟୁବିଓ ଟାଇଟଲ ବଜାୟ ରଖିଥିଲେ। କରୋନା ଭାଇରସ ଯୋଗୁ ଡବ୍ଲ୍ୟୁବିସି ଚାମ୍ପିୟନ ଟାଇସନ ଫ୍ୟୁରିଙ୍କ ସହ ହେବାକୁ ଥିବା ମୁକାବିଲାକୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ସ୍ଥଗିତ କରାଯାଇପାରେ।

# ତେଲଙ୍ଗାନା, ଆନ୍ଧ୍ରକୁ ସିନ୍ଧୁଙ୍କ ଆର୍ଥିକ ସହାୟତା

କୋଭିଡ୍ ୧୯

**ନୂଆଦିଲ୍ଲୀ,୨୬।୩(ପି.ଟି.)**

କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ତଥା ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ତେଲଙ୍ଗାନା ଓ ଆନ୍ଧ୍ର ସରକାରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଦାନ କରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏହି ଅର୍ଥ ପ୍ରଦାନ କରାଯାଇଛି। ଏ ନେଇ ସିନ୍ଧୁ ନିଜ ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରି ଜଣାଇଛନ୍ତି। ଉଲ୍ଲେଖଥାଉ କି, ତେଲଙ୍ଗାନା ୨୦୧୪ରେ ଆନ୍ଧ୍ରଠାରୁ ଅଲଗା ହୋଇ ନୂଆ ରାଜ୍ୟର ମାନ୍ୟତା ପାଇଥିଲା।



କୋଭିଡ୍-୧୯ କାରଣରୁ ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୨୧,୦୦୦ ଲୋକ ପ୍ରାଣ ହରାଛନ୍ତି ଓ ୪,୦୦,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି। ଭାରତରେ ମଧ୍ୟ କୋଭିଡ୍-୧୯ ସଂକ୍ରମଣ ସଂଖ୍ୟା ୬୦୦ ପାର କରିସାରିଲାଣି ଓ ଏପର୍ଯ୍ୟନ୍ତ ୧୩ଜଣ ଲୋକ ପ୍ରାଣ ହରାଇଲେଣି। ଏପ୍ରିଲ ୧୪ ପର୍ଯ୍ୟନ୍ତ ସାରା ଦେଶରେ କେନ୍ଦ୍ର ସରକାର ଲକ୍ ଡାଉନ ଘୋଷଣା କରିଛନ୍ତି। କରୋନା ଭାଇରସ ସଂକ୍ରମଣ କାରଣରୁ ସାରା ବିଶ୍ୱରେ ସବୁପ୍ରକାର କ୍ରୀଡ଼ା ଆୟୋଜନକୁ ସ୍ଥଗିତ କରାଯାଇଛି। ଅଲିମ୍ପିକ୍ସ, ୟୁରୋ ଚାମ୍ପିୟନଶିପ ୨୦୨୦ ସମେତ ଏକାଧିକ ମେଗା ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି।

୨୦୧୬ ରିଓ ଅଲିମ୍ପିକ୍ସରେ ସିନ୍ଧୁ ରୌପ୍ୟ ପଦକ ହାସଲ କରିଥିଲେ। ନିଜ ର୍ୟାଙ୍କିଙ୍ଗ ବଳରେ ସିନ୍ଧୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଇତିମଧ୍ୟରେ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିଡବ୍ଲ୍ୟୁଏଫ୍ ମାର୍ଚ୍ଚ ୧୬ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ସବୁ ପ୍ରକାର ଟୁର୍ନାମେଣ୍ଟକୁ କରୋନା ଭାଇରସ କାରଣରୁ ସ୍ଥଗିତ ରଖିଛି କିମ୍ବା ବାତିଲ କରିଛି। ଏଥିମଧ୍ୟରେ ୩ଟି କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ସାମିଲ ରହିଛି।

# ଆର୍ଥିକ ସହାୟତା ଲୋଡ଼ିଲେ ଓ'ବ୍ରାଏନ୍

**ଖ୍ରୀଷ୍ଟଚର୍ଚ୍ଚ, ୨୬।୩**



କରୋନା ଭାଇରସ୍ ଯୋଗୁ ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର୍ ଇଆନ ଓ'ବ୍ରାଏନ ସଙ୍କଟରେ ଫଶିଯାଇଛନ୍ତି। ବ୍ରିଟେନରେ ରହିଥିବା ନିଜ ପରିବାରକୁ ଦେଖିବାକୁ ବ୍ୟାକୁଳ ଥିବା ଓ'ବ୍ରାଏନ୍ ବିମାନ ଟିକେଟ୍ କରିଥିଲେ। କିନ୍ତୁ କରୋନା ଯୋଗୁ ତାଙ୍କ ବିମାନ ରଦ୍ଦ ହୋଇଯାଇଛି। ଏବେ ପ୍ରତ୍ୟାବର୍ତ୍ତନ ଲାଗି ବିମାନ ଟିକେଟ୍ ପାଇଁ ତାଙ୍କ ପାଖରେ ଅର୍ଥ ନାହିଁ। ତେଣୁ ସେ ଟିକେଟ୍ କରିବା ପାଇଁ ଲୋକଙ୍କଠାରୁ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ୪୩ ବର୍ଷୀୟ ଓ'ବ୍ରାଏନ୍ ଏଥିପାଇଁ ସୋସିଆଲ୍ ମିଡିଆ ଟୁଇଟର୍ ସହାୟତା ନେଇଛନ୍ତି। 'ବ୍ରିଟେନ ପ୍ରତ୍ୟାବର୍ତ୍ତନ ଲାଗି ବିମାନ ଟିକେଟ୍ ପାଇଁ ଅର୍ଥର ଯୋଗାଡ଼ରେ ଲାଗିଛି। ମୋ ବିଚାରରେ ଯଦି କିଏ ସ୍କାଇପେ କିମ୍ବା ଭିଡିଓ କଲ୍ ଦ୍ୱାରା କ୍ରିକେଟ୍, ରାଜନୀତି, ସଚିନ, ମାନସିକ ସ୍ୱାସ୍ଥ୍ୟ ଆଦି ବିଷୟରେ କିଛି ଜାଣିବାକୁ ଇଚ୍ଛୁକ ଏବଂ କିଛି ଡଲାର ଦେବାକୁ ଚାହୁଁଛି ତେବେ ମୁଁ କଥା ହେବାକୁ ପ୍ରସ୍ତୁତ ରହିଛି' ବୋଲି ନ୍ୟୁଜିଲାଣ୍ଡର ଏହି ପୂର୍ବତନ ଦ୍ରୁତ ବୋଲର ଟୁଇଟର୍‌ରେ ଉଲ୍ଲେଖ କରିଛନ୍ତି। ପ୍ରକାଶଯୋଗ୍ୟ, ସ୍ତ୍ରୀ ରୋଜି ଏବଂ ଦୁଇ ସନ୍ତାନ ଏଲୋଥିଆ ଓ ଜେନଙ୍କ ସହ ଓ'ବ୍ରାଇନ ବ୍ରିଟେନରେ ରହୁଛନ୍ତି। କିନ୍ତୁ ନିକଟରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସେ ନିକଟରେ ନ୍ୟୁଜିଲାଣ୍ଡ ଗସ୍ତରେ ଆସିଥିଲେ। କିନ୍ତୁ କାମ ଶେଷ ପରେ ବ୍ରିଟେନ ଫେରିବାକୁ ଚାହିଁଥିଲେ ମଧ୍ୟ କରୋନା ଭାଇରସ୍ ଲାଗି ସେ ବୁକିଂ କରିଥିବା ବିମାନ ୩ ଥର ବାତିଲ ହୋଇଯାଇଛି। ଫଳରେ ତାଙ୍କ ପାଖରେ ଅର୍ଥର ଅଭାବ ଦେଖାଦେଇଛି। ନ୍ୟୁଜିଲାଣ୍ଡ ପାଇଁ ସେ ୨୦୦୫ରୁ ୨୦୦୯ ପର୍ଯ୍ୟନ୍ତ ୨୨ ଟେଷ୍ଟ, ୧୦ ଦିନିକିଆ ଓ ୪ ଟି୨୦ ମ୍ୟାଚ୍ ଖେଳିଛନ୍ତି।

### ଜନ୍ମଦିନରେ କେଦାରଙ୍କ ମହତ୍ କାର୍ଯ୍ୟ

ପୁନେ, ୨୬।୩: ଭାରତୀୟ କ୍ରିକେଟର୍ କେଦାର ଯାଦବ ଗୁରୁବାର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ରକ୍ତଦାନ କରି ସେ ଜନ୍ମଦିନକୁ ଅଧିକ ସ୍ମରଣୀୟ କରିଛନ୍ତି। ଜରୁରୀ ରକ୍ତ ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କୁ କେଦାର ରକ୍ତଦାନ କରିଥିଲେ। ଏହି ମହତ୍ କାର୍ଯ୍ୟ ଲାଗି ତାଙ୍କୁ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା କରାଯାଇଛି। ଏକ ଏନ୍‌ଜିଓ କେଦାର ରକ୍ତ ଦେବାବେଳର ଫଟୋ ସୋସିଆଲ ମିଡିଆରେ ଶେୟାର କରିବା ସହ ଜରୁରୀ ସମୟରେ ଏଭଳି ସହାୟତା କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛି। କେଦାର ୨୬ ମାର୍ଚ୍ଚ ୧୯୮୫ରେ ପୁନେରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୁରା ନାମ କେଦାର ମହାଦେବ ଯାଦବ। ଭାରତୀୟ ଦଳର ଏହି ମିଡିଲ୍‌ଅର୍ଡର ବ୍ୟାଟ୍ସମ୍ୟାନ ଆଇପିଏଲ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

# କ୍ୱାରାଣ୍ଟାଇନରୁ ଫେରିଲେ ମ୍ୟାକ୍‌ଲରେନ ସଦସ୍ୟ

**ପ୍ୟାରିସ, ୨୬।୩(ଏଏଫପି)**



ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ବାତିଲ ହେବା ପରଠାରୁ ମେଲବୋର୍ନରେ କ୍ୱାରାଣ୍ଟାଇନ୍‌ରେ ଥିବା ଇଂଲଣ୍ଡ ଭିତ୍ତିକ ମ୍ୟାକଲରେନ ଫର୍ମୁଲାୱାନ ଦଳର ସମସ୍ତ ସଦସ୍ୟ ଘରକୁ ଫେରିଛନ୍ତି। ''ମେଲବୋର୍ନରେ ସେଲ୍ଫ ଆଇସୋଲେଶନରେ ଥିବା ଟିମ୍‌ର ସମସ୍ତ ସଦସ୍ୟ ମ୍ୟାନେଜମେଣ୍ଟ ଷ୍ଟାଫ୍ ସୁସ୍ଥଭାବେ ଘରକୁ ଫେରିଛନ୍ତି'' ବୋଲି ମ୍ୟାକଲରେନ ଟିମ୍‌ର ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ଅଷ୍ଟ୍ରେଲିଆନ ମେଡିକାଲ କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ମ୍ୟାକଲରେନ ଟିମ୍‌ର ୧୬ ସଦସ୍ୟ ୨ ସପ୍ତାହପାଇଁ କ୍ୱାରାଣ୍ଟାଇନ୍‌ରେ ଥିଲେ। ପ୍ରକାଶ ଯୋଗ୍ୟ ଯେ ମ୍ୟାକଲରେନ ଟିମ୍‌ର ଜଣେ ମେକାନିକ୍‌ଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଅନ୍ୟଜଣଙ୍କ ଠାରେ କରୋନା ଲକ୍ଷଣ ଦେଖା ଦେଇଥିଲା। ଏମାନଙ୍କ ସହିତ ସଂସ୍ପର୍ଶରେ ଆସିଥିବାରୁ ଅନ୍ୟ ସଦସ୍ୟଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖା ଯାଇଥିଲା ମେକାନିକଙ୍କଠାରେ ଆଉ ସେପରି କୌଣସି ଲକ୍ଷଣ ଦେଖା ଯାଉ ନ ଥିବା ମ୍ୟାକଲରେନ ପକ୍ଷରୁ ଗତ ସପ୍ତାହରେ ଘୋଷଣା କରାଯାଇଥିଲା। ଟିମ୍‌ର ଜଣେ ସଦସ୍ୟ କରୋନା ଭାଇରସରେ ସଂକ୍ରମିତ ଜଣା ପଡ଼ିବାପରେ ମ୍ୟାକଲରେନ ରେସ୍‌ରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲା। ପରେ ୨୦୨୦ ସିଜନର ଏହି ପ୍ରଥମ ଗ୍ରାଁ ପ୍ରି ବାତିଲ ହୋଇଥିଲା। ପରେ ମୋନାକୋ ଗ୍ରାଁ ପ୍ରି ମଧ୍ୟ ବାତିଲ ହୋଇଥିବାବେଳେ ବାହାରିନ, ଭିଏତନାମ, ଚାଇନା, ନେଦରଲାଣ୍ଡ୍ସ, ସ୍ପେନ ଓ ଆଜରବୈଜାନ ଗ୍ରାଁ ପ୍ରିକୁ ସ୍ଥଗିତ ରଖା ଯାଇଛି। ଜୁନ ୧୪ରେ ମଣ୍ଟ୍ରିଲ ଗ୍ରାଁ ପ୍ରିରୁ ସିଜନ ଆରମ୍ଭ ହେବା ସମ୍ଭାବନା ରହିଛି। ଚଳିତ ବର୍ଷ ମୋଟ ୨୨ଟି ଗ୍ରାଁ ପ୍ରି ହେବାର ଥିଲା। ମାତ୍ର ତାହା ଏବେ ୧୫ରୁ ୧୮କୁ କମାଇ ଦିଆଯାଇଛିବୋଲି ଏଫ୧ ଚେୟାରମ୍ୟାନ ଚେଜ୍ କାରେ ପ୍ରକାଶ କରିଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରତ୍ନପ୍ରଭା ଦେବୀ
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭
ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ସ୍ୱାମୀ: ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଷଡ଼ଙ୍ଗୀ ଏବଂ ପରିବାରବର୍ଗ।
ଧ-୧୬୩୧୨

### ଏକାଦଶ ଉପଲକ୍ଷେ



ସ୍ୱର୍ଗତ ବି.ଏନ୍ ମହାନ୍ତି
ଚଣ୍ଡିଛକ, କଟକ
ଆବିର୍ଭାବ: ୦୨।୦୮।୧୯୩୬
ତିରୋଧାନ: ୧୭।୦୩।୨୦୨୦
ଆପଣଙ୍କ ଶରୀର ପଞ୍ଚଭୂତରେ ଲୀନ ହେଲେ ମଧ୍ୟ ଆମମାନଙ୍କ ହୃଦୟରେ ଆପଣ ସର୍ବଦା ଜୀବିତ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ମସ୍ତକରେ ରହିଥାଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପିଲାମାନେ: ଲିଟି, ପିଙ୍କି, ସୁବୁ
ଧ-୧୬୨୫୦


# କୋଚ୍‌ମାନଙ୍କ କାର୍ଯ୍ୟକାଳ ବଢ଼ାଇବ ଭାରତ

**ନୂଆଦିଲ୍ଲୀ,୨୬।୩(ପି.ଟି.)**



ଆଣ୍ଡ୍ରୁ କୁକ



ପାଭେଲ ସ୍ମିରନୋଭ



ସାଣ୍ଟିଆଗୋ ନିଏଭା



ଭୋଲକେର ହରମ୍ୟାନ

୨୦୨୦ ଟୋକିଓ ଅଲିମ୍ପିକ୍ସ ପରେ ଯେଉଁ କୋଚ୍‌ମାନଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା ସେମାନଙ୍କ ଚୁକ୍ତି ମିଆଦ ବୃଦ୍ଧି କରାଯିବ। ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ନିଷ୍ପତ୍ତି ନେବା ପରେ କୋଚ୍‌ମାନେ ଦାୟିତ୍ୱରେ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ଅଲିମ୍ପିକ ପ୍ରସ୍ତୁତି ପାଇଁ କୋଚ୍‌ମାନେ ଆହୁରି ଗୋଟିଏ ବର୍ଷ ଦାୟିତ୍ୱରେ ରହି ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବେ।

ଏହି କୋଚ୍‌ମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ମହିଳା ରେସଲିଂ କୋଚ୍ ଆଣ୍ଡ୍ରୁ କୁକ୍, ଶୁଟିଂ କୋଚ୍ ପାଭେଲ ସ୍ମିରନୋଭ, ଦୁଇ ବକ୍ସିଂ କୋଚ୍ ସାଣ୍ଟିଆଗୋ ନିଏଭା ଓ ରାଫାଏଲେ ବେର୍ଗାମାସ୍କୋ, ଆଥଲେଟିକ୍ସ ହାଇ ପରଫର୍ମାନ୍ସ ଡିରେକ୍ଟର ଭୋଲକେର ହରମ୍ୟାନ। ଏମାନଙ୍କର ଚୁକ୍ତି ଅଲିମ୍ପିକ୍ସ ପରେ ଶେଷ ହେବାର ଥିଲା। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କୋଚ୍‌ମାନଙ୍କ ପାଉଣା ପ୍ରଦାନ କରିଥାଏ। କ୍ରୀଡ଼ା ଓ ଖେଳାଳିମାନଙ୍କ ସ୍ୱାର୍ଥକୁ ଲକ୍ଷ୍ୟ କରି କୋଚ୍‌ଙ୍କ ଚୁକ୍ତି ମିଆଦ ବୃଦ୍ଧି କରାଯିବାରେ କୌଣସି ସମସ୍ୟା ନାହିଁ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ସମ୍ପାଦକ ଭି.ଏନ. ପ୍ରସୁଦ କହିଛନ୍ତି।

**ଅଲିମ୍ପିକ୍ସ ୨୦୨୧**

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ୨୧ ଦିନିଆ ଲକ୍‌ଡାଉନ ସମାପ୍ତ ହେଲେ ସ୍ଥିତି ସ୍ପଷ୍ଟ ହେବ ବୋଲି ପ୍ରସୁଦ କହିଛନ୍ତି। ସେହିପରି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ), ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଯେଉଁ ବିଦେଶୀ କୋଚ୍‌ମାନେ ଆମ ସହିତ ଜଡିତ ରହିଆସୁଛନ୍ତି ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବ ବୋଲି ବିଏଫ୍‌ଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଗାମୀ କେତେ ସପ୍ତାହ ମଧ୍ୟରେ ଏ ନେଇ ଲେଖାପଢା ହେବ ବୋଲି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ଅଧ୍ୟକ୍ଷ ଆଡିଲ ସୁମାରିୱାଲା କହିଛନ୍ତି।

ସେହିପରି ପୁରୁଷ ଓ ମହିଳା ହକି ଦଳର ବିଦେଶୀ କୋଚ୍ ଓ ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କ ଚୁକ୍ତି ବୃଦ୍ଧି କରିବାକୁ ସାଇକୁ ଅନୁରୋଧ କରାଯାଇଛି ବୋଲି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କହିଛନ୍ତି। ସବୁ ବିଦେଶୀ କୋଚ୍‌ଙ୍କ ସହ ଆମେ ଆଲୋଚନା କରିଛୁ ଓ ସେମାନେ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ସମର୍ପିତ ବୋଲି ନର୍ମାନ କହିଛନ୍ତି। ଏପର୍ଯ୍ୟନ୍ତ ଅଲିମ୍ପିକ୍ସ ପାଇଁ ୮୦ଜଣ ଭାରତୀୟ ଆଥଲେଟ୍ ଯୋଗ୍ୟତା ହାସଲ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହେଲେ ଅଲିମ୍ପିକ୍ସରେ ସାମିଲ ହେବାକୁ ଥିବା ଭାରତୀୟ ଆଥଲେଟମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

### ତୁର୍କୀ ବକ୍ସର କରୋନାରେ ସଂକ୍ରମିତ

**ୱାଶିଂଟନ୍, ୨୬।୩ (ଏପି)**

ତୁର୍କୀର ଜଣେ ବକ୍ସର ସରହାଦ୍ ଗୁଲର ଏବଂ ତାଙ୍କ ଟ୍ରେନର ସୈଫୁଲ୍ଲା ଡମ୍‌ଲୁପିନାର କରୋନା ଭାଇରସ ଦ୍ୱାରା ସଂକ୍ରମିତ ଥିବା ଜଣାପଡ଼ିଛି। ଲଣ୍ଡନରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫିକେଶନ ପ୍ରତିଯୋଗିତାରୁ ଏହି ଦୁଇ ଜଣ ଫେରିଥିଲେ। ତର୍କୀ ବକ୍ସିଂ ଫେଡେରଶନ ତରଫରୁ ଏହି ସୂଚନା ଦିଆଯାଇଛି। ଫେଡେରଶନର କହିବା ଅନୁସାରେ ପ୍ରତିଯୋଗିତା ଲାଗି ପ୍ରସ୍ତୁତ ହେବା ଲାଗି ତାଙ୍କ ବକ୍ସିଂ ଦଳ ମାର୍ଚ୍ଚ ୩ରୁ ଶିଫିଲ୍ଡରେ ଏକ ଟ୍ରେନିଂ କ୍ୟାମ୍ପରେ ଥିଲା। ସେଠାରୁ ମାର୍ଚ୍ଚ ୧୧ରେ ଲଣ୍ଡନ ଯାତ୍ରା କରିଥିଲା। ସମଗ୍ର ଟିମ୍ ଗୋଟିଏ ହୋଟେଲରେ ଅବସ୍ଥାନ କରିଥିଲେ। ସରକାରୀ ସଂଗଠନ ଏଆଇବିଏ ଏହାର ପ୍ରତିଯୋଗିତାକୁ ସସ୍‌ପେଣ୍ଡ କରିଥିବାରୁ ଆଇଓସି ତରଫରୁ ବକ୍ସିଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ତୁର୍କୀଶ ଟିମ୍ ମାର୍ଚ୍ଚ ୧୫ ଓ ୧୬ରେ ପ୍ରତିଯୋଗିତାରେ ଭାଗ ନେଇଥିଲା। ଆଇଓସି ପ୍ରତିଯୋଗିତା ସ୍ଥଗିତ ରଖିବା ପରେ ମାର୍ଚ୍ଚ ୧୭ରେ ଟିମ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ